# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

VOLUME- 43 • ISSUE-109 • WEDNESDAY • 15 OCTOBER 2025 • PAGE-12 • ₹ 6.00

SAMBALPUR

ବର୍ଷ-୪୩ • ସଂଖ୍ୟା-୧୦୯ • ବୁଧବାର • ୧୫ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




କୁଲଦୀପ ସିରିଜ୍‌ର ଶ୍ରେଷ୍ଠ

▸ପୃଷ୍ଠା ୧୨ ଦେଖନ୍ତୁ...




indriya.com

ଗହଣା ଯାହା ଆଣେ
ଅମୂଲ୍ୟ କ୍ଷଣ ପ୍ରତି ପର୍ବରେ

ADITYA BIRLA
JEWELLERY

INDRIYA
ADITYA BIRLA | JEWELLERY

ବେଷ୍ଟ୍ ଫେଷ୍ଟିଭ୍ ଅଫର୍‌ସ

ଯେକୌଣସି କ୍ୟାରେଟ୍'ର ପୁରୁଣା
ସୁନା ଦାମରେ 0% କଟାଣ*

35% ପର୍ଯ୍ୟନ୍ତ ଛାଡ଼
ଗୋଲ୍ଡ ଆଉ ଡାଇମଣ୍ଡ ଜ୍ୱେଲରୀ ରେ*^#
(ସୁନା ଦାମରେ ₹900 ପର୍ଯ୍ୟନ୍ତ ପ୍ରତି ଗ୍ରାମ୍‌ରେ ବଞ୍ଚାନ୍ତୁ)

ଡବଲ୍ ଗୋଲ୍ଡ ରେଟ୍ ସୁରକ୍ଷା

20% ଆଡ୍‌ଭାନ୍‌ସ ଭରନ୍ତୁ ଆଉ
ନିଜ ଗୋଲ୍ଡ ମୂଲ୍ୟ ଲକ୍ କରନ୍ତୁ*#

ମୂଲ୍ୟ ବଢ଼ିଲେ, ଲକ୍ଡ ମୂଲ୍ୟ ହିଁ ଦିଅନ୍ତୁ ।
ମୂଲ୍ୟ କମିଲେ, କମିଥିବା ମୂଲ୍ୟ ଦିଅନ୍ତୁ ।

HDFC BANK

FESTIVE TREATS

| | | |
|---|---|---|
| Instant Discount with HDFC Bank Credit Cards*# | ₹2,500 | ₹5,000 |
| Minimum Transaction | ₹50,000 | ₹1,00,000 |

ଷ୍ଟୋର୍ ଏବେ ଖୋଲାଥିବା ଠିକଣା: କ୍ରିଷ୍ଟାଲ୍ କୋର୍ଟ୍ୟାର୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର


indriya.com
ADITYA BIRLA
JEWELLERY
INDRIYA
ADITYA BIRLA | JEWELLERY
presents
alka
FESTIVE COLLECTION
ଏହି ପର୍ବର ଦିନରେ ଇନ୍ଦ୍ରିୟା ଷ୍ଟୋର୍ କୁ ଆସନ୍ତୁ
ଆଉ ଦେଖନ୍ତୁ ପ୍ରେମରେ ଝିଲିମିଲି ନୂଆ ଅଳକା କଲେକ୍‌ଶନ୍ କୁ ।
ତାହାର ଆଲୋକେ ପର୍ବଣ ହେବ ଅଧିକ ପ୍ରିୟ ।
ପ୍ରତି କ୍ଷଣରେ ଦୀପ୍ତି ହେଇଛି ପ୍ରିୟଜନଙ୍କର ସ୍ନିଗ୍ଧତା ।
ସୁନା, ପୋଲ୍‌କୀ ଓ ହୀରାର 20,000 ରୁ ଅଧିକ
ଡିଜାଇନ ଦେଖି ହୃଦୟରେ ଭରିଯିବ ଅସୀମ ପ୍ରେମର ସ୍ପନ୍ଦନ ।
ତଥାପି ମନ କହିବ, ମନ ଏବେବି ଭରି ନାହିଁ
ଷ୍ଟୋର୍ ଏବେ ଖୋଲାଥିବା ଠିକଣା: କ୍ରିଷ୍ଟାଲ୍ କୋର୍ଟ୍‌ୟାର୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର




- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-109 ♦WEDNESDAY ♦15 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୯ ♦ବୁଧବାର ♦୧୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ହିମାଳୟର ୮୬% ଅଞ୍ଚଳ ବରଫାବୃତ୍ତ

## ଆଗୁଆ ଆସିବ ଶୀତ, ଅଧିକ ଦିନ ରହିବ



■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୧୦ (ସମିସ):** ଚଳିତ ବର୍ଷ ଶୀଘ୍ର ମୌସୁମୀ ଆସିଥିଲା, ସ୍ୱାଭାବିକ ଭାବରେ ବର୍ଷିବା ସହ ଧାର୍ଯ୍ୟ ସମୟରେ ବିଦାୟ ନେଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଶୀଘ୍ର ଆସିବ ଥଣ୍ଡା। ଏପରିକି ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ଅଧିକ ଥଣ୍ଡା ପଡ଼ିବ ବୋଲି ପାଣିପାଗବିଜ୍ଞାନୀମାନେ ଆକଳନ କରୁଛନ୍ତି। ପ୍ରାୟ ୨ ମାସ ପୂର୍ବରୁ ହିମାଳୟ ଉପରାର୍ଦ୍ଧର ୮୬% ଅଞ୍ଚଳ ବରଫରେ ଆବୃତ୍ତ ହୋଇଛି ଓ ହିମାଳୟର ନିମ୍ନଭାଗ ଅଞ୍ଚଳର ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୩ ଡ଼ିଗ୍ରୀ ପର୍ଯ୍ୟନ୍ତ କମ୍ ହୋଇଛି ଓ ବରଫ ତରଳିବା ହାର ପ୍ରାୟ ଶୂନ୍ୟକୁ ଖସି ଆସିଛି। ଡିସେମ୍ବରରେ ଲା ନିନା ସକ୍ରିୟ ହେବା ସମ୍ଭାବନା ଥିବାରୁ ଚଳିତବର୍ଷ ଭାରତରେ ଭଲ ବର୍ଷା ହୋଇଛି ଓ ଅଧିକ ଥଣ୍ଡା ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ହିମାଳୟର ଉପରାର୍ଦ୍ଧ ଅର୍ଥାତ୍ ୪ ହଜାର ଫୁଟ ଉଚ୍ଚରୁ ଅଧିକ ଅଞ୍ଚଳରେ ତାପମାତ୍ରା ଏବେ ବିୟୁକ୍ତ ୧୫ ଡ଼ିଗ୍ରୀ ରହିଛି। ଲା ନିନା କାରଣରୁ ଉତ୍ତର, ମଧ୍ୟ ଓ ପୂର୍ବ ଭାରତରେ ତାପମାତ୍ରା ଖୁବ୍ ଶୀଘ୍ର ୩ରୁ ୪ ଡ଼ିଗ୍ରୀ ପର୍ଯ୍ୟନ୍ତ କମିପାରେ ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ, ସିକିମ୍, ଉତ୍ତରାଖଣ୍ଡ, ଜାମ୍ମୁକାଶ୍ମୀର ତାପମାତ୍ରା ଦ୍ରୁତ ବେଗରେ ହ୍ରାସ ପାଇଛି। ଏପରିକି ମଧ୍ୟପ୍ରଦେଶରେ ତାପମାତ୍ରା ୧୬ ଡ଼ିଗ୍ରୀ ଫସିଛି। ଭୋପାଳରେ ତାପମାତ୍ରା ସ୍ୱାଭାବିକଠାରୁ ୪ ଡ଼ିଗ୍ରୀ କମ୍ ହୋଇ ୧୫.୮ ଡ଼ିଗ୍ରୀକୁ ଖସିଛି। ରାଜସ୍ଥାନରେ ଦିନ ଓ ରାତିର ତାପମାତ୍ରା ମଧ୍ୟ ହ୍ରାସ ପାଇଛି । ରାତିର ତାପମାତ୍ରା ୧୫ ଡ଼ିଗ୍ରୀ ତଳକୁ ଖସିଥିବା ▶ପୃଷ୍ଠା-୧୦

# ୧୫.୬୭ ଲକ୍ଷ ହିତାଧିକାରୀଙ୍କ ଚାଉଳ ବନ୍ଦ

- ଗଞ୍ଜାମରୁ ସର୍ବାଧିକ ୧.୬୪ ଲକ୍ଷ ହିତାଧିକାରୀ ବାଦ
- କଟକରୁ ବାଦ୍ ୯୧ ହଜାର, ମୟୂରଭଞ୍ଜରୁ ୮୭ ହଜାର
- ବଲାଙ୍ଗିରରୁ ୮୩ ହଜାର, କଳାହାଣ୍ଡିରୁ ୮୨ ହଜାର ବାଦ
- କେନ୍ଦ୍ର ଦ୍ୱାହି ଦେଇ ହାତ ଟେକିଦେଲେ ଯୋଗାଣ ମନ୍ତ୍ରୀ



■ **ଭୁବନେଶ୍ୱର, ୧୪।୧୦ (ସମିସ):** ଆସନ୍ତା ମାସରୁ ରାଜ୍ୟର ୧୫.୬୭ ଲକ୍ଷ ହିତାଧିକାରୀଙ୍କୁ ମିଳିବ ନାହିଁ ମାଗଣା ଚାଉଳ। ଇ-କେୱାଇସି କରି ନ ଥିବା ଯୋଗୁଁ ସେମାନଙ୍କୁ ଚାଉଳ ମିଳିବ ନାହିଁ । ରାଜ୍ୟ ଖାଦ୍ୟ ଓ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏପରି ସୂଚନା ପରେ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଗରିବ ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ୬୭ ହଜାର ହିତାଧିକାରୀ କେୱାଇସି କରିନାହାନ୍ତି। କେନ୍ଦ୍ର ସରକାର ଇ-କେୱାସି ପ୍ରକ୍ରିୟା ବନ୍ଦ କରିଦେଇଛନ୍ତି। କେୱାଇସି କରି ନ ଥିବା ଲୋକଙ୍କୁ ଚଳିତ ମାସ ଚାଉଳ ପ୍ରଦାନ କରାଯାଇଛି; ମାତ୍ର ଶୀଘ୍ର ଏହି ଚାଉଳ ପ୍ରଦାନ ବନ୍ଦ କରିଦିଆଯିବ। ଆଗାମୀ ଦିନରେ ଯଦି କେନ୍ଦ୍ର ସରକାର ଇ-କେୱାଇସି ଅବଧି ବଢ଼ାଇବେ, ତେବେ ଆମେ ମଧ୍ୟ ଏହି ଅବଧି ବଢ଼ାଇବୁ। ଯଦି କିଏ ବାଦ୍ ରହିଯାଇଥିବ, ତେବେ ସେମାନଙ୍କୁ ଲିଖିତ ଭାବେ ଦେବାକୁ ପଡିବ। ତାପରେ ଯାଇ ଆମେ ସେମାନଙ୍କ କଥା ବିଚାର କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

ରାସନ କାର୍ଡରେ ଥିବା କିମ୍ବା ପରିବାର ସମସ୍ତ ସଦସ୍ୟଙ୍କୁ ଆଉ ଥରେ କେୱାଇସି କରିବା ବାଧ୍ୟତାମୂଳକ କରାଯାଇଥିଲା। ହେଲେ ଧାର୍ଯ୍ୟ ତାରିଖ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଲକ୍ଷ ଲକ୍ଷ ଯୋଗ୍ୟ ହିତାଧିକାରୀ ଇ-କେୱାଇସି ▶ପୃଷ୍ଠା-୧୦

## ରୁପା ୨ ଲକ୍ଷ ପାର୍

### ସପ୍ତାହକରେ ୩୩ ହଜାର ମହଙ୍ଗା

■ **ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି):** ଇତିହାସ ରଚିଲାଣି ସୁନା ଓ ରୁପା ଦର। ଦୈନିକ ଦରରେ ନୂଆ ରେକର୍ଡ ପ୍ରତିଷ୍ଠା ହେଉଛି। ସୋମବାର ଘରୋଇ ବଜାରରେ ପୁନର୍ବାର ସୁନା ଏବଂ ରୂପା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ହେଲେ ଦର ବୃଦ୍ଧି କ୍ଷେତ୍ରରେ ବର୍ତ୍ତମାନ ସୁନା ଦରକୁ ବଳିଯାଉଛି ରୁପା ଦର। ରକେଟ୍ ଭଳି ଉଠିବାରେ ଲାଗିଛି ରୁପା ଦର। ଏମିତିକି ମାତ୍ର ଗୋଟିଏ ଦିନରେ ରୁପା କିଲୋ ପିଛା ୭ ହଜାର ଟଙ୍କାରୁ ଅଧିକ ବୃଦ୍ଧି ଘଟିଛି। ଫଳରେ ପ୍ରଥମ ଥର ପାଇଁ ଦେଶରେ ରୁପା ଦର ୨ ଲକ୍ଷ ଟଙ୍କା ଟପି ଇତିହାସ ରଚିଛି। ଏଥିରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ▶ପୃଷ୍ଠା-୧୦

### ବୈଷ୍ଣୋଦେବୀରୁ ଫେରିବାବେଳେ ଦୁର୍ଘଟଣା

## ସୋନପୁରର ୩ ଶ୍ରଦ୍ଧାଳୁ ମୃତ





■ **ତରଭା, ୧୪।୧୦ (ସମିସ):** ଜମ୍ମୁ-କାଶ୍ମୀରର ପ୍ରସିଦ୍ଧ ଦେବୀପୀଠ ବୈଷ୍ଣୋଦେବୀଙ୍କ ଦର୍ଶନ ପାଇ ଯାଇଥିବା ସୋନପୁରର ୩ଶ୍ରଦ୍ଧାଳୁଙ୍କ ସେଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ମୃତକମାନେ ହେଲେ, ତରଭାର ବିଚିତ୍ର କୁମାର ସାହୁ (୬୬), ତାଙ୍କ ପତ୍ନୀ କବିତା ସାହୁ(୫୮) ଓ ବନ୍ଧୁ ଯୋଗିନ୍ଦ୍ର ମଟାରୀ (୬୬)। ଆଜି ସକାଳେ ଏହି ଦୁଃଖଦ ଘଟଣା ଘଟିଛି। ଏମାନେ ଏକ ଅଟୋରେ ଜାମ୍ମୁ-କଟରା ଏକ୍ସପ୍ରେସ୍-ୱେରେ ଯାଉଥିବା ବେଳେ ଏକ ବୁଲାଣିରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବସ୍ ଧକ୍କା ଦେଇଥିଲା। ଏଥିରେ ସ୍ଥାନୀୟ ଅଟୋ ଚାଳକଙ୍କ ମଧ୍ୟ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ତରଭାର ବିଚିତ୍ର ଓ ଯୋଗିନ୍ଦ୍ରଙ୍କ ପରିବାର ମିଳିତ ଭାବେ ଗତ ୧୧ ତାରିଖରେ ବୈଷ୍ଣୋଦେବୀ ଦର୍ଶନ ପାଇଁ ଯାଇଥିଲେ। ସାଥିରେ ବିଚିତ୍ରଙ୍କ ପତ୍ନୀ କବିତା ଓ ଯୋଗିନ୍ଦ୍ରଙ୍କ ପତ୍ନୀ ସ୍ନେହଲତା ▶ପୃଷ୍ଠା-୧୦

### ଦୀପାବଳିରେ ବାଣଫୁଟା ମାର୍ଗଦର୍ଶିକା ଜାରି

## ଜଗିବ କିଏ ? ମାପିବ କିଏ ?

■ **ଭୁବନେଶ୍ୱର, ୧୪।୧୦ (ସମିସ):** ଏଥର ଦୀପାବଳିରେ ମାତ୍ର ୨ ଘଣ୍ଟା ବାଣ ଫୁଟାଯାଇ ପାରିବ, ତାହା ପୁଣି ସବୁଜ ବାଣ। ଏଥିପାଇଁ ପୁଣି ସର୍ତ୍ତ ରହିଛି ଯେ ଏହି ବାଣର ଶବ୍ଦ ୧୨୫ ଡ଼େସିବେଲରୁ ଅଧିକ ହେବ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନୁରୂପ ମାର୍ଗଦର୍ଶିକା ଜାରି କରିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଏହା ସହ ଯେଉଁମାନେ ଏହି ନିୟମ ନ ମାନିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ଏହି ନିର୍ଦ୍ଦେଶକୁ ନେଇ ମଧ୍ୟ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଧାର୍ଯ୍ୟ ସମୟ ମଧ୍ୟରେ ବାଣ ଫୁଟାଯିବା ବେଳେ ଏହାର ଡେସିବେଲ କିଏ ମାପିବ ଏବଂ ୭ଟା ପୂର୍ବରୁ ଓ ୯ଟା ପରେ ବାଣଫୁଟାକୁ କିଏ ଜଗିବ ବୋଲି ପ୍ରଶ୍ନ ଉଠିଛି।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସବୁଜ ବାଣ ବ୍ୟତୀତ ▶ପୃଷ୍ଠା-୧୦



- ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଫୁଟାଯିବ ବାଣ
- ୧୨୫ ଡେସିବେଲରୁ ଅଧିକ ହେବନି ଶବ୍ଦ
- ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

Flipkart ଓ amazon.in ରେ ମିଳୁଛି

ଆପଣଙ୍କ ପାଖ ଡୀଲର୍ ଙ୍କ ଠିକଣା ଜାଣନ୍ତୁ

pulsar DEFINITELY DARING

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗସ 22 ସେପ୍ଟେମ୍ବର 2025 ରୁ ବୈଧ । ମୋଟ ସଞ୍ଚୟରେ ଅଛି 100% GST ଲାଭ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ପ୍ରଯୁଜ୍ୟ RTO କର ରେ), ନିଲ୍ ପ୍ରୋସେସିଙ୍ଗ ଫୀ, ଆଉ 1-ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ । ଫାଇନାନ୍ସର୍/ଇନ୍ସ୍ୟୋରର୍ ଆଉ ଲୋକେଶନ୍ ଅନୁସାରେ ନିଲ୍ PF ଆଉ OD ରେ ସଞ୍ଚୟ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । 5 ବର୍ଷର ଷ୍ଟାଣ୍ଡାର୍ଡ ୱାରଣ୍ଟୀ + 5 ବର୍ଷର ଏକ୍ସଟେଣ୍ଡେଡ୍ ୱାରଣ୍ଟୀ @ ₹999/- । ପ୍ରଦର୍ଶିତ ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ପରିବେଶରେ କରାଯାଇଛି । ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ, ସବୁବେଳେ ଟ୍ରାଫିକ୍ ଓ ସେଫ୍ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 • Keonjhar JR BAJAJ 9937697094 / 9439008692• Angul: JAMUNA BAJAJ 7682899351 Chendipada 9692646493 • Rourkela RM BAJAJ 9078083803 • Sundergarh RM BAJAJ 9078083500 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356.

# ଥୁଆମୂଳରାମପୁର ବ୍ଲକ୍ ଘେରିଲା ବିଜେଡି

ଥୁଆମୂଳରାମପୁର,୧୪।୧୦(ସମିସ)

କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ବିଜେଡି ପକ୍ଷରୁ ୧୫ ଦଫା ଦାବି ନେଇ ମଙ୍ଗଳବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି କପିଳାସ ନାଏକଙ୍କ ଅଧ୍ୟକ୍ଷତାରେ ବିଶାଳ ଶୋଭାଯାତ୍ରାରେ ବାହାରି ବ୍ଲକ ପରିସରରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଦାବି ଗୁଡିକ ହେଲା ବ୍ଲକ୍ କାର୍ଯ୍ୟାଳୟରେ ଅଫିସରଙ୍କ ମନମୁଖୀ କାର୍ଯ୍ୟ ବନ୍ଦକରିବା, ସରକାରୀ ନିୟମର ଉଲଙ୍ଘନ ବା ପଞ୍ଚାୟତ ରାଜ ଲୋକପ୍ରତିନିଧିଙ୍କ ବିଶ୍ୱାସକୁ ନନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସରକାରଙ୍କ ଦଲାଲ ସାଜି ଅସମ୍ମାନ କରିବା ବନ୍ଦକରିବା, ସ୍ଥାନୀୟ ବିଧାୟକ, ଜିଲ୍ଲାପରିଷଦ, ସମିତି ସଭ୍ୟ/ସଭ୍ୟ, ସରପଞ୍ଚ ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା ନ କରିବା, କାମଧନ୍ଦା ନମିଳିବାରୁ ଅନେକ ଶ୍ରମିକ ଦାଦନ ଯାଉଛନ୍ତି ତେଣୁ ଉନ୍ନୟନମୂଳକ କାର୍ଯ୍ୟ ସବୁ ଆରମ୍ଭ କରିବା, ଶ୍ରମିକଙ୍କୁ କାମଧନ୍ଦା ଯୋଗାଇ ଦେବା ଓ ବେକାରୀ ସମସ୍ୟା ଦୁର କରିବା, ୩୦% ପ୍ରତିଶତ ପିସି କାରବାର ବନ୍ଦକରିବା, ଲଘୁଚାପ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଗୃହ ଯୋଗାଣ,ବାଳିଚର ଚାଷୀଙ୍କୁ କ୍ଷତିପୂରଣ ଦେବା,ଲଘୁଚାପ ଜନିତ ବର୍ଷାରେ କ୍ଷୟକ୍ଷତି ସମସ୍ତ ରାସ୍ତାର ମରାମତି ଏବଂ ବିଦ୍ୟୁତ ସଂଯୋଗ କରିବା, ଓଏମ୍‌ସିକୁ ଦିଆଯାଇଥିବା ଜମି ଗ୍ରାମବାସୀଙ୍କୁ ଅତିଶୀଘ୍ର ଫେରସ୍ତ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ ,ଆୟୁଷ୍ମାନ ଯୋଜନା, ସିଏମ୍ କିଶାନ ଯୋଜନା, ପିଏମ୍ କିଶାନ ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଡିବା, ଏମ୍‌ବିକେ, ସିଆର୍‌ପି ଓ ମିଶନଶକ୍ତି ମା'ମାନଙ୍କୁ ପୂର୍ବଭଳି ଆର୍ଥିକ ସାହାଯ୍ୟ ସୁବିଧା ଓ ସ୍ଥାୟୀ ନିଯୁକ୍ତି ଦିଆଯିବା,ବାଦ ପଡ଼ିଥିବା ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇଦେବା,ମନରେଗାରେ ୩୦୦ ଦିନ କାମ ଯୋଗାଇ ଦେବା ସହ ଦୈନିକ ମଜୁରୀ ୩୫୨ ଟଙ୍କା ଦେବା ସମେତ ୧୫ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବଦ୍ରୀ ପଟ୍ଟନାୟକ, ଅନୁସୂଚିତ ଜନଜାତି ବିଭାଗର ବରିଷ୍ଠ ନେତା ପରମାନନ୍ଦ ମାଝୀ, ଜିଲ୍ଲା ଯୁବ ବିଜେଡି ସଭାପତି ତ୍ରିଲୋଚନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସଲା, ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ମାଝୀ,ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଗୋବିନ୍ଦ ପ୍ରଧାନୀ, ବିଧାୟକ ପ୍ରତିନିଧି ମାଣିକ୍ୟଚନ୍ଦ୍ର ନାଏକ,ବିଜେଡି ନେତ୍ରୀ କସ୍ତୁରୀ ପାଣିଗ୍ରାହୀ,ଯଶୋବନ୍ତି ନାଏକଙ୍କ ସମେତ ପ୍ରତ୍ୟେକ ପଞ୍ଚାୟତର ଦଳୀୟ ମୁଖ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।




## ● ପଲମକୁ ନୂତନ ବ୍ଲକ୍ ଘୋଷଣା ଦାବି
# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ଭବାନୀପାଟଣା,୧୪।୧୪(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ପଲମକୁ ନୂତନ ବ୍ଲକ୍ ମାନ୍ୟତା ପାଇଁ ୧୩ଟି ପଞ୍ଚାୟତ ବାସିନ୍ଦା ଦାବି କରିଛନ୍ତି। ମଙ୍ଗଳବାର କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ତାଙ୍କ ବାସ ଭବନରେ ଦାବିପତ୍ର ପ୍ରଦାନ କରିଛନ୍ତି।୧୩ଟି ପଞ୍ଚାୟତର ଜନପ୍ରତିନଧି ଶିକ୍ଷାବିତ ଓ ଜନସାଧାରଣ ଯୋଗଦେଇ ପଲମରେ ନୂତନ ବ୍ଲକ୍ ଗଠନ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବା ପାଇଁ ଏକଜୁଟ ହେଇଛନ୍ତି।ଏଥିପାଇଁ ପାଇଁ ପୂର୍ବରୁ ୧୩ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ୍ ଗଠନ କମିଟି କରାଯାଇଛି।କମିଟିର ସଭାପତି ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ଉପସଭାପତି ପଲମ ସରପଞ୍ଚ ହେମକିଶୋର ନାଗ, ସଂପାଦକ ଦେବରାଜ ରଣା,ସହ ସଂପାଦକ ରମେଶଚନ୍ଦ୍ର ମାଝୀ ଓ ସୁଶାନ୍ତ ପରିଡା, କୋଷାଧ୍ୟକ୍ଷ ଭାବରେ ଇଶ୍ୱରଚନ୍ଦ୍ର ମାଝୀ ଓ ବେଣୁଧର ମାଝୀ ଓ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ବୁଦ୍ଧିଯିବି କାର୍ଯ୍ୟକାରୀ ସଭ୍ୟ ଆର୍ତ୍ତତ୍ରାଣ ସିଂହ,ଜନ୍ମେଜୟ କମ୍ପ,ଲୋକନାଥ ଦାସ,ନିଳାମ୍ବର ବେହେରା,ବୁଦ୍ଧିରାମ ସାହୁ, ଜନ୍ମେଜୟ ସାହୁ ସା,ହିରାମଣୀ ସାହୁ ,ଟୁପିଲାଲ୍ ସାହୁ, ନିରଞ୍ଜନ ନନ୍ଦ, ଜଗତରାମ ଭୋଇ, ଶରତଚନ୍ଦ୍ର ଭୋଇ,ଲକ୍ଷ୍ମୀପତି ସାହୁ ,ଫାଲଗୁନୀ ସାହୁ ଓ ଅନେକ ଶିକ୍ଷାବିତ୍ ଉପଦେଷ୍ଟା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।ପଲମରେ ନୂତନ ବ୍ଲକ୍ ଗଠନ ପାଇଁ ୧୯୯୨ ମସିହାରୁ ଦାବି ହୋଇଆସୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ପଲମରେ ନୂତନ ବ୍ଲକ୍ ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନୂତନ ବ୍ଲକ୍ ହେବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଛନ୍ତି।

## ■ ନୂଆପଡ଼ା ଉପନିର୍ବାଚନ
# ଦ୍ୱିତୀୟ ଦିନରେ ୬ଜଣ ପ୍ରାର୍ଥୀପତ୍ର ନେଲେ



ନୂଆପଡା,୧୪।୧୦(ସମିସ):ନୂଆପଡ଼ା ଉପନିର୍ବାଚନ ସକାଶେ ବିଜ୍ଞପ୍ତି ପ୍ରକାଶ ପରେ ମଙ୍ଗଳବାର ଦ୍ୱିତୀୟ ଦିନରେ ୬ ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ନେଇଥିବା ବେଳେ ସମୁଦାୟ ୯ଟି ଫାର୍ମ ବିକ୍ରି ହୋଇଥିବା ଜଣାପଡିଛି। ପ୍ରାର୍ଥୀପତ୍ର ନେଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ଖଡ଼ିଆଳର କିଶୋର ବାଗ,ବୋଡେନ ବ୍ଲକ୍ କିରକେଲାର ଦିଗପାଳ ନାଗ, ନୂଆପଡାର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ସୋନପୁର ଜିଲ୍ଲା ବିର ମହାରାଜପୁରର ଆଶ୍ରୟ ମହାନନ୍ଦ, ନୂଆପଡାର ପୁନମ କୁମାର ସାହୁ, କପଳାଭଟା ବଙ୍ଗୋମୁଣ୍ଡାର କମଳ କୁମାର ଛତ୍ରିଆ ପ୍ରମୁଖ ସାମିଲ ଅଛନ୍ତି।

# ଗିରିଗୋବର୍ଦ୍ଧନ ପୂଜା ପାଇଁ ମାଟି ଅନୁକୂଳ



ସିନାପାଲି,୧୪।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଚଳନା ଠାରେ ଅନୁଷ୍ଠିତ ହେବାକୁ ଥିବା ଗିରିଗୋବର୍ଦ୍ଧନ ପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ମାଟିର ଦେବୀ ପୂଜକ କମଳ ଭୋଇଙ୍କ ପୂଜା ଅର୍ଚ୍ଚନା ପରେ ପୂଜା ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ନେତୃତ୍ୱରେ ପବିତ୍ର ମାଟି ଅନୁକୂଳ କରି ଶଙ୍ଖ ଘଣ୍ଟ ଓ ସଙ୍କୀର୍ତ୍ତନ ସହିତ ସ୍ଥାପିତ କରାଯାଇଥିଲା। ଆସନ୍ତା ୨୮ ତାରିଖ ଅଧିବାସ ହୋଇ ୨୯ରୁ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ୩୦ ତାରିଖ ଦିନ ଉଦ୍‌ଯାପିତ ହେବ ବୋଲି ଜଣାପଡିଛି। ଏନେଇ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ପୂଜା କମିଟିର ସଭାପତି ତ୍ରିନାଥ ଛତ୍ରିଆ ଙ୍କ ନେତୃତ୍ୱରେ ଆୟୋଜନ ଚାଲିଥିବା ବେଳେ ଅନ୍ୟାନ୍ୟ ସଦସ୍ୟମାନେ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ପଞ୍ଚଗାଁ ଗୋଁଣ୍ଡ ସାଂସ୍କୃତିକ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ସିନାପାଲି,୧୪।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ପତିଆଲପଡା ଗ୍ରାମରେ ପଞ୍ଚଗାଁ ଗୋଁଣ୍ଡ ସାଂସ୍କୃତିକ ସମାଜ ଭରୁଆମୁଣ୍ଡା ଅଞ୍ଚଳ ତରଫରୁ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭରୁଆମୁଣ୍ଡା ଆଞ୍ଚଳିକ ଗୋଣ୍ଡ ସାଂସ୍କୃତିକ ସମାଜର ଜନସାଧାରଣ ଏକତ୍ରିତ ହୋଇ ନବାନ୍ନ ଖାଇ ପରସ୍ପର ମଧ୍ୟରେ ଜୁହାର ଭେଟ୍ ହୋଇଥିଲେ। ଆରମ୍ଭରେ ସମାଜର ଇଷ୍ଟଦେବୀ ଦେବୀଙ୍କୁ ପୂଜାର୍ଚ୍ଚନା ପରେ ଏକତ୍ରିତ ହୋଇ ନୂଆ ଖାଇ ଭାଇଚାରା ବଜାୟ ରହିବା ସାଙ୍ଗକୁ ସମାଜର ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। କାନ୍ତି ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିକେଶନ ମାଝି,ଜଗସନ ମାଝି,ଦୁର୍ବଳ ମାଝି, ଧନିରାମ ଧରୁଆ,ରତ୍ନାକର ମାଝି,ମନସିଂ ମାଝି,ବାଲମୁକୁନ୍ଦ ମାଝି, ହରିଶ୍ଚନ୍ଦ୍ର ମାଝି, ଯୁଗେଶ୍ୱର ମାଝି, ନୂଆପଡା ସରପଞ୍ଚ ପୁର୍ଣ୍ଣମି ମାଝି,ଡିଙ୍ଗର ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଦେବରାଜ ମାଝି ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ସମାଜର ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ସାମିଲ ଥିଲେ।




## ବିନା ରୟାଲଟିରେ ଶହ ଶହ ଟ୍ରିପ୍ ବାଲି ଚାଲାଣ
# କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି



ଧର୍ମଗଡ,୧୪।୧୦(ସମିସ):ଧର୍ମଗଡ ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ବାଲି ଚୋରା ଚାଲାଣ ହୋଉଥିବା ଅଭିଯୋଗ ହୋଉଛି। ଏହାକୁ ରୋକିବାକୁ ଧର୍ମଗଡ ବ୍ଲକ୍ ବିଜେଡି ପକ୍ଷରୁ ବ୍ଲକ୍ ସଭାପତି ଡାକେଶ୍ୱର ଲହଜଲଙ୍କ ନେତୃତ୍ୱରେ ଧର୍ମଗଡ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଧର୍ମଗଡ ବ୍ଲକ୍ ଛିଲିପା ପଞ୍ଚାୟତ ଛାଲିପା ଓ କୁଟୁରୁଘାଟରୁ ବିନା ରୟାଲଟିରେ ଶହ ଶହ ଗାଡି ଯୋଗେ ବାଲି ଚୋରାଚାଲାଣ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉ ଥିବା ଦାବିରେ ଉଲ୍ଲେଖ କରାଯାଇଛି।ଏପରିକି ରାସ୍ତା ଗୁଡିକ ଶୋଚନୀୟ ହେବା ସାଙ୍ଗେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଉଛି।ଧର୍ମଗଡ ଅଞ୍ଚଳରେ ବାଲି ମାଫିଆଙ୍କ ପତିଆରା ଦିନ କୁ ଦିନ ବିସ୍ତାର ହେଉଛି। ଖୋଲମଖୋଲା ବାଲି ଚୋରା ଚାଲାଣ କରୁଥିବା ବେଳେ ପ୍ରଶାସନ ନିରବ ହୋଇ ବସିଥିବା ଜଣାପଡ଼ିଛି।ଏଥିରେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଆଲୋଚନା ହେଉଛି।ବାଲି ମାଫିଆମାନେ କୁଟୁରୁ ଓ ଛାଲିପା ବାଲିଘାଟରୁ ହାଏୱ ଯୋଗେ ଦୈନନ୍ଦିନ ଶହ ଶହ ଟ୍ରିପ୍ ବାଲି ନେଉଥିବା ବେଳେ ପ୍ରଶାସନ ଜାଣି ଶୁଣି ନିରବ ସାଜିବା ନୀତିକୁ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଉଛି।ଏହି ଘାଟରୁ ନବରଙ୍ଗପୁର, ଛତିଶଗଡ଼ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରାଯାଉଛି।ଏପରିକି ଅନେକ ମାଫିଆ ଘାଟରୁ ବାଲି ଟାଣି ସ୍ୱତନ୍ତ୍ର ସ୍ଥାନରେ ଗଚ୍ଛିତ ରଖି ଚଢା ଦରରେ ବିକ୍ରି କରୁଥିବା ଭଳି ଅଭିଯୋଗ ବହୁ ଦିନରୁ ଉଠି ଆସୁଛି।କେବଳ କୁଟୁରୁ କି ଛାଲିପା ବାଲିଘାଟ ଛଡାପର୍ଲା ,ଘୁମର, ଚିଲିଚିଲା ଆଦି ସ୍ଥାନରୁ ମଧ୍ୟ ଚୋରାଚାଲାଣ ହେଉଥିବା ଚର୍ଚ୍ଚା ହେଉଛି।ଏହାକୁ ରୋକିବାକୁ ଧର୍ମଗଡ ବ୍ଲକ୍ ବିଜେଡି ପକ୍ଷରୁ ଧର୍ମଗଡ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।ଦାବିପତ୍ର ପ୍ରଦାନରେ ସନ୍ତୋଷ କୁମାର ପାଢୀ,ସୁନୀଲ ଭଇସାଲ,ଗୋବର୍ଦ୍ଧନ ଶବର,ଗୁଣ ଶବର, ରୋମାଞ୍ଚଳ ବାରିକ ମନଜିତ ଦାସ ଅରକ୍ଷିତ ଭଏସାଲ,ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ଚାଷ ନଷ୍ଟ କରୁଛନ୍ତି ବାର୍‌ହାପଲ
## ସରକାରୀ ସହାୟତା ପାଇଁ ଦାବି

ଗୋଲାମୁଣ୍ଡା,୧୪।୧୦(ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଜଙ୍ଗଲି ବାରାହ ଉପଦ୍ରବରେ ଚାଷୀଙ୍କ ଧାନ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି।ଚଳିତ ବର୍ଷ ଧାର କରଜ କରି ବିହନ ଓ ସାର ଯୋଗାଡ଼ କରି କରିଥିଲେ ଚାଷୀ। ଏପଟେ ଅଦିନିଆ ବର୍ଷାରେ ଧାନ ଅମଳ କରି ପାରୁ ନ ଥିବା ବେଳେ ଜଙ୍ଗଲି ବାରାହ ଉପଦ୍ରବରେ ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସାଜିଛି। ମାନଝରୀ ପଞ୍ଚାୟତ ଅନ୍ତର୍ଗତ ଗ୍ରୀଣ୍ଡୋଲ ଗ୍ରାମର ନରସିଂହ ମୁଣ୍ଡ,ଲାବାନ୍ୟ ମାଝୀ,ପରିକ୍ଷିତ ମହାନନ୍ଦ,ପାରେଶ୍ୱର ତେଜି,ହରେରାମ ତେଜି,ଡିଲେଶ୍ୱର ତେଜି,ଜୟରାମ ମାଝୀ, ବଡ ମାଝୀ, ଅଦିତ୍ୟ ମାଝୀ, ସେଣୋ ମାଝୀ,ଟିକେ ଚନ୍ଦ୍ର ମାଝୀ,ଗୁନଶୁରିଆ ଛତ୍ରିଆ, ଦିବାକର କେତକୀ, ଭାସ୍କର କେତକୀ, ରାଜନା ମାଝୀ,ପୁସ୍ତମ ବରେଟ, ତ୍ରିନାଥ କାଣ୍ଡ, ଅଭିରାମ ମାଝୀ ,ଶଶିଧର କେତକୀ ସମସ୍ତଙ୍କ ବାରା ଯୋଗୁଁ ଧାନ ଫସଲ ନଷ୍ଟ ନେଇ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ୧୨୦ ରୁ ୧୩୦ ଦିନିଆ ଧାନ ଅମଳ ସମୟ ହୋଇଥିବା ବେଳେ ବାରା ଧାନ ଫସଲ ନଷ୍ଟ କରୁଥିବା ନେଇ ଚାଷୀ ମହଲରେ ଉଦବେଗ ପ୍ରକାଶ ପାଇଛି। ଏନେଇ କେଗାଁ ବନାଞ୍ଚଳ ଅଧିକାରୀ ସ୍ଥିତି ଅନୁଧ୍ୟାନ କରି କ୍ଷୟକ୍ଷତି ଆକଳନ କରି ସରାକାରୀ ସହାୟତା ଯୋଗାଇଦେବାକୁ ଚାଷୀ ମହଲରେ ଦାବୀ ହେଉଛି।



## କ୍ଷେତ୍ର ପରିଦର୍ଶନ କଲେ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀ
# ଡିସେମ୍ବର ସୁଦ୍ଧା ପୋଲ କାମ ସାରିବାକୁ ପ୍ରତିଶ୍ରୁତି



କେସିଙ୍ଗା,୧୪।୧୦(ସମିସ) ବାରମ୍ବାର ଅଭିଯୋଗ ପରେ ଶେଷରେ ପଥର୍ଲା ଉରୁଜୋର ପୋଲ ଆପ୍ରୋଚ ରାସ୍ତା ଦେଖିବାକୁ ଆସିଲେ କେସିଙ୍ଗା ଗ୍ରାମ୍ୟଉନ୍ନୟନ ବିଭାଗୀୟ ଅଧିକାରୀ। ପ୍ରକାଶ ଥାଉକି କେସିଙ୍ଗା ବ୍ଲକ ଅଧୀନ ପଥର୍ଲା ଗାଁର ଉରୁଜୋରରେ ବହୁ ବର୍ଷ ପୂର୍ବେ ଏକ ଅସ୍ଥାୟୀ ପୋଲ ନିର୍ମାଣ ହୋଇଥିଲା ଯାହାର ଉଚ୍ଚତା କମଥିବାରୁ ବର୍ଷା ଦିନେ ପୋଲ ଉପରେ ପାଣି ପ୍ରବାହିତ ହୋଇ ରାସ୍ତା ବିଚ୍ଛିନ୍ନ ହେଉଥିଲା। ଫଳସ୍ୱରୁପ୍ ଏହି ରାସ୍ତାରେ ଉପରେ ନିର୍ଭର କରୁଥିବା ପ୍ରାୟ ପାଞ୍ଚ ଛଅ ଖଣ୍ଡ ଗ୍ରାମର ହଜାର ହଜାର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ଲୋକଙ୍କ ଅନେକ ଦିନର ଦାବି ପରେ ଶେଷରେ ନବୀନ ସରକାର ଅମଳରେ ପ୍ରାୟ ଦୁଇ ବର୍ଷ ତଳେ ଏକ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ପୋଲର କାମ ସରିଯାଇଥିଲେ ମଧ୍ୟ ପୋଲର ଉଭୟ ପାଶ୍ୱର୍ରେ ଆଜି ପର୍ଯ୍ୟନ୍ତ ଆପ୍ରୋଚ ରାସ୍ତା କାମ ହୋଇନାହିଁ। ତେଣୁ ଅଞ୍ଚଳବାସୀଙ୍କ କାମରେ ଆସୁନି ଉକ୍ତ ପୋଲ ଯାହକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି।

ଅଞ୍ଚଳବାସୀ କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ସୋମବାର କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକରୀ କାନନ ପ୍ରଧାନ ଓ ଯନ୍ତ୍ରୀ ପଥର୍ଲା ଗାଁ ନିକଟରେ ନିର୍ମାଣ ହୋଇଥିବା ଉରୁଜୋର ପୋଲର ଆପ୍ରୋଚ ରାସ୍ତା ଦେଖିବାକୁ ଆସି ଡିସେମ୍ବର ସୁଦ୍ଧା ଆପ୍ରୋଚ ରାସ୍ତା କାମ ସମ୍ପୂର୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ନଦୀରେ ଭାସିଯାଇ ମହିଳାଙ୍କ ମୃତ୍ୟୁ

ଥୁଆମୂଳରାମପୁର,୧୪।୧୦(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ଗୋପାଳପୁର ପଞ୍ଚାୟତର ଖମାରପଦର ନିକଟ ଇନ୍ଦ୍ରାବତୀ ନଦୀରେ ବାଲି କାଢୁଥିବା ସମୟରେ ଜଣେ ମହିଳା ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିବା ବେଳେ ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ଖମାରପଦର ଗ୍ରାମର ଲେତ୍ରା ମାଝୀଙ୍କ ସ୍ତ୍ରୀ ରୁକ୍ମଣୀ (୫୫) ବୋଲି ଜଣାପଡିଛି।ସୂଚନା ମୁତାବକ ଖମାରପଦର ଗ୍ରାମର କିଛି ମହିଳା ନଦୀରୁ ବାଲି କାଢି ତାକୁ ବିକ୍ରି କରି ଦି ପଇସା ପାଉଥିଲେ। ଯେଉଁଥିରେ ତାଙ୍କର ପରିବାର ପ୍ରତିପୋଷଣ କରୁଥିଲେ।ମଙ୍ଗଳବାର ମଧ୍ୟ ବାଲି କାଢିବାକୁ ଯାଇଥିବା ବେଳେ ନଦୀ ସ୍ରୋତରେ ଭାସିଯାଇଥିଲେ। ସୂଚନା ପାଇ ଥୁଆମୂଳରାମପୁର ଅଗ୍ନିଶମ ବିଭାଗର ହାବିଲଦାର ବନମାଳୀ ପୂଜାରୀଙ୍କ ନେତୃତ୍ୱରେ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ନଦୀ ଗର୍ଭରେ ବୁଡିଯାଇଥିବା ରୁକ୍ମଣୀର ମୃତଦେହ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଥୁଆମୂଳରାମପୁର ପୁଲିସ ପକ୍ଷରୁ ସବ୍ ଇନ୍ସପେକ୍ଟର ଭାସ୍କର ଖୋସ୍ଲା ପହଞ୍ଚି ତଦନ୍ତ ଆରମ୍ଭ କରି ଶବବ୍ୟବଚ୍ଛେଦ ପାଇଁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ଥୁଆମୂଳରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେଇଛି।

## ● ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
# କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ




ଭବାନୀପାଟଣା,୧୪।୧୦(ସମିସ): ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ 'ଫ୍ରମ ଡାଟା ଟୁ ଡିସିଜନ- ଆନାଲିଟିକ୍ସ ଫର୍ ମେଟରନାଲ୍ ଆଣ୍ଡ ଚାଇଲ୍ଡ ୱେଲ ବିଙ୍ଗ' ଶୀର୍ଷକରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି।ଭାରପ୍ରାପ୍ତକୁଳପତି ଅନ୍ୱେଷାର ଇତିହାସ ସଂପର୍କରେ ସ୍ୱଷ୍ଟୀକରଣ ଦେଇଥିଲେ। ଏହି ଅଭିଭାଷଣରେ କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ.ଶୁଭଶ୍ରୀ ଦର୍ଶନ ବକ୍ତା ରୂପେ ଉପସ୍ଥିତ ହୋଇ ବିଷୟ ଆଧାରିତ ସ୍ୱାସ୍ଥ୍ୟସେବା ସୂଚନା ବିଜ୍ଞାନ, କ୍ଲିନିକାଲ ଟେକ୍ସଟ ମାଇନିଂ, ପରିବେଶଗତ ଡାଟା ମଡେଲିଂ ଓ କୃତ୍ରିମବୁଦ୍ଧିମତା ସଂପର୍କରେ ବିଶ୍ଳେଷଣ କରିଥିଲେ। ନାରୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାର ଉନ୍ନତି ପାଇଁ ତଥ୍ୟଗତ ବିଜ୍ଞାନକୁ କିପରି ଉପଯୋଗ କରାଯାଇପାରିବ ଆଲୋକପାତ କରିଥିଲେ। ଉକ୍ତ ଅଭିଭାଷଣରେ କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ନକୁଳ ଚରଣ ମାଝୀ ବିଷୟ ସଂପର୍କିତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପିକା ନେହା ରଥ ଓ ସୁଶ୍ରୀ ପୂଜାଶ୍ରୀ ପାତ୍ର ସାହାଯ୍ୟ କରିଥିଲେ। ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ସୀମାଞ୍ଚଳ ମିଶ୍ର ଓ କମ୍ପ୍ୟୁଟର ସହାୟକ ଅଖିଳେଶ ଉପସ୍ଥିତ ଥିଲେ। ପ୍ରଥମ ବର୍ଷ ଛାତ୍ରୀ ସୁଶ୍ରୀ କୁଙ୍କୁମ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଥମ ବର୍ଷ ଛାତ୍ର ଶ୍ରୀମାନ ଶୁଭମଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ମନରେ ଥିବା ଦ୍ୱନ୍ଦକୁ ଉତ୍ତର ମାଧ୍ୟମରେ ସମାଧାନ କରିଥିଲେ। କମ୍ପ୍ୟୁଟର ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ଭାରତ ମିଶନ ପ୍ରହସନ
# ବର୍ଷ ବର୍ଷ ଧରି ଶୌଚାଳୟରେ ତାଲା

ଧର୍ମଗଡ,୧୪।୧୦(ସମିସ)



ସରକାର ପରିବେଶ ଓ ସୁସ୍ଥ ସମାଜ ଗଠନ ପ୍ରତି ଯତ୍ନବାନ ଜନସାଧାରଣ ସୁବିଧା ପାଇ ସ୍ଥାନେ ସ୍ଥାନେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିଥିଲେ।ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ ହୋଇଛି।ହେଲେ ଲୋକଙ୍କ କାମକୁ ଆସି ପାରୁ ନ ଥିବା ଭଳି ଅଭିଯୋଗ ହେଉଛି। ଗାଁ ପରିବେଶ ନିର୍ମଳ ରଖିବା ତଥା ସାଧାରଣଙ୍କ ସୁବିଧା ପାଇ ପଞ୍ଚାୟତମାନଙ୍କରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଛି।ଛକ କିମ୍ବା ଲୋକ ଗହଳି ସ୍ଥାନ ହେଉ ଅବା ପର୍ଯ୍ୟଟନ ସ୍ଥଳ ନିକଟରେ ନିର୍ମାଣ କରାଯାଇଛି ଗୋଷ୍ଠୀ ଶୌଚାଳୟ। ସାଧାରଣଙ୍କ ସୁବିଧା ମଳ ମୁକ୍ତ ପରିବେଶ ଦିଗରେ ବେଶ ଏହା ସହାୟକ ହୋଇ ପାରିବା ଆଶା କରାଯାଇଥିଲା।ହେଲେ ନିର୍ମାଣ କାମ ଶେଷ ହୋଇଥିଲେ ହିଁ ଲୋକଙ୍କ କାମକୁ ଆସି ପାରିନାହିଁ। ଜୟନ୍ତପୁର,ପର୍ଲା ପଞ୍ଚାୟତ,ଛାଲିପା,ତମ୍ବାଛଡାରେ ଏଭଳି ଅଭିଯୋଗ ଉଠିଛି। ପର୍ଲା ମୁଖ୍ୟ ଛକ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ କାମ ଶେଷ ହୋଇଛି। ହେଲେ ମାସ ମାସ ଧରି ଗୋଷ୍ଠୀ ଶୌଚାଳୟରେ ତାଲା ଝୁଲୁ ଥିବା ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି।ବସ୍‌ଷ୍ଟାଣ୍ଡକୁ ଲାଗି ରହିଥିବା ବେଳେ ଯାତ୍ରୀମାନେ ଏଠାରେ ଅପେକ୍ଷା କରିଥାନ୍ତି।ହେଲେ କୌଣସି ଶୌଚ ପାଇଁ ସୁବିଧା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଇଛି।ସେଭଳି ଜୟନ୍ତପୁର ପଞ୍ଚାୟତ ଅଧୀନରେ ବୋଟକା ଜୋର ନିକଟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଛି। ନିର୍ମାଣ ପରେ ବି ବର୍ଷ ବର୍ଷ ଧରି ତାଲା ପଡି ରହିଛି।ଯାହା ଲୋକଙ୍କ ବ୍ୟବହାରକୁ ଆସିପାରୁ ନ ଥିବା ଅଭିଯୋଗ ହେଉଛି।ସେହିପରି ଛାଲିପା ପଞ୍ଚାୟତ ଜେନା ଡଙ୍ଗର ଓ ଗୋଲେଇ ଛକ ଠାରେ ମଧ୍ୟ ସମାନ ଅବସ୍ଥା। ତମ୍ବାଛଡା ପଞ୍ଚାୟତ ରେ ମଧ୍ୟ ସମାନ ଅବସ୍ଥା ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇ ତାଲା ଝୁଲୁଛି ଓ ସମ୍ପୃକ୍ତ ଠିକାଦାର ଜଣକ ଏକ ବ୍ୟକ୍ତିଗତ ଶୌଚାଳୟ ଟାଙ୍କିରେ ଗୋଷ୍ଠୀ ଶୌଚାଳୟର ଟାଙ୍କି ନିର୍ମାଣ ନ କରି ଉକ୍ତ ବ୍ୟକ୍ତିଗତ ଟାଙ୍କିରେ ସଂଯୋଗ କରି ଦେଇଛନ୍ତି। ଯାହାଫଳରେ ଡବଲ ଇଞ୍ଜିନ ସରକାରର ନାରା ସ୍ୱଚ୍ଛ ଭାରତ ମିଶନ ଧର୍ମଗଡ଼ ବ୍ଲକ୍‌ରେ ସମ୍ପୂର୍ଣ୍ଣ ଭୁଶୁଡି ପଡିଛି।ଏଥିପ୍ରତି ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କୋକସରା ତହସିଲ ପକ୍ଷରୁ ରାଜସ୍ୱ ସେବା ଶିବିର

କୋକସରା,୧୪।୧୦(ସମିସ): ଜମିହୀନ ହିତାଧିକାରୀ ଓ ନିଜସ୍ୱ ଜମି ନଥିବା କୋକସରା ବ୍ଲକ୍‌ର ଶିକ୍ଷାନୁଷ୍ଠାନ ଓ କିଛି ସରକାରୀ ଅନୁଷ୍ଠାନ ଜମି ଯୋଗାଇ ଦେବା ପାଇଁ ସରକାର ପାଖରେ ଆବେଦନ କରିବା ସହ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କ ଉଦ୍ୟମ ବଳରେ ମଙ୍ଗଳବାର କୋକସରା ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ରାଜସ୍ୱ ସେବା ଶିବିରରେ ଧର୍ମଗଡ଼ ବିଧାୟକ ସୁଧିର ପାଟ୍ଟଯୋଷୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବସୁନ୍ଧରା ଯୋଜନାରେ ୨୦୫ ଜଣ ହିତାଧିକାରୀଙ୍କ ବ୍ୟତିତ ଅବକାରୀ ବିଭାଗ ଓ ୧୧ଟି ଶିକ୍ଷାନୁଷ୍ଠାନ ସମେତ ଜଙ୍ଗଲ ସୁରକ୍ଷା ଅଧିନିୟମ ବଳରେ ହିତାଧିକାରୀଙ୍କୁ ଶିରୋନାମ ପ୍ରଦାନ କରିଛନ୍ତି। ଏହି ଅବସରରେ ଧର୍ମଗଡ଼ ବିଧାୟକ ଶ୍ରୀ ପାଟ୍ଟଯୋଷୀ ଯେଉଁମାନେ ଏହି ଯୋଜନାରେ ଆବେଦନ କରିଛନ୍ତି ଓ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ସରକାର ଖୁବଶୀଘ୍ର ପଟ୍ଟା ବଣ୍ଟନ କରିବ ବୋଲି କହିଥିଲେ। ଶିଘ୍ର ଘର ଡିହ ଚିହ୍ନଟ କରିବା ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ।କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ। କାର୍ଯ୍ୟକ୍ରମରେ କୋକସରା ବ୍ଲକ୍‌ର ବିଭିନ୍ନ ଗ୍ରାମରୁ ଜମିହୀନ ହିତାଧିକାରୀ ଯୋଗଦେଇ ଥିଲେ। ଶିବିରକୁ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ପରିଚାଳନା କରିଥିବାବେଳେ ବରିଷ୍ଠ ରାଜସ୍ୱ ସହାୟକ ରାଜିନ ନାଏକ, ପ୍ରମୋଦ କୁମାର ମାଝୀ, କନିଷ୍ଠ ରାଜସ୍ୱ ସହାୟକ ଦର୍ଶନ କୁମାର ଭୋଇ, ଅଭିଳାଷ ଦାସ,ଏଫ୍‌ଆରଏ ଏମ୍‌ଆଇଏସ୍ ଆଶିଷ୍ଟାଣ୍ଟ ହିମାଂଶୁ ନାଏକ,ଅମିନ୍ ଭବାନୀ ଶଙ୍କର ମାଝୀ,ଏଆରଆଇ ପ୍ରଦ୍ୟୁମ୍ନ କୁମାର ଶବର ସମେତ ରାଜସ୍ୱ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ବାଇକ୍ ଦୁର୍ଘଟଣାରେ ବାପା ମୃତ, ପୁଅ ଗୁରୁତର

ଖପ୍ରାଖୋଲ, ୧୪ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ତାଙ୍କ ପୁଅ ଗୁରୁତର ହୋଇଛନ୍ତି । ମୃତକ ହେଲେ ତୁରେକେଲା ଥାନା ଦେବେରିଆମୁଣ୍ଡା ଗାଁର ବିରଞ୍ଚି ମେହେର (୬୨) । ବିରଞ୍ଚି ଓ ତାଙ୍କ ପୁଅ ବାଇକ୍‌ରେ ପାଟଣାଗଡ଼ରୁ ନିଜ ଗାଁକୁ ଫେରୁଥିଲେ । ଏତିକିବେଳେ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ନିକଟରେ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହାଫଳରେ ଉଭୟ ବାପ ପୁଅ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥଲା । ବିରଞ୍ଚିଙ୍କୁ କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଖବର ପାଇ ଖପ୍ରାଖୋଲ ପୁଲିସ ମୃତଦେହ ଜବତ କରିଥିଲା । ଏକ ମାମଲା ରୁଜୁ ହୋଇଛି । ଶବ ବ୍ୟବଚ୍ଛେଦ ପାଇଁ ପୁଲିସ ଆବଶ୍ୟକ ବ୍ୟବସ୍ଥା କରିଥବଲା । ଦୁର୍ଘଟଣାର ତଦନ୍ତ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି ।

## ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ମୁରିବାହାଲ, ୧୪ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ମାଲପଡ଼ା ଗୋଚର ନର୍ସରୀ ଜଙ୍ଗଲରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ଜଙ୍ଗଲରେ ମୃତଦେହ ଦୁର୍ଗନ୍ଧ ହେଉଥିବା ଯୋଗୁଁ ସ୍ଥାନୀୟ ଲୋକେ ଖୋଜାଖୋଜି କରି ଶବ ପାଇଥିଲେ । ଝୁଲନ୍ତା ଅବସ୍ଥାରେ ଦେଖି ମୁରିବାହାଲ ବ୍ଲକ ସାମ୍ବାଦିକମାନଙ୍କୁ ଖବର ଦେଇଥିଲେ । ସାମ୍ବାଦିକମାନେ ଘଟଣାସ୍ଥଳରେ ପହଞ୍ଚି ମୁରିବାହାଲ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ଶବ ଜବତ କରିଥିଲା । ଜଙ୍ଗଲରେ ଝୁଲନ୍ତା ଅବସ୍ଥାରେ ମୃତବ୍ୟକ୍ତି ରହିଥିବା ଆଖପାଖ ଅଞ୍ଚଳରେ ଖବର ପ୍ରସାରିତ ହେବାରୁ ହଳଦୀ ପଞ୍ଚାୟତର ପାତଲପଡ଼ା ଗାଁର କୃଷ୍ଣ ପରାଭୂଏ (୫୩) ବୋଲି ତାଙ୍କ ପୁତୁରା ବିକାଶ ପରାଭୂଏ ଆସି ଚିହ୍ନଟ କରିଥିଲେ । ତାଙ୍କ ମାନସିକ ଅବସ୍ଥା ଠିକ ନ ଥିବାରୁ ସେ ଗତ ୭ ତାରିଖ ଦିନ ଘରୁ କୁଆଡେ ଚାଲି ଯାଇଥିବା ପ୍ରକାଶ କରିଥିଲେ । ପୂର୍ବରୁ ମଧ୍ୟ ସେ ବହୁବାର ଘରୁ ଚାଲିଯାଇ ପୁଣି ଥରେ ଘରକୁ ଫେରି ଆସୁଥିବାରୁ ପରିବାର ଲୋକେ ଖୋଜା ଖୋଜି ନ କରି ଥାନାରେ ମଧ୍ୟ କୌଣସି ଅଭିଯୋଗ ଦେଇ ନ ଥିବା ତାଙ୍କ ପୁତୁରା କହିଛନ୍ତି । ତେବେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇ ଆଣ୍ଠୁ ତଳକୁ ଭୂମିରେ ଶରୀର ଲାଗିଥିବାରୁ କେହି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛି ବୋଲି ପରିବାର ଲୋକେ ସନ୍ଦେହ କରି ଅଭିଯୋଗ କରିଛନ୍ତି । କେବେ ମୃତ୍ୟୁ ଘଟିଛି, କିଏ ହତ୍ୟା କରିଛି ତାହା ଶବ ବ୍ୟବଚ୍ଛେଦ ପରେ ଜଣା ପଡ଼ିବ ବୋଲି ମୁରିବାହାଲ ଥାନା ଆଇଆଇସି ସନାତନ ସାହୁ କହିଛନ୍ତି ।

## ଦାବ୍ରି ଦୁଆରସନି ୟୁଥ୍ କ୍ଲବ୍ ପକ୍ଷରୁ ଚାରାରୋପଣ



କଣ୍ଟାବାଞ୍ଜି, ୧୪ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଦାବ୍ରି ଦୁଆରସନି ୟୁଥ୍ କ୍ଲବ୍ ପକ୍ଷରୁ ଚାରାରୋପଣ କରାଯାଇଛି । ଦାବ୍ରି ଗୋଚୋର, ତୁରେକେଲା ଯିବାର ରାସ୍ତା, ୨ଟି ଅଙ୍ଗନବାଡି ସେଣ୍ଟର ପାଖରେ ୧୦୦ଟି ଚାରା ରୋପଣ କରାଯାଇଛି । କ୍ଲବ୍ ସଭାପତି ରାଜୁ ଛତ୍ରିଆ, ସମ୍ପାଦକ ନନ୍ଦୀ କିଶୋର ଚନ୍ଦନ, ଉପ ସଭାପତି ବୈକୁଣ୍ଠ କୁଅର, ସହ ସମ୍ପାଦକ ନନ୍ଦୀରାଜ ମଲ୍ଲିକ, ବିଶ୍ୱନାଥ ନାଗ, ଦୁଃଖନାଶନ ମଲ୍ଲିକ, ପ୍ରତାପ ଚନ୍ଦ୍ର କୁଅର, ନବୀନ ଭୋଏ, ବିଷ୍ଣୁ ଗହିର, ଲଛମନ କୁଅର, କ୍ରୀଷ୍ଣା ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଷ୍ଟେସନରୁ ୧୦ ଦାଦନ ଶ୍ରମିକ ଉଦ୍ଧାର

କଣ୍ଟାବାଞ୍ଜି, ୧୪ ।୧୦(ସମିସ)

ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିରେ ଦାଦନ ଋତୁ ଆରମ୍ଭ ହେଲାଣି । ଟ୍ରେନ ଜରିଆରେ କଣ୍ଟାବାଞ୍ଜି ଓ ତୁରେକେଲା ରେଳ ଷ୍ଟେସନରେ ଖୁଲମଖୁଲା ଟ୍ରେନ ଜରିଆରରେ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଚାଲାଣ ହେଉଛି । କାଁ ଭାଁ ଶ୍ରମିକଙ୍କୁ ଉଦ୍ଧାର କରି ସର୍ଦ୍ଦାରକୁ ପୁଲିସ ଫେରାର କରୁଛି ବୋଲି କଣ୍ଟାବାଞ୍ଜି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ମଙ୍ଗଳବାର କଣ୍ଟାବାଞ୍ଜି ରେଳ ଷ୍ଟେସନରେ ପୁଲିସ ଚଢ଼ଉ କରି ୧୦ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି ।

- ସର୍ଦ୍ଦାର ଫେରାର
- ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ଅଭିଯୋଗ
- ଚର୍ଚ୍ଚାରେ ପୁଲିସ ବାବୁଙ୍କ ଭୂମିକା



ଉଦ୍ଧାର ଶ୍ରମିକମାନେ ମୁରିବାହାଲ ବ୍ଲକ ବାରବନ୍ଦ ଗାଁର । ସେମାନଙ୍କ ମଧ୍ୟରେ ୨ଜଣ ପୁରୁଷ, ୨ଜଣ ମହିଳା ଓ ୬ ଜଣ ଶିଶୁ ଶ୍ରମିକ ରହିଛନ୍ତି । ଏମାନେ ତୁରେକେଲା ଥାନା କୁଇବାହାଲ ଗାଁର ଦାଦନ ସର୍ଦ୍ଦାର ଗୁଣମତ ବାଗଠାରୁ ଅଗ୍ରୀମ ଟଙ୍କା ନେଇଥିଲେ । ରାଜ୍ୟ ବାହାରକୁ ଚାଲାଣ ବେଳେ ପୁଲିସ ରେଳ ଷ୍ଟେସନରେ ଚଢ଼ଉ କରି ଶ୍ରମିକମାନଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଥାନାକୁ ଆଣିଥିଲା । ତେବେ ଦାଦନ ସର୍ଦ୍ଦାର ଗୁଣମତ ବାଗ ଫେରାର ମାରିଛି । ତେବେ ପୁଲିସ ଗୁଣମତ ନାଁରେ ମାମଲା ରୁଜୁ କରି ଏକ ଟିମ୍ ଗଠନ କରିଛି । ତାକୁ ଧରିବା ଲାଗି ପ୍ରୟାସ ଜାରି ରଖିଛି । ଗୁଣମତ କୁଇବାହାଲ ହାଇସ୍କୁଲରେ ସରକାରୀ ଶିକ୍ଷକ ଭାବେ କାର୍ଯ୍ୟରତ । ଜଣେ ଶିକ୍ଷକ ହୋଇ ବେଆଇନ ଶ୍ରମିକ ଚାଲାଣ କରିବା ଘଟଣା ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଛି । ଅନ୍ୟପକ୍ଷରେ କଣ୍ଟାବାଞ୍ଜି ପୁଲିସ କିଛି ଦିନ ମଧ୍ୟରେ ବେଆଇନ ଚାଲାଣ ହେଉଥିବା ୭୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି; ହେଲେ ଜଣେ ବି ସର୍ଦ୍ଦାରକୁ ଗିରଫ କରିନାହିଁ । ସର୍ଦ୍ଦାର ନାଁରେ ମାମଲା ରୁଜୁ କରି କଣ୍ଟାବାଞ୍ଜି ପୁଲିସ କାମ ସାରି ଦେଉଛି । ପରେ ପୁଲିସକୁ ହାତଗୁଞ୍ଜି ଦେଇ ସର୍ଦ୍ଦାର ଖୋଲାଖୋଲି ଏହି ବେଆଇନ କାରବାର ଚଳାଉଛି । କଣ୍ଟାବାଞ୍ଜି ଅଞ୍ଚଳରେ ପ୍ରତିଦିନ ବେଆଇନ ବେଧଡ଼କ ଦାଦନ ଚାଲାଣ ହେଉଛି । ଏସବୁକୁ ନିୟନ୍ତ୍ରଣ କରିବାରେ କଣ୍ଟାବାଞ୍ଜି ପୁଲିସ ଓ ଶ୍ରମ ବିଭାଗ ବିଫଳ ହୋଇଛି । କାଁଭାଁ ଶ୍ରମିକ ଉଦ୍ଧାର କରି ପ୍ରଶଂଶା ସାଉଁଟିବାକୁ ଉଦ୍ୟମ କରୁଥିବାବେଳେ ସର୍ଦ୍ଦାରକୁ ଧରିବାକୁ ସବୁ ବେଳେ ପୁଲିସ ବିଫଳ ହେଉଛି । ସେହିପରି ଦାଦନ ଋତୁ ସମୟରେ ସବୁ ବେଳେ କଣ୍ଟାବାଞ୍ଜି ଏସଡିପିଓ ଅଫିସ ଚର୍ଚ୍ଚାରେ ରହି ଆସିଛି । ଦାଦନ ସର୍ଦ୍ଦାରମାନେ ଏସଡିପିଓ ଅଫିସକୁ ଯାଇ ବଡ ବାବୁଙ୍କୁ ସାକ୍ଷାତ କରି ଦାଦନ ଚାଲାଣ କରୁଥିବା ଅଭିଯୋଗ ହେଉଛି । ତେବେ କଣ୍ଟାବାଞ୍ଜି ପୁଲିସ ଲୋକ ଦେଖାଣିଆ ଭାବେ ଏହି ଦାଦନ ଉଦ୍ଧାର କରିବ ନା ବଡବଡିଆ ଦାଦନ ସର୍ଦ୍ଦାରଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି ।

### ୪ ଜଣଙ୍କ ନାଁରେ ମାମଲା ରୁଜୁ କରି ପୁଲିସ ଚୁପ୍

କଣ୍ଟାବାଞ୍ଜି ଅଞ୍ଚଳରେ ଖୋଲାଖୋଲି ଭାବେ ବେଆଇନ ଭାବେ ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ ହେଉଛି । ତେବେ ୪ଜଣ ଦାଦନ ସର୍ଦ୍ଦାରଙ୍କ ନାଁରେ ମାମଲା ରୁଜୁ କରି ପୁଲିସ କାମ ସାରିଦେଇଛି । କିଛି ଦିନ ତଳେ କଣ୍ଟାବାଞ୍ଜିର ଦାଦନ ସର୍ଦ୍ଦାର ପ୍ରକାଶ ବେହେରା ଓ ବ୍ରଜେଶ ବେହେରା ଘରେ ଶ୍ରମିକ ଆଣି ରଖିଥିବା ୫୧ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା । ପ୍ରକାଶ ଓ ବ୍ରଜେଶ କିନ୍ତୁ ଫେରାର ମାରିଥିଲେ । ସେହିଭଳି ତୁରେକେଲା ଥାନା ତେତେଲଖୁଟି ଗାଁର ୧୪ ଶ୍ରମିକଙ୍କୁ ବେଆଇନ ଚାଲାଣ ବେଳେ କଣ୍ଟାବାଞ୍ଜି ଷ୍ଟେସନରୁ ପୁଲିସ ଉଦ୍ଧାର କରିଥିଲା । ଦାଦନ ସର୍ଦ୍ଦାର ସକୁର ଖାଁନ କିନ୍ତୁ ଫେରାର ମାରିଥିଲା । ମଙ୍ଗଳବାର ପୁଣି କଣ୍ଟାବାଞ୍ଜି ପୁଲିସ ଷ୍ଟେସନରୁ ୧୦ ଶ୍ରମିକ ଉଦ୍ଧାର କରିଛି; ହେଲେ ଦାଦନ ସର୍ଦ୍ଦାର ଗୁଣମତ ଫେରାର ମାରିଛି । କଣ୍ଟାବାଞ୍ଜି ପୋଲିସ ଏହି ବଡବଡିଆ ୪ଜଣ ଦାଦନ ସର୍ଦ୍ଦାର ବିରୋଧରେ ମାମଲା ରୁଜୁ କରିଥିବା ବେଳେ କେବେ ଗିରଫ କରିବ ବୋଲି ପ୍ରଶ୍ନ ଉଠୁଛି । ସେପଟେ ଏହି ସର୍ଦ୍ଦାର ମାନଙ୍କୁ ଭିତିରିଆ ଜଣେ ପୁଲିସ ବାବୁ ଆଶୀର୍ବାଦ କରୁଥିବା ଚର୍ଚ୍ଚା ହେଉଛି । ଏହାଫଳରେ ଏମାନେ ଏହି ବେଆଇନ କରାବାର ଚଳାଇଥିବା ବିଶେଷ ସୂତ୍ର ଜଣାପଡ଼ିଛି ।

● ତୁରେକେଲା ପଞ୍ଚାୟତ ସମିତିର ସାଧାରଣ ବୈଠକ

## ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ତୁରେକେଲା, ୧୪।୧୦(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ପରିସରରେ ସୋମବାର ପଞ୍ଚାୟତ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ତୁରେକେଲା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ଜିଲ୍ଲା ପରିଷଦ କୌଶିକ ମେହେର, ବ୍ଲକ ଅଧକ୍ଷା ପୂଜା ବେହେରା, ଉପାଧକ୍ଷା ଧନମତୀ ଖୁରା, ସାଂସଦଙ୍କ ପ୍ରତିନିଧି ଅକ୍ଷୟ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ଲକ ଜିପିଇଓ ଗଜାନନ ନାୟକ ମଞ୍ଚ ପରିଚାଳନା କରିଥିଲେ । ବୈଠକରେ ବ୍ଲକର ୧୯ଟି ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ସାମିଲ ହୋଇଥିଲେ । ବୈଠକରେ ପୂର୍ବରୁ ହୋଇଥିବା ବୈଠକର ସମୀକ୍ଷା ହୋଇଥଲା । ବିଭିନ୍ନ ପଞ୍ଚାୟତରୁ ହୋଇଥିବା ଖସଡା ଉପରେ ଆଲୋଚନା ହୋଇଥିଲ । ଗାଁଗଣ୍ଡାରେ ଥିବା ଅନେକ ସମସ୍ୟା ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା । କିଛି ସମସ୍ୟାର ସମାଧାନ ଶୀଘ୍ର କରାଯିବ ବୋଲି ବିଧାୟକ ଶ୍ରୀ ବାଗ କହିଥିଲେ ।



## ୨୧ରୁ ଗିରିଗୋବର୍ଦ୍ଧନ ମହୋତ୍ସବ

ବଙ୍ଗୋମୁଣ୍ଡା, ୧୪ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗ୍ରାମରେ ୨୧ରୁ ୩ ଦିନ ଧରି ୩ୟ ଗିରିଗୋବର୍ଦ୍ଧନ ମହୋତ୍ସବ ଅନୁଷ୍ଠିତ ହେବ । ଗିରିଗୋବର୍ଦ୍ଧନ ମହୋତ୍ସବ କମିଟି ଓ ମାଁ ସାହାଜି ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଆୟୋଜନ କରାଯାଉଛି । ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଏହି ଅବସରରେ ସାମ୍ବାଦିକ ଅଶୋକ ନାରାୟଣ ଭୋଇ, ମଞ୍ଚ ଉପସ୍ଥାପକ ସୁଶୀଲ ପୋଡ଼, ଯୁବ କଣ୍ଠଶିଳ୍ପୀ ଖଗେଶ୍ୱର ବାଗ, ଯୁବ ସାମ୍ବାଦିକ ରାଧେଶ୍ୟାମ ମେହେର, ଯୁବ ଗୀତିକାର ଅନନ୍ତରାମ ହଂସ ସମ୍ବର୍ଦ୍ଧିତ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଗିରିଗୋବର୍ଦ୍ଧନ ମହୋତ୍ସବ କମିଟିର ଆବାହକ ହୁଲେଶ୍ୱର ହଂସ, ଉପଦେଷ୍ଟା ଦୁର୍ଦ୍ଦକ୍ଷ ହଂସ, ସମ୍ପାଦକ ବିଷ୍ଣୁପ୍ରସାଦ ଗହିର, ସମିତି ସଭ୍ୟ କେଦାର ଭୋଇ, ସଦସ୍ୟ ହରେଶ ବେହେରା, ଧର୍ମେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



# ଦେଓଗାଁରେ ବନ୍ଧୁକ, ଖଣ୍ଡାଧାରୀ ଦୁର୍ବୃତ୍ତଙ୍କ ଆତଙ୍କ

ଦେଓଗାଁ, ୧୪ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଦେଓଗାଁ କଛାରପାଲିରେ ସୋମବାର ସନ୍ଧ୍ୟାରେ ହଠାତ ପ୍ରାୟ ୧୦ଜଣରୁ ଅଧିକ ଯୁବକ ୪ଟି ବାଇକରେ ଆସି ସ୍ଥାନୀୟ ସାହୁପଡ଼ାରେ ବନ୍ଧୁକ ଓ ଖଣ୍ଡା ବାହାର କରି କିଛି ସମୟପାଇଁ ଆତଙ୍କ ଖେଳାଇଥିଲେ । ସାଧାରଣ ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜଣେ ଯୁବକଙ୍କୁ ଆକ୍ରମଣ କରିବା ପାଇଁ ଖୋଜି ବୁଲିଥିଲେ । ଏଥିରେ ପଡ଼ାବାସୀ ଭୟଭୀତ ହୋଇପଡ଼ିଥିଲେ । କାଳେ କାହାକୁ ଆକ୍ରମଣ ହେବ ଭାବି ସମସ୍ତେ ଘୁଞ୍ଚି ଯାଇଥିବା ବେଳେ ଦୁର୍ବୃତ୍ତମାନେ ବାଇକରେ ଆତଙ୍କ ସୃଷ୍ଟି କରିଚାଲିଥିଲେ । ତେବେ ପଡ଼ାର ସମସ୍ତ ଯୁବକମାନେ ଏକତ୍ରିତ ହେବାଜାଣି ସେମାନେ ପରେ ଫେରାର ମାରିଥିଲେ । ବାହାର ରାଜ୍ୟରୁ ଆସି ଦେଓଗାଁରେ ବସବାସ କରୁଥିବା ଜଣେ ବ୍ୟକ୍ତି କିଛି ଯୁବକଙ୍କୁ ଡାକି ଏଭଳି କାର୍ଯ୍ୟ କରାଇଥିବା ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି । ଏନେଇ ସନ୍ଧ୍ୟା ପ୍ରାୟ ୮ ଟାରେ ସାହୁପଡ଼ା ପ୍ରଗତୀ ଯୁବକ ସଂଘର କର୍ମକର୍ତ୍ତା ତଥା ପଡ଼ାବାସୀ ଦେଓଗାଁ ଥାନାକୁ ଯାଇ ଲିଖିତ ଭାବେ ଅଭିଯୋଗ ଦେବା ସହ ସିସିଟିଭିରେ କଏଦ ଆତଙ୍କରାଜର ଫଟୋ ମଧ୍ୟ ଦେଖାଇଥିଲେ । ଏହି ଫଟୋ ଓ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବାପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ପରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ୨ଟି ଟିମଗଠନ କରି ରାତିରେ ତନାଘନା ଚଳାଇଥିଲା । ଦୁର୍ବୃତ୍ତମାନେ ଜୁର୍ଲାକାନୀ ଛକ ନିକଟରେ ଗୋଟିଏ ବାଇକ୍ ଛାଡିଦେଇ ଫେରାର ମାରିଥିଲେ । ବାଇକକୁ ପୁଲିସ ଜବତ କରି ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର ୪ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ଚଢ଼ଉ ଜାରି ରଖିଛି । ଏନେଇ ବୁଧବାର ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି । ଦେଓଗାଁରେ ଏନେଇ ଅସନ୍ତୋଷ ଲାଗି ରହିଛି । ଏହି ଅରାଜକତା ଓ ନିଶା କାରବାର ଦିଗରେ ପୁଲିସ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଦେଓଗାଁ ଓ କଛାରପାଲିର ସମସ୍ତ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି ।



- ଗାଁରେ ଉତ୍ତେଜନା, କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ
- ଥାନାରେ ୪ ଅଟକ, ତଦନ୍ତ ଜାରି

# ବେଆଇନ କ୍ଲିନିକକୁ ସ୍ୱାସ୍ଥ୍ୟ ବିଭାଗର ସମର୍ଥନ

ପାଟଣାଗଡ଼/ଖପ୍ରାଖୋଲ, ୧୪ ।୧୦ (ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଲାଠୋର ମୁଖ୍ୟ ରାସ୍ତା କଡରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଦୀର୍ଘ ଦିନରୁ ଏକ ବେଆଇନ କ୍ଲିନିକ ଚାଲୁଛି । ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇଲା ପରେ ସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗିଥିଲା । ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଖପ୍ରାଖୋଲ ମେଡିକାଲ ଅଫିସର ସୁରଜ ଦୀପ ପ୍ରତିକ୍ରିୟା ଦେଇଥିଲେ । ଏଥିସହ ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମଧ୍ୟ କହିଥିଲେ; କିନ୍ତୁ ପରିତାପର ବିଷୟ ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ତଦନ୍ତ କରାଯାଇନାହିଁ । ଏହାଫଳରେ ଖୋଲାଖୋଲି ଚାଲିଥିବା ଏହି ବେଆଇନ ଚିକିତ୍ସା ବ୍ୟବସ୍ଥାକୁ ସ୍ୱାସ୍ଥ୍ୟ ବିଭାଗ ପରୋକ୍ଷରେ ସମର୍ଥନ ଦେଉଥିବା ଗୁରୁତର ଅଭିଯୋଗ ଉଠିଛି । ଏଣୁଇ ସ୍ୱାସ୍ଥ୍ୟ ବିଭାଗର ନିରପେକ୍ଷତା ନେଇ ଲୋକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି । ଏହି ବେଆଇନ କ୍ଲିନିକ ଉପରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସ୍ୱାସ୍ଥ୍ୟ ବିଭାଗର ନିରବତା ପଛର ରହସ୍ୟ କ'ଣ ରହିଛି ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି । ଏଥିସହ ସ୍ୱାସ୍ଥ୍ୟ ବିଭାଗର ଏହି କ୍ଲିନିକ ପ୍ରତି କ'ଣ ଭିତିରିଆ ବୁଝାମଣା ରହିଛି କି ବୋଲି ଲୋକେ ପ୍ରଶ୍ନ ମଧ୍ୟ ଉଠାଇଲେଣି । ତେବେ ଉକ୍ତ କ୍ଲିନିକ ମାଲିକ ପବିତ୍ର ବେହେରା ଆୟୁର୍ବେଦିକ ନାମ ନେଇ ବେଆଇନ ଭାବେ ଏଲୋପାଥିକ ଚିକିତ୍ସା କରୁଥିବା ପ୍ରମାଣ ମିଳିଛି । ଶ୍ରୀ ବେହେରା ବାତ, ପକ୍ଷାଘାତ, କିଡ଼ନୀ ଭଳି ଗୁରୁତ୍ୱପୂର୍ଣ୍ଣ ରୋଗର ଚିକିତ୍ସା କରିବା ସହ ରୋଗୀ ପିଛା ୨ ଶହ ଟଙ୍କା ଫି ନେଉଥିବା ସ୍ୱୀକାର କରିଛନ୍ତି । ତେବେ ବେଆଇନ ଚିକିତ୍ସାର ଏତେସବୁ ପ୍ରମାଣ ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ କେଉଁ ଉଦ୍ଦେଶ୍ୟରେ ଓ କେଉଁ ସ୍ୱାର୍ଥରେ କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ରହିଛି ତାହା ତଦନ୍ତ ସାପେକ୍ଷ । କ୍ଲିନିକ ମାଲିକ ଜଣକ ଦୀର୍ଘ ବର୍ଷ ପୂର୍ବେ ସାନଉଡେନ ଗାଁରେ ସାଇକଲ ମରାମତି କରୁଥିଲେ । ପରେ କେଉଁ ଯୋଗ୍ୟତା ବଳରେ ଡାକ୍ତର ସାଜି ଚିକିତ୍ସା ଚଳାଇଛନ୍ତି ତାହା ତଦନ୍ତ ପରିସରଭୁକ୍ତ ବୋଲି ସାଧାରଣରେ ଅଭିଯୋଗ ମଧ୍ୟ ହେଉଛି । କିଛିଦିନ ତଳେ ଜଣେ ବ୍ୟକ୍ତି ଏହି କ୍ଲିନିକକୁ ଆଣ୍ଠୁ, ଗଣ୍ଠି ଦରଜ ହେଉଥିବା ନେଇ ଚିକିତ୍ସା ପାଇଁ ଯାଇଥିଲେ । କ୍ଲିନିକ ମାଲିକ ତାଙ୍କୁ ୩ ପ୍ରକାରର ଏଲୋପାଥିକ ଔଷଧ ଖୋଲା ଜରି ପ୍ୟାକେଟରେ ଦେଇଥିଲେ । ସବୁତକ ଔଷଧ ନେଲେ ୩ ହଜାର ଟଙ୍କା ପଡ଼ିବ ବୋଲି କହିଥିଲେ; କିନ୍ତୁ ଟଙ୍କା କମ୍ ଥିବାରୁ ସେ ୪ଶହ ଟଙ୍କାର ଔଷଧ ଆଣିଥିଲେ । ଖୋଲା ଜରି ପ୍ୟାକେଟରେ ଥିବା ଔଷଧ ରାତିରେ ଖାଇ ସାରି ତିନୋଟି ଟାବଲେଟ ଖାଇବାକୁ କ୍ଲିନିକ ମାଲିକ କହିଥିଲେ । ସେହି ଅନୁସାରେ ବ୍ୟକ୍ତି ଜଣକ ରାତିରେ ଖାଇଥିଲେ; ହେଲେ ତାଙ୍କ ମୁଣ୍ଡ ବୁଲାଇବା ସହ ଦେହ ସାରା କୁଣ୍ଡେଇ ହୋଇଥିଲା । ପରେ ଅନ୍ୟତ୍ର ଚିକିତ୍ସା ହୋଇ ସେ ସୁସ୍ଥ ହୋଇଥିଲେ । ସେହି ଖୋଲା ଔଷଧ ବିଷୟରେ ଜାଣିବା ପାଇଁ ଚେଷ୍ଟା କରିବାରୁ ତାହା ସ୍ୱାସ୍ଥ୍ୟ ପ୍ରତି ମାରାତ୍ମକ ହୋଇପାରେ ବୋଲି ଜଣାପଡ଼ିଥିଲା । ସେହି ଖୋଲା ଔଷଧ କେଉଁ କମ୍ପାନୀର, କେଉଁ ରୋଗ ପାଇଁ ଓ ତାହାର ମୂଲ୍ୟ କିଛି ନ ଥିବା ସତ୍ତ୍ୱେ ଡାକ୍ତର ସାଜିଥିବା ବ୍ୟକ୍ତି ଜଣକ ଲୋକଙ୍କୁ ଠକି ବେଆଇନ ଭାବେ ମୋଟା ଅଙ୍କର ଟଙ୍କା ଲୁଟୁଥିବା ଅଭିଯୋଗ ହେଉଛି । ଏହି ଖୋଲା ଔଷଧଗୁଡିକର ନମୁନା ସଂଗ୍ରହ କରାଯାଇ ତଦନ୍ତର ଆବଶ୍ୟକତା ରହିଛି ବୋଲି ଅଭିଯୋଗ ଉଠିଛି । ସୂଚନା ଅନୁସାରେ ୫ ବର୍ଷ ପୂର୍ବେ ମଧ୍ୟ ଏହି କ୍ଲିନିକ ବିରୋଧରେ ସମାନ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ କ୍ଲିନିକଟି କିଛି ଦିନ ବନ୍ଦ ହୋଇଥିଲା; ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁଣି ଏହା ଖୋଲିଥିଲା । ଏ ଦିଗରେ ଜିଲ୍ଲା ପ୍ରଶାସନ କଣ ପାଇଁ ଦୃଷ୍ଟି ଦେଉନି ତାହା ଲୋକଙ୍କ ଭିତରେ ପ୍ରଶ୍ନ ସୃଷ୍ଟି କରିଛି ।

- ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ
- ସନ୍ଦେହରେ ଜିଲ୍ଲା ପ୍ରଶାସନର ଭୂମିକା


ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ସମ୍ପାଦକୀୟ



ପ୍ରେମ ଓ କରୁଣା ବିନା ମାନବିକତା ମୂଲ୍ୟହୀନ
-ଦଲାଇ ଲାମା

ସକାଳ THE SAKALA

## ଭତ୍ତା ଚିନ୍ତା

ଜନଆକାଂକ୍ଷିତ ଯୋଜନାଗୁଡ଼ିକୁ କେନ୍ଦ୍ର ସରକାର ସାଧାରଣତଃ କୌଣସି ରାଜ୍ୟ ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଘୋଷଣା କରନ୍ତି ଏବଂ ଅପ୍ରତ୍ୟାଶିତ ସଫଳତା ମଧ୍ୟ ହାସଲ କରନ୍ତି। ଏହିକ୍ରମରେ ଆସନ୍ନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆଶା କରାଯାଉଥିଲା ଯେ ସଂଗଠିତ ଅଣସରକାରୀ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସାମାଜିକ-ଆର୍ଥିକ ନିରାପତ୍ତା ପାଇଁ ଉଦ୍ଦିଷ୍ଟ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ଅନ୍ତର୍ଗତ ଅବସରକାଳୀନ ଭତ୍ତା ରାଶିରେ କିଛିଟା ବୃଦ୍ଧି ଘଟିବ। କିନ୍ତୁ ଇପିଏଫ୍‌ଓର ସଦ୍ୟତମ ବାର୍ଷିକ ବୈଠକରେ ଏହା ଆଜେଣ୍ଡାରେ ମଧ୍ୟ ସାମିଲ୍ ହୋଇନାହିଁ। ଏହାଛଡ଼ା ଏଭଳି କେତେକ ନିଷ୍ପତ୍ତି ନିଆଯାଇଛି, ଯାହା ଏତେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଯେ ସାଧାରଣ କର୍ମଚାରୀ କିମ୍ବା ନିଯୁକ୍ତିଦାତାଙ୍କ ପାଇଁ ମଧ୍ୟ ବୁଝି ବୁଝାଇବା କଷ୍ଟକର ହୋଇପଡୁଛି। ସେହିପରି ମୋଟ ଜମା ପରିମାଣର ଶତପ୍ରତିଶତ ଉଠାଣ ନିଷ୍ପତ୍ତିକୁ ନେଇ ମଧ୍ୟ ବିବାଦ ଉଠିଛି। ଯଦି ଅବସର ପୂର୍ବରୁ ସମ୍ପୂର୍ଣ୍ଣ ରାଶି ଉଠାଇ ନିଆଯାଏ ତେବେ ବାର୍ଦ୍ଧକ୍ୟ ଅସୁରକ୍ଷିତ ହୋଇପଡ଼ିବ ବୋଲି ଅଭିଯୋଗ ଆସିଛି।

ବୈଠକର ନିଷ୍କର୍ଷ ଅନୁଯାୟୀ, ଜମା ଉଠାଣ ଓ ବିବାଦ ସମାଧାନ ପ୍ରକ୍ରିୟା ସରଳ ଓ ସର୍ତ୍ତରହିତ ହୋଇଛି ସତ; କିନ୍ତୁ ଦୀର୍ଘବର୍ଷ ଧରି ହୋଇଆସୁଥିବା ଅବସର ପରବର୍ତ୍ତୀ ଭତ୍ତା ବୃଦ୍ଧି ଦାବି ପ୍ରତି ଦୃଷ୍ଟି ନ ପଡ଼ିବା କ୍ଷୋଭର ବିଷୟ। ସମ୍ପ୍ରତି ଇପିଏଫ୍‌କୁ ଦରମା ଯୋଗଦାନ ଆଧାରରେ ଅବସର ଭତ୍ତା ସର୍ବନିମ୍ନ ୧ ହଜାରରୁ ସର୍ବାଧିକ ୬ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି। ସାମ୍ପ୍ରତିକ କ୍ରମବର୍ଦ୍ଧିଷ୍ଣୁ ମହଙ୍ଗା ଯୁଗରେ ଏତିକି ରାଶି ସମୁଦ୍ରକୁ ଶଙ୍ଖେ ଭଳି। ବୋଧହୁଏ ସରକାର ଅନ୍ୟାନ୍ୟ ସାମାଜିକ ଭତ୍ତା ଯୋଜନାକୁ ତୁଳନା କରି ଇପିଏଫ୍ ପେନ୍‌ସନ୍ ରାଶି ବୃଦ୍ଧି କରିବାକୁ ଉଚିତ ମଣୁ ନାହାନ୍ତି। ବିଭିନ୍ନ ସାମାଜିକ ଯୋଜନାରେ ମିଳୁଥିବା ଭତ୍ତା ନିର୍ବାଚନ ରାଜନୀତିର ଏକ ଅଂଶବିଶେଷ। ଅପରପକ୍ଷରେ ଇପିଏଫ୍ ସମ୍ପୂର୍ଣ୍ଣ ରୂପେ କର୍ମଚାରୀଙ୍କ ଝାଳବୁହା ଧନର ଯୋଗଦାନରେ ଗଠିତ। ସମ୍ପ୍ରତି ଦେଶରେ ୩୦ କୋଟି ଇପିଏଫ୍ ଆକାଉଣ୍ଟଧାରୀ ଥିବା ବେଳେ ସେମାନଙ୍କର ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କ ଯୋଗଦାନ ପରିମାଣ ୨୬ ଲକ୍ଷ କୋଟି ଟଙ୍କା। ସରକାରୀ କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନ୍‌ସନ୍ ପ୍ରକ୍ରିୟା ଅନୁସରଣରେ ଇପିଏଫ୍‌ଓ ଏହି ବିପୁଳ ରାଶିକୁ ଲାଭଦାୟକ ପ୍ରତିଭୂତି ଅଂଶଧନରେ ନିବେଶ କଲେ ଆକାଉଣ୍ଟଧାରୀମାନେ ଅବସର ପରେ ଉପକୃତ ହୁଅନ୍ତେ।

ଇପିଏଫ୍ ଆକାଉଣ୍ଟଧାରୀଙ୍କ ମଧ୍ୟରୁ ସିଂହଭାଗ ମଧ୍ୟବିତ୍ତ-ନିମ୍ନମଧ୍ୟବିତ୍ତ ଶ୍ରେଣୀର, ଯେଉଁମାନେ ସରକାରୀ ମାଗଣା ଯୋଜନା ଏବଂ ବିଭିନ୍ନ ଗରିବ କଲ୍ୟାଣ ଯୋଜନାରୁ ବଞ୍ଚିତ। ସମ୍ପ୍ରତି ଜୀବନ ଧାରଣର ଅତ୍ୟାବଶ୍ୟକ ସାମଗ୍ରୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ଖର୍ଚ୍ଚ ଏତେ ବଢ଼ିଯାଇଛି ଯେ ଦରମା ଗଣ୍ଡିକ ଘରକୁ ଆସିବାର ପ୍ରଥମ ସପ୍ତାହରେ ହିଁ ସରିଯାଉଛି। ଏଭଳି ଅବସ୍ଥାରେ ଭବିଷ୍ୟତ ପାଇଁ ସଞ୍ଚୟ ଜମା ସୁଯୋଗ ମଧ୍ୟ ସଂକୁଚିତ। ତେଣୁ ଅବସର ପରେ ଖଟିଖିଆମାନେ କେମିତି ବଞ୍ଚିବେ ସେ ବିଷୟରେ ଅନ୍ତତଃ ସରକାର ସହୃଦୟତାର ସହ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରିବା ଉଚିତ ହେବ।

## ବିପଦ ଟଳିନି

ନୋବେଲ୍ ବିଳାସୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହିତ ଗାଜାରେ ଶାନ୍ତି ବାହାଲ୍ ହେବାର ଆଶାର ଝଲକ୍‌ଟିଏ କେବଳ ଦେଖାଦେଇଛି, କିନ୍ତୁ ଅସ୍ଥିରତା ଓ ଅନିଶ୍ଚିତାର ବାଦଲ୍ ଏ ପର୍ଯ୍ୟନ୍ତ ହଟିନାହିଁ। ଏହାପୂର୍ବରୁ ମଧ୍ୟ ଉଭୟ ପକ୍ଷରୁ ଅସ୍ତ୍ରବିରତି ଓ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପ୍ରୟାସ ଭଣ୍ଡୁର ହୋଇଥିଲା। ସମ୍ପ୍ରତି ବିଶ୍ୱର ବଡ଼ଭାଇ ଆମେରିକା ଉପସ୍ଥିତିରେ ଏହି ପ୍ରକ୍ରିୟା ସମ୍ପାଦିତ ହେଉଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଉଭୟ ପକ୍ଷ ମନରେ ଜଳୁଥିବା ନିଆଁ ପ୍ରଶମିତ ହୋଇସାରିଛି। ଅନ୍ତତଃ କ୍ଷମତାଲିପ୍ସୁ ଓ ଯୁଦ୍ଧଖୋର ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲ୍ ଶାସନ ମୁଖ୍ୟ ଥିବା ପର୍ଯ୍ୟନ୍ତ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ସହାବସ୍ଥାନ ସାକାର ହେବ ବୋଲି ବିଶ୍ୱାସ ଆସୁନାହିଁ।

ଗାଜାପଟିରେ ଟ୍ରମ୍ପ ନିଜର ଯେଉଁ ସ୍ୱପ୍ନ-ପ୍ରକଳ୍ପ ପରିକଳ୍ପନା କରିଛନ୍ତି, ତା'କୁ ସାକାର କରିବା ପାଇଁ ସେହି ଅଞ୍ଚଳରେ ଶାନ୍ତି ଫେରିବା ତାଙ୍କ ପାଇଁ ଅପରିହାର୍ଯ୍ୟ। କିନ୍ତୁ ସେ ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ଚାହାନ୍ତି ତାହା କଳ୍ପନାତୀତ। ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ବାହାଲ ହେଲେ ଆମେରିକାର ଆଣବିକ-ଇନ୍ଧନ ଓ ଯୁଦ୍ଧାସ୍ତ୍ର ବାଣିଜ୍ୟର ମହତାକାଂକ୍ଷା ସାକାର ହୋଇପାରିବ ନାହିଁ କି ଇରାନ୍‌କୁ କାବୁ କରିହେବ ନାହିଁ। ତେଣୁ ନିଜକୁ ବିଶ୍ୱ ଶାନ୍ତିଦୂତ ଭାବେ ଉପସ୍ଥାପନା କରୁଥିଲେ ମଧ୍ୟ ମଧ୍ୟପ୍ରାଚ୍ୟକୁ ସର୍ବଦା ଅଶାନ୍ତ ଓ ଅସ୍ଥିର ରଖିବା ପାଇଁ ଆମେରିକାର ସର୍ବକାଳୀନ ବୈଦେଶିକ ନୀତି ବିରୋଧରେ ଟ୍ରମ୍ପ ଯିବେ ନାହିଁ। ଅପରପକ୍ଷରେ ଆମେରିକା ବିରୋଧରେ ଯାଇ ଜାତିସଂଘର ସଂଖ୍ୟାଗରିଷ୍ଠ ସଦସ୍ୟ ପାଲେଷ୍ଟାଇନ୍‌ର ସାର୍ବଭୌମତ୍ୱ ସପକ୍ଷରେ ଭୋଟ ଦେଇଛନ୍ତି। ପାଲେଷ୍ଟାଇନ୍ ବିଧିବଦ୍ଧ ଭାବେ ସାର୍ବଭୌମ ରାଷ୍ଟ୍ର ଘୋଷିତ ହେଲେ ହମାସ୍‌ଙ୍କ ନିରାପଦ ଆଶ୍ରୟସ୍ଥଳୀ ହେବା ନିଶ୍ଚିତ, ଯାହାକୁ ନେତାନ୍ୟାହୁ ବରଦାସ୍ତ କରିବେ ନାହିଁ କି ଇସ୍ରାଏଲ୍ ବିରୋଧରେ ଆମେରିକା ମଧ୍ୟ ଯିବ ନାହିଁ। ତେଣୁ ଏହି ପ୍ରସଙ୍ଗ ଆଗାମୀ ଦିନରେ ପୁଣି ଉତ୍ତେଜନା ଓ ହିଂସା ସୃଷ୍ଟି କରିବାର ଆଶଙ୍କା ରହିଛି। ଇତିମଧ୍ୟରେ ଟ୍ରମ୍ପ ପ୍ରାୟୋଜିତ ଏହି ଯୁଦ୍ଧବିରତି ଚୁକ୍ତିକୁ ଆଫଗାନିସ୍ତାନ ଓ ପାକିସ୍ତାନର କେତେକ ଅଞ୍ଚଳରେ ତୀବ୍ର ବିରୋଧ ହେଉଛି। ହମାସ ମଧ୍ୟ ଚୁକ୍ତିର କେତେକ ସର୍ତ୍ତକୁ ବିରୋଧ କରିଛି ଅଥଚ ବାଧବାଧକତାରେ କାର୍ଯ୍ୟକାରୀ କରୁଛି। ତେଣୁ ଏହି ବିରୋଧ ଓ ଅସନ୍ତୋଷ ପୁଣି ଏକ ଆତଙ୍କବାଦୀ ଆକ୍ରମଣ, ହିଂସା ଓ ଯୁଦ୍ଧକୁ ଜନ୍ମ ଦେବା ଅସମ୍ଭବ ନୁହେଁ।

ଇସ୍ରାଏଲ୍-ପାଲେଷ୍ଟାଇନ ବିବାଦର ମୂଳ ସମସ୍ୟାର ସମାଧାନ ନ ହେବା ଯାଏଁ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା କେବଳ ଏକ ସ୍ୱପ୍ନ ମାତ୍ର। କେବଳ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ଓ ଅସ୍ତ୍ରବିରତି ଭଳି ତାଳିପକା ପ୍ରୟାସରେ ଏହି ମହତ୍ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଚତୁର ଆମେରିକା ଓ ବାଚାଳ ଟ୍ରମ୍ପ ଏହା ବୁଝି ମଧ୍ୟ ଅବୁଝା ରହିବାର ଛଳନା କରୁଛନ୍ତି। ବେଲୁନ୍‌ର ଗୋଟିଏ ସ୍ଥାନରେ ଚାପ ପଡ଼ିଲେ ଅନ୍ୟ ପଟ ଫୁଲି ଉଠିବା ଭଳି ଗାଜା ଶାନ୍ତ ହେଲେ ମଧ୍ୟ ଅଶାନ୍ତି, ଆତଙ୍କ ଓ ହିଂସା ଅନ୍ୟ ସ୍ଥାନରେ ମୁଣ୍ଡ ଟେକିପାରେ। ●

# ଗଣତନ୍ତ୍ରର ଅପ୍ରତିହତ ସ୍ୱର: ମ୍ୟାଁମାର୍‌ରୁ ଭେନ୍‌ଜୁଏଲା

**ମନୋରଂଜନ ମହାନ୍ତି**

ବିଶ୍ୱ-ଇତିହାସରେ ଦୁଇଟି ସ୍ୱର୍ଣ୍ଣିମ ଅଧ୍ୟାୟ। ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଶାସନ ବିରୋଧରେ ସଂଗ୍ରାମ କରି ମ୍ୟାଁମାର୍‌ର ଅଙ୍ଗ୍ ସାନ୍ ସୁକୀ ପାଇଥିଲେ ନୋବେଲ ଶାନ୍ତି ପୁରସ୍କାର ୧୯୯୧ ମସିହାରେ। ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ପରେ ୨୦୨୫ ମସିହାର ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଭେନ୍‌ଜୁଏଲାର ବିପ୍ଳବିଣୀ ଲୌହମାନବୀ ରୂପେ ପରିଚିତା ମ୍ୟାରିଆ କୋରିନା ମାଚାଡ଼ୋ। ସେଠାରେ ଏକଚ୍ଛତ୍ରବାଦୀ ଶାସନର ବିଲୋପ କରି ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଦୀର୍ଘ ଏକ ଦଶନ୍ଧି ଧରି ଚାଲିଥିବା ଆନ୍ଦୋଳନର ନେତୃତ୍ୱ ସେ ନେଉଛନ୍ତି। ଭେନ୍‌ଜୁଏଲା ଦକ୍ଷିଣ-ଆମେରିକାର ଏକ ରାଷ୍ଟ୍ର। ତା' ସୀମାକୁ ଲାଗିଛି କ୍ୟାରିବୀୟ ସାଗର ଓ ଉତ୍ତରଆଟ୍‌ଲାଣ୍ଟିକ୍ ମହାସାଗର। ତା'ର କ୍ଷେତ୍ରଫଳ ୯, ୧୬, ୪୪୫ ବର୍ଗ କି.ମି.। ଜନସଂଖ୍ୟା ମାତ୍ର ୩୦.୫ନିୟୁତ। ଅଥଚ ଦେଶଟି ସଂପ୍ରତି ଘୋର ସଂକଟ ମଧ୍ୟରେ ଗତି କରୁଛି।

ହ୍ୟୁଗୋ ଚାଭେଜ୍ ରାଷ୍ଟ୍ରପତି ଥିଲାବେଳେ ସାମାଜିକ, ଅର୍ଥନୈତିକ, ରାଜନୈତିକ ସଂକଟ ଆରମ୍ଭ ହୋଇ ଏବର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍‌ରିଗେଜ୍‌ଙ୍କ ଶାସନ ସମୟରେ ବହୁଗୁଣିତ ହୋଇଛି। ମୁଦ୍ରାସ୍ଫୀତି, ଅନାହାର, ରୋଗ, ଅପରାଧ, ମୃତ୍ୟୁହାର ବୃଦ୍ଧି, ଦେଶାନ୍ତର ଗମନ ଦୃଷ୍ଟିରୁ ଭେନ୍‌ଜୁଏଲା ହେଉଛି ଲାଟିନ୍-ଆମେରିକା ଓ କ୍ୟାରିବୀୟ ଅଞ୍ଚଳରେ ଦ୍ୱିତୀୟ ଦରିଦ୍ର ରାଷ୍ଟ୍ର। ସେଠି ପ୍ରଚୁର ତୈଳସମ୍ପଦ ଭରିରହିଛି। 'ପେଟ୍ରୋଲିଅସ୍ ଡି ଭେନ୍‌ଜୁଏଲା ଏସ୍.ଏ' ନାମକ ରାଷ୍ଟ୍ରାୟତ୍ତ ତୈଳ ଓ ପ୍ରାକୃତିକ ବାଷ୍ପ କମ୍ପାନୀ ତା'ର ପରିଚାଳନା ଦାୟିତ୍ୱରେ ଅଛି। କିନ୍ତୁ ସରକାରୀ କୁ-ପରିଚାଳନା ହେତୁ ତୈଳ ଉତ୍ପାଦନ ହ୍ରାସ ପାଉଛି। ଏଣେ ତୈଳ ରପ୍ତାନି ଉପରେ ନିର୍ଭରଶୀଳତା ମାତ୍ରାଧିକ ହେଉଛି। ତୈଳ ମୂଲ୍ୟ ହ୍ରାସ ପାଉଛି। ସର୍ବବୃହତ୍ ତୈଳସମ୍ପଦ ଥାଇ ମଧ୍ୟ ଦେଶବାସୀ ଦରିଦ୍ର।

ରାଜନୈତିକ ଅସ୍ଥିରତା ସାଙ୍ଗକୁ ଭ୍ରଷ୍ଟାଚାର, ଦୁର୍ବଳ ନେତୃତ୍ୱ, ଅମଲାତନ୍ତ୍ରର ଅଧିନାୟକବାଦୀ ଶୈଳୀ ଜନସାଧାରଣଙ୍କ ଦୁର୍ଦ୍ଦଶା ପାଇଁ ପୂର୍ଣ୍ଣତଃ ଦାୟୀ। ବ୍ୟକ୍ତି-ସ୍ୱାଧୀନତା ଓ ନିରାପତ୍ତାର ଘୋର ଅଭାବ। ଖାଦ୍ୟାଭାବ, ପାନୀୟଜଳ ସଂକଟ, ସ୍ୱାସ୍ଥ୍ୟ ସୁବିଧାର ଅଭାବ ହେତୁ ୫ନିୟୁତ ଲୋକ ଦେଶାନ୍ତର ହେଲେଣି। ବେଆଇନ୍ ଭାବରେ ଆମେରିକାରେ ରହୁଥିବା ଭେନ୍‌ଜୁଏଲା-ଅଧିବାସୀଙ୍କ ସଂଖ୍ୟା ୨୦୦୭ରେ ଥିଲା ୫୫, ୦୦୦, ୨୦୨୧ରେ ୧, ୯୫, ୦୦୦, ୨୦୨୩ରେ ୬, ୫୦, ୦୦୦, ୨୦୨୫ରେ ୭ଲକ୍ଷ। କୃଷି ଓ ଉତ୍ପାଦନ କ୍ଷେତ୍ର ସମ୍ପୂର୍ଣ୍ଣ ଅବହେଳିତ। ପରିସଂଖ୍ୟାନ ଅନୁଯାୟୀ ୩୦ନିୟୁତ ଜନସଂଖ୍ୟାବିଶିଷ୍ଟ ଭେନ୍‌ଜୁଏଲାରେ ପ୍ରାୟ ଏକ-ତୃତୀୟାଂଶ ଅର୍ଥାତ୍ ୯.୩ ନିୟୁତ ଲୋକ ଖାଦ୍ୟାଭାବରେ ପୀଡ଼ିତ। ଚିକନ୍‌ଗୁନିଆ, ଡେଙ୍ଗୁ, ହେପାଟାଇଟିସ୍-ଏ, ହେପାଟାଇଟିସ୍-ବି, ମ୍ୟାଲେରିଆ, ମିଳିମିଳା ରୋଗୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଅଥଚ ଆବଶ୍ୟକ ଔଷଧର ଉତ୍କଟ ଅଭାବ। ବେକାରୀ, ବେରୋଜଗାରୀ ବଢୁଥିବାରୁ ଅପରାଧ ବୃଦ୍ଧି ପାଉଛି। ଏକଚ୍ଛତ୍ରବାଦୀ ଶାସକଙ୍କ ସ୍ୱେଚ୍ଛାଚାର ହେତୁ ମାନବାଧିକାର ଉଲ୍ଲଙ୍ଘନ ହେଉଛି। ଫଳତଃ ନାଗରିକ ଅସନ୍ତୋଷ ବୃଦ୍ଧି ପାଉଛି। ଭେନ୍‌ଜୁଏଲାକୁ ଯାଉଥିବା ଲୋକଙ୍କୁ ବେଆଇନ୍ ଅଟକ ରଖାଯାଉଛି, ଯନ୍ତ୍ରଣା ଦିଆଯାଉଛି। ଆତଙ୍କବାଦ ଓ ଅପହରଣ ଭଳି ମାମଲାରେ ଜଡ଼ିତ କରାଇ ସ୍ଥାନୀୟ ଆଇନ୍‌ର ମନମୁଖି ପ୍ରୟୋଗ କରାଯାଉଛି।

ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଗୋଟେ କ୍ଷୁଦ୍ର ରାଷ୍ଟ୍ରର ଏପରି ଦୁଃସ୍ଥିତି କାଳରେ ରାଷ୍ଟ୍ରନାୟକଙ୍କ ଏକଚ୍ଛତ୍ରବାଦ ବିରୋଧରେ ବଜ୍ର ସ୍ୱର ଜାଗ୍ରତ କରି ସାଧାରଣ ଜନତାଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଜନ-ଆନ୍ଦୋଳନ ଜରିଆରେ ନିରବଚ୍ଛିନ୍ନ ପ୍ରୟାସ କରୁଥିବା ମ୍ୟାରିଆ କୋରିନା ମାଚାଡ଼ୋ ଚଳିତ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ବିଜୟିନୀ। ମ୍ୟାରିଆ ଜଣେ ଇଣ୍ଡଷ୍ଟ୍ରିଆଲ୍ ବା ଔଦ୍ୟୋଗିକ ଇଂଜିନିୟର୍ ଓ ବିତ୍ତକ୍ଷେତ୍ର (ଫାଇନାନ୍ସ) ରେ ସ୍ନାତକୋତ୍ତର ଉପାଧିପ୍ରାପ୍ତ। 'ସୁମେଟ୍' ସଂଗଠନର ପ୍ରତିଷ୍ଠାତ୍ରୀ ଭାବରେ ନିଜର ରାଜନୈତିକ ଜୀବନ ସେ ଆରମ୍ଭ କରିଥିଲେ। ସେଥିସହିତ 'ଭେଣ୍ଟେ ଭେନ୍‌ଜୁଏଲା' ନାମକ ରାଜନୈତିକ ଦଳର ଜାତୀୟ ସଂଯୋଜିକା ଅଛନ୍ତି। ୨୦୧୪ରୁ ଏପର୍ଯ୍ୟନ୍ତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସରକାର ବିରୋଧରେ ଏକ ଶକ୍ତିଶାଳୀ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ମ୍ୟାରିଆ। ୨୦୨୪ରୁ ଗୋପନବାସରେ ଅଛନ୍ତି। ଏକ ଦଶନ୍ଧି ବ୍ୟାପୀ ତାଙ୍କର ସଂଗ୍ରାମକୁ ସ୍ୱୀକୃତି ଜଣାଇ ନୋବେଲ୍ କମିଟି ତାଙ୍କୁ ପ୍ରଦାନ କରିଛି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସର୍ବଶ୍ରେଷ୍ଠ ଶାନ୍ତି ପୁରସ୍କାର।

ଗଣତାନ୍ତ୍ରିକ ଅଧିକାର ପାଇଁ ମ୍ୟାରିଆଙ୍କ ସଂଗ୍ରାମ ଆମକୁ ମନେପକାଇ ଦେଉଛି ଆଜିକୁ ପ୍ରାୟ ଚାରି ଦଶନ୍ଧି ତଳେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାମରିକ ଶାସନକର୍ତ୍ତା ଜେନେରାଲ୍ ନି ୱିନ୍‌ଙ୍କ ବିରୋଧରେ ଜନଆନ୍ଦୋଳନକୁ କିଭଳି ତୀବ୍ରତର କରିଥିଲେ ବିପ୍ଳବିଣୀ ଅଙ୍ଗ୍‌ସାନ୍ ସୁକୀ। ଜେନେରାଲ ନି ୱିନ୍‌ଙ୍କ ସାମରିକ ଶାସନରେ ବର୍ମାର ଅଧିବାସୀମାନେ ଅତ୍ୟନ୍ତ ଅତିଷ୍ଠ ଓ ଅସ୍ଥିର ହୋଇପଡ଼ିଥିଲେ। ୧୯୮୮ ମସିହାରେ ସୁକୀ ରେଙ୍ଗୁନ୍‌ରେ ପହଞ୍ଚି ବର୍ମାବାସୀଙ୍କ ଦୁରବସ୍ଥାକୁ ହୃଦୟଙ୍ଗମ କଲେ। ସୁକୀ ଲକ୍ଷ୍ୟ କଲେ ଛାତ୍ରମାନେ ନି ୱିନ୍‌ଙ୍କ ବିରୋଧରେ ଆନ୍ଦୋଳନ କରୁଛନ୍ତି। ସୁତରାଂ ସେ ନିଜକୁ ସେହି ଆନ୍ଦୋଳନରେ ସାମିଲ କରାଇଲେ।

ସାରା ଦେଶରେ ସାମରିକ ଶାସନ ବିରୋଧରେ ପ୍ରତିବାଦର ସ୍ୱର ଜାଗି ଉଠିଲା। ୧୯୮୮ ଜୁଲାଇ ୨୩ ତାରିଖରେ ନି ୱିନ୍ 'ବର୍ମିଜ୍ ସୋସିଆଲିଷ୍ଟ ପ୍ରୋଗ୍ରାମ୍ ପାର୍ଟି'ର ନେତୃତ୍ୱରୁ ଓହରିଯିବାକୁ ସ୍ଥିରକଲେ। ୧୯୮୮ ଅଗଷ୍ଟ ୧୫ ତାରିଖରେ ସୁକୀ ନିଜର ଏକ ଲେଖା ସାମରିକ ଶାସନକର୍ତ୍ତାଙ୍କୁ ଦେଲେ। ସେହି ଲେଖାର ଶୀର୍ଷକ ଥିଲା - 'ଦି ଫର୍‌ମେସନ୍ ଅଫ୍ ଏ ପିପୁଲ୍‌ସ୍ କନ୍‌ସଲ୍‌ଟେଟିଭ୍ କମିଟି'। ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ର ଆନ୍ଦୋଳନକାରୀମାନଙ୍କ ବିରୋଧରେ ଦମନମୂଳକ ପନ୍ଥା ଗ୍ରହଣ ନକରିବା ପାଇଁ ଏବଂ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିଦେବା ପାଇଁ ଉକ୍ତ ଲେଖାରେ ସୁକୀ ସାମରିକ ଶାସନକର୍ତ୍ତାଙ୍କୁ ନିବେଦନ କରିଥିଲେ। ଏହି ଲେଖାରେ ମଧ୍ୟ ବର୍ମାର କେତେକ ବିଶିଷ୍ଟ ନାଗରିକ ସ୍ୱାକ୍ଷର କରିଥିଲେ।

ସମଗ୍ର ଦେଶରେ ଶାନ୍ତିପୂର୍ଣ୍ଣ ଓ ଅହିଂସ ଆନ୍ଦୋଳନ ଏକ ବିରାଟ ଆକାର ଧାରଣ କରିବାରୁ ଜେନେରାଲ ନି ୱିନ୍ କ୍ଷମତାରୁ ଓହରିଗଲେ। ୧୯୮୮ ସେପ୍ଟେମ୍ବର ୧୮ ତାରିଖରେ ଜେନେରାଲ ସ'-ମାଉଙ୍ଗ୍ ସାମରିକ ଶାସନକର୍ତ୍ତା ହେଲେ। ସେତିକିବେଳେ ସୁକୀ ଏକ ଦଳ ଗଢ଼ିଲେ ଯାହାର ନାମ ହେଲା 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି'। ୧୯୮୮ ଅଗଷ୍ଟ ୧୫ତାରିଖରୁ ୧୯୮୯ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ସୁକୀ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କଲେ ସାମରିକ ଏକଚ୍ଛତ୍ରବାଦ ବିରୋଧରେ। ସୁକୀଙ୍କର ଜନପ୍ରିୟତା ସମଗ୍ର ଦେଶରେ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା। ୧୯୯୦ ମେ ୨୭ ତାରିଖରେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା। ସେଥିରେ ୪୮୫ଟି ଆସନ ମଧ୍ୟରୁ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳ ୩୯୨ଟି ଆସନରେ ବିଜୟ ହାସଲ କଲେ। ସମୁଦାୟ ୧୩ ନିୟୁତ ଭୋଟ ମଧ୍ୟରୁ ସୁକୀଙ୍କ ଦଳ ଶତକଡ଼ା ୭୨ ଭାଗ ଭୋଟ୍ ପାଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲେ। ନିର୍ବାଚନ ପୂର୍ବରୁ ମାସ ମାସ ଧରି ସୁକୀ ୧୦୦୦ରୁ ଊର୍ଦ୍ଧ୍ୱ ସଭାରେ ଉଦ୍‌ବୋଧନ ଦେଇଥିଲେ।

ନିର୍ବାଚନରେ ସୁକୀଙ୍କ 'ଗଣତନ୍ତ୍ର-ଦଳ'ର ବିପୁଳ ବିଜୟ ଦେଖି ସାମରିକ ଶାସକମାନେ କ୍ରୋଧାନ୍ୱିତ ଓ ଈର୍ଷାପରାୟଣ ହୋଇଉଠିଲେ। ଗଣତନ୍ତ୍ର ସପକ୍ଷରେ ମ୍ୟାଁମାର୍‌ର ଅଧିବାସୀଙ୍କ ରାୟକୁ ସାମରିକ ଶାସକମାନେ ଅସ୍ୱୀକାର ଓ ଅସମ୍ମାନ କଲେ। ୧୯୯୦ ଅକ୍ଟୋବର ମାସରୁ ୧୯୯୨ ଜାନୁଆରୀ ମଧ୍ୟରେ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳର ପାର୍ଲାମେଣ୍ଟ ସଭ୍ୟମାନଙ୍କର ବିଚାର ହୋଇ ପ୍ରତ୍ୟେକଙ୍କୁ ୧୦ରୁ ୨୫ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରାଗଲା। ବନ୍ଦୀଶାଳାରେ ରାଜନୈତିକ ବନ୍ଦୀମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରାଗଲା। ୧୯୯୧ ଜୁଲାଇ ୨୦ତାରିଖରୁ ସୁକୀଙ୍କୁ ଗୃହବନ୍ଦୀ କରି ରଖାଗଲା।

ମ୍ୟାଁମାର୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସୁକୀ ଯେପରି ନିରବଚ୍ଛିନ୍ନ ସଂଗ୍ରାମ ଓ ସାଧନା କରି ଆସିଥିଲେ, ଯେପରି ଚରମ ତ୍ୟାଗ ସ୍ୱୀକାର କରିଥିଲେ, ଇତିହାସରେ ତାହା ଅତୁଳନୀୟ। ୧୯୯୧ର ନୋବେଲ୍ ଶାନ୍ତି ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା। ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଓ ଏକଚ୍ଛତ୍ରବାଦୀ ଶାସନ ବିରୋଧରେ ସାହସିକ ସଂଗ୍ରାମ କରିଥିବା ଏହି ଦୁଇଜଣ ବିପ୍ଳବିଣୀ ନାରୀ ବିଶ୍ୱ ଇତିହାସରେ ଚିର ସ୍ମରଣୀୟ ହୋଇ ରହିବେ। ଏକଚ୍ଛତ୍ରବାଦ ବିରୋଧରେ ଅବଳା ରୂପେ ବିଦିତ ନାରୀମାନଙ୍କର ଉପରୋକ୍ତ ଯୁଗାନ୍ତକାରୀ ସଂଗ୍ରାମକୁ ନୋବେଲ୍ ସ୍ୱୀକୃତି ନାରୀ ସଶକ୍ତୀକରଣର ଦୃଢ଼ ବାର୍ତ୍ତା, ସର୍ବୋପରି ପୁରୁଷପ୍ରାଧାନ୍ୟ ସମାଜକୁ ଏକ ଭିନ୍ନ ସଂକେତ ଦେଉଛି। ●

(ଅବସରପ୍ରାପ୍ତ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୭୨

# ଜ୍ଞାନର ଅହଙ୍କାର ଓ ଅହଙ୍କାରର ଜ୍ଞାନ

**ଶ୍ରୀବତ୍ସ ନାୟକ**

ଏମିତି ଏକ ସମୟ ଆସିବ ଯେଉଁ ସମୟରେ ତୁମ ପାଖରେ ଚପଲ ଥିବ, କିନ୍ତୁ ପାଦରେ ବଳ ନଥିବ। ହାତ ଥିବ, କିନ୍ତୁ ଯୋଡ଼ିବାକୁ ଶକ୍ତି ନଥିବ। ସମସ୍ତେ ଥାଇ ବି ପାଖରେ କେହି ନଥିବେ। ସମୟ ଆସିବ ଯୌବନରେ ବାର୍ଦ୍ଧକ୍ୟର ଛାଇ ଖେଳିଯିବ, ସ୍ୱପ୍ନ ଦେଖୁଥିବ ହେଲେ ରାତି ନଥିବ। ସମୟ ଆସିବ ତୁମକୁ ବି କେହି ଉପହାସ କରିବେ। ତୁମେ ବି କାହା ନିର୍ଦ୍ଦେଶକୁ ଅପେକ୍ଷା କରିବ। ନିରସ୍ତ୍ର ସୈନିକ ଭଳି ମୂକ ପାଲଟିଯିବ। ବିରହ ବିଚ୍ଛେଦର ଯନ୍ତ୍ରଣା ଭୋଗିବାକୁ ପଡ଼ିବ, ସମସ୍ତ କୁକର୍ମର ପଶ୍ଚାତାପ କରିବାକୁ ପଡ଼ିବ। ତେଣୁ ଏତେ ଗର୍ବ ଅହଙ୍କାର କାହିଁକି? ସମୟ ଆସିବ ସବୁ ଅହଙ୍କାର ଚୂରମାର ହୋଇଯିବ।

ମଣିଷ ମନର ଅହଂ ଭାବନାରେ ଆତ୍ମଗର୍ବ ଅତିଶୟ। ଏ ମଣିଷ ଅହଂ ଭାବନାରେ ବୁଡ଼ି ନିଜକୁ ମଣେ ମହାନ। ନମ୍ରତା ଭାବନା ପ୍ରତି ବୀତସ୍ପୃହ ହୋଇ ଆତ୍ମଗର୍ବେ ବଳୀୟାନ ହୁଏ। ଅଜ୍ଞାନ ଅନ୍ଧକାର ରହିତ ମଣିଷ ଅହଙ୍କାର କରିବା ସ୍ୱାଭାବିକ। କିନ୍ତୁ ଯେତେବେଳେ ଜ୍ଞାନୀ ଲୋକମାନେ ନିଜ ଜ୍ଞାନକୁ ନେଇ ଗର୍ବ ଓ ଅହଙ୍କାର କରିଥା'ନ୍ତି, ସେତେବେଳେ ସମାଜ ବିନାଶ ଆଡ଼କୁ ଗତି କରିଥାଏ। କିଏ ନିଜର ଧନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରେ। କିଏ ଜ୍ଞାନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ଦାନ ଓ ଭକ୍ତିକୁ ନେଇ ଗର୍ବ କରେ। ଅଧୁନା ସମାଜରେ ଅହଙ୍କାରୀ ଜ୍ଞାନୀମାନଙ୍କର ଅଭାବ ନାହିଁ। ଏହି ଅହଙ୍କାରୀ ଜ୍ଞାନୀମାନେ ନିଜର ଜ୍ଞାନର ଦ୍ୱାହି ଦେଇ ବିକାଶ ଆଳରେ ସମାଜକୁ ବିନାଶ ଆଡ଼କୁ ନେଇଯାଉଛନ୍ତି।

ଲଙ୍କାପତି ରାବଣ ବେଦ, ଶାସ୍ତ୍ର ଓ ସଙ୍ଗୀତରେ ବେଶ୍ ପାରଙ୍ଗମ ଥିଲେ। ସେ ଶିବଭକ୍ତ ମଧ୍ୟ ଥିଲେ। ତାଙ୍କର ତପସ୍ୟାରେ ସ୍ୱୟଂ ଶିବଙ୍କୁ ସନ୍ତୁଷ୍ଟ କରିଥିଲେ। ସେ ବ୍ରହ୍ମଜ୍ଞାନୀ ଥିଲେ, କିନ୍ତୁ ସେଇ ଜ୍ଞାନକୁ ସେ ବିନମ୍ରତାରେ ବ୍ୟବହାର କରି ନ ଥିଲେ। ସୀତାଙ୍କୁ ହରଣ କରିବା, ନିଜକୁ ସବୁଠାରୁ ଶ୍ରେଷ୍ଠ ଭାବିବା ସେଇ ଅହଙ୍କାରର ପରିଣାମ ସ୍ୱରୂପ ତାଙ୍କର ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ହେଲା। ଜ୍ଞାନ ସହିତ ବିନମ୍ରତା ନଥିଲେ ସେଇ ଜ୍ଞାନ ବିନାଶକାରୀ ସଦୃଶ। ଦୁର୍ବାସା ଋଷି ବଡ଼ ଜ୍ଞାନୀ ଓ ତପସ୍ୱୀ ଥିଲେ। କିନ୍ତୁ କ୍ରୋଧ ଓ ଅହଙ୍କାରବଶତଃ ତାଙ୍କର ଶାପରେ ଅନେକ ରାଜ୍ୟ, ଅନେକ ପରିବାର ଦୁର୍ଭୋଗରେ ପଡ଼ିଥିଲା। ରାଜା ବଳୀଙ୍କ ଦାନ ଦେବାର ଅହଙ୍କାର ଓ ଆତ୍ମବଡ଼ିମା ଯୋଗୁଁ ପାତାଳ ପୁରକୁ ଗଲେ। ଅହଙ୍କାର ପାଇଁ ମହର୍ଷି ନାରଦ ମଧ୍ୟ ଶ୍ରେଷ୍ଠ ଭକ୍ତ ହେବାର ଯୋଗ୍ୟତା ହରେଇଛନ୍ତି। ଯେତେବେଳେ ଜ୍ଞାନ କ୍ରୋଧ ସହିତ ମିଶେ ସେଥିରୁ କେବଳ ଦୁଃଖ ଜନ୍ମେ। ମହାଭାରତର ଦୁର୍ଯ୍ୟୋଧନ ଯୁଦ୍ଧଶାସ୍ତ୍ର, ରାଜନୀତି ଓ କୌଶଳରେ ଥିଲେ ଅପାର ଜ୍ଞାନୀ। ସେ ଶିକ୍ଷା ଓ ଶକ୍ତିରେ ସମ୍ପନ୍ନ ଥିଲେ ମଧ୍ୟ ଅହଙ୍କାରରେ ପାଣ୍ଡବମାନଙ୍କୁ ଦ୍ୱେଷ କରି ତାଙ୍କ ସମସ୍ତ ଜ୍ଞାନକୁ ଅନ୍ୟାୟରେ ବ୍ୟୟ କଲେ। ଶେଷରେ କୁରୁକ୍ଷେତ୍ରରେ ତାଙ୍କର ପରାଜୟ ହେଲା। ଜ୍ଞାନ ଯଦି ସତ୍ୟରେ ନ ଥାଏ, ସେଥିରୁ ଅବଶ୍ୟ ବିନାଶ ଆସେ।

ହିଟଲର୍ ଅସାଧାରଣ ରାଜନୀତିକ ଜ୍ଞାନ, ସମ୍ବୋଧନ କରିବାର କଳା ଓ ସେନାନୀତିରେ ନିପୁଣ ଥିଲେ। ସେହି ଜ୍ଞାନକୁ ଯଦି ସେ ମାନବସେବାରେ ବ୍ୟବହାର କରିଥା'ନ୍ତେ, ସମଗ୍ର ବିଶ୍ୱ ଉନ୍ନତିର ପଥରେ ଯାଇପାରିଥା'ନ୍ତା। କିନ୍ତୁ ସେ ଅହଙ୍କାର, ହିଂସା ଓ ଅନ୍ୟଜାତି ପ୍ରତି ଦ୍ୱେଷରେ ସେଇ ଜ୍ଞାନକୁ ବ୍ୟବହାର କଲେ। ପରିଣାମ ସ୍ୱରୂପ ବିଶ୍ୱ ଦେଖିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ। ଏଠାରେ ଜ୍ଞାନ ରହିତ ଅହଙ୍କାର ପ୍ରଳୟଙ୍କାରୀ ବିଶ୍ୱବ୍ୟାପୀ ଯୁଦ୍ଧକୁ ନିମନ୍ତ୍ରଣ କରିଥିଲା। ମୋଗଲ୍ ସମ୍ରାଟ୍ ଔରଙ୍ଗଜେବ ରାଜନୀତି, ଶାସନ ଓ ଧର୍ମଶାସ୍ତ୍ରରେ ଜ୍ଞାନୀ ଥିଲେ। କିନ୍ତୁ ସେଇ ଜ୍ଞାନକୁ ସେ ସହିଷ୍ଣୁତାରେ ନୁହେଁ, କଠୋରତାରେ ବ୍ୟବହାର କଲେ। ତାଙ୍କର ଅହଙ୍କାରୀ ନୀତି ସମଗ୍ର ମୋଗଲ ସାମ୍ରାଜ୍ୟକୁ ଦୁର୍ବଳ କରିଦେଲା। ଶାସନରେ ଜ୍ଞାନ ଅହଙ୍କାରରେ ବ୍ୟବହୃତ ହେଲେ, ସାମ୍ରାଜ୍ୟ ଧ୍ୱଂସ ନିଶ୍ଚିତ। ଇତିହାସ ସାକ୍ଷୀ ଅଛି ଯେ ଏହିଭଳି ଅନେକ ଜ୍ଞାନୀମାନଙ୍କର ଅହଙ୍କାର ଯୋଗୁଁ ସେମାନଙ୍କର ପତନ ହୋଇଛି ଏବଂ ସମଗ୍ର ସମାଜ ଧ୍ୱଂସାଭିମୁଖୀ ହୋଇଛି।

ଜ୍ଞାନର ଅହଙ୍କାର ମଣିଷକୁ ତଳିତଳାନ୍ତ କରିଦିଏ। କିନ୍ତୁ ଅହଙ୍କାରର ଜ୍ଞାନ ମଣିଷର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଥାଏ। ଯେଉଁ ମଣିଷ ପାଖରେ ଅହଙ୍କାର ବିଷୟରେ କିଛି ନା କିଛି ଜ୍ଞାନ ଥିବ ସେମାନେ ହେଲେ ପ୍ରକୃତ ଜ୍ଞାନୀ। ମର୍ଯ୍ୟାଦାପୁରୁଷ ଶ୍ରୀରାମ ଜ୍ଞାନୀ ଥିଲେ, କିନ୍ତୁ ତାଙ୍କର ଜ୍ଞାନ ଥିଲା ଅହଙ୍କାର ବର୍ଜନ ଉପରେ। ଅବତାରୀ ପୁରୁଷ ଶ୍ରୀକୃଷ୍ଣ କେବେ ବି ନିଜକୁ ଭାଗବାନ ବୋଲି ସମ୍ବୋଧିତ କରିନାହାନ୍ତି। ସକ୍ରେଟିସ୍ ନିଜ ମହାନତାର ପ୍ରମାଣ ଦେବାକୁ ଯାଇ କହିଛନ୍ତି ଯେ ମୁଁ ଏତିକି ଜ୍ଞାନ ଆହରଣ କରିଛି ଯେ ମୁଁ କିଛି ଜାଣିନାହିଁ। ଏହା ହିଁ ପ୍ରକୃତ ଜ୍ଞାନ। ଏହି ବିନମ୍ରତାରୁ ସେ ମହାନ୍। ପ୍ରକୃତ ଜ୍ଞାନୀ ସିଏ, ଯିଏ ଜ୍ଞାନକୁ ଅହଙ୍କାରରେ ନୁହେଁ, ସେବାରେ ବ୍ୟବହାର କରେ।

ଜ୍ଞାନ ହେଉଛି ମଣିଷର ସର୍ବୋତ୍କୃଷ୍ଟ ସମ୍ପଦ। ଜ୍ଞାନର ଆଲୋକରେ ମଣିଷ ନିଜେ ସଚେତନ ହୁଏ ଏବଂ ସମାଜକୁ ଆଗକୁ ନେଇଯାଏ। କିନ୍ତୁ କେବେ କେବେ ଏହି ଜ୍ଞାନ ମଣିଷକୁ ବିନମ୍ର କରିବାରୁ ବ୍ୟର୍ଥ ହୋଇ ଅହଙ୍କାରର ସୃଷ୍ଟି କରେ। ଏହି ଜ୍ଞାନର ଅହଙ୍କାର ସମସ୍ତଙ୍କ ପାଇଁ କ୍ଷତିକାରକ। ଜ୍ଞାନର ସତ୍ୟ ସ୍ୱରୂପ ଯଥାର୍ଥ ଜ୍ଞାନ ମଣିଷକୁ ନମ୍ରତା, ସହିଷ୍ଣୁତା ଓ ସେବାଭାବୀ କରିଥାଏ। 'ବିଦ୍ୟା ଦଦାତି ବିନୟମ୍'। ଅର୍ଥାତ୍, ସତ୍ୟ ଜ୍ଞାନ ବିନମ୍ରତାକୁ ଜନ୍ମ ଦେଇଥାଏ। ତେଣୁ ଜ୍ଞାନର ଅହଙ୍କାରକୁ ପରିତ୍ୟାଗ କରି ଅହଙ୍କାର ବିଷୟରେ ଜ୍ଞାନ ଆହରଣ କଲେ ସମାଜର ମଙ୍ଗଳ ସାଧିତ ହେବ। ●

କଟକ, ମୋ: ୯୪୩୮୦୭୦୮୪୯

# ରାଧା ଦାମୋଦର ବ୍ରତ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ଦ୍ୱାପର ଯୁଗର କଥା। ମାମୁଁ କଂସର ନିମନ୍ତ୍ରଣ ପାଇ କୃଷ୍ଣବଳରାମ ଅକ୍ରୁରଙ୍କ ସହ ରଥାରୋହଣ କରି ମଥୁରା ଯିବା ପାଇଁ ବାହାରିଲେ। କୃଷ୍ଣ ଥିଲେ ଗୋପୀଗୋପାଳମାନଙ୍କର ପ୍ରାଣର ପ୍ରାଣ। ତେଣୁ ଗୋପୀମାନେ ଏକତ୍ରିତ ହୋଇ କୃଷ୍ଣଙ୍କର ପଥରୋଧ କଲେ। ଶ୍ରୀକୃଷ୍ଣ ସେମାନଙ୍କୁ ରାସ୍ତା ଛାଡ଼ି ଦେବାକୁ ଅନୁରୋଧ କରି କହିଲେ- '...ମନରେ ନ ଭାଳ, ଗୋପୀଗୋପାଳ ଭେଟ ସର୍ବକାଳ।' କିନ୍ତୁ ଗୋପୀମାନେ ଥିଲେ ନଛୋଡ଼ବନ୍ଧା। କେବେ ଓ କେଉଁଠାରେ ଦେଖାହେବ ବୋଲି ସେମାନେ କୃଷ୍ଣଙ୍କ ପାଖରେ ଅଳି କଲେ। ତହୁଁ ଶ୍ରୀକୃଷ୍ଣ କହିଲେ, ... 'ଚଳ ନୀଳଗିରି, ରତ୍ନ ସିଂହାସନେ ଥିବୁ ବିହରି / ସବୁହୁଁ ଅଧିକ ଅତି ପୂଣ୍ୟ ମାସ ଅଟେ କାର୍ତ୍ତିକ / ମୋତେ କାର୍ତ୍ତିକ ମାସରେ ଭେଟିବ, ରାଇ ଦାମୋଦର କରି ପୂଜିବ / ସିନ୍ଧୁକୂଳରେ ରାଇ ଦାମୋଦର, ମୋତେ ପୂଜିବ ଥିବି ମୁଁ ସେଠାର / ମୋର କାର୍ତ୍ତିକେ ଦାମୋଦର ମୂର୍ତ୍ତି. ମୋତେ ପୂଜିବ ଗୋ ଗୋପ ଯୁବତୀ(ଓଡ଼ିଆ ଓଷାବ୍ରତ କଥା)।'

ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ନୀଳାଚଳରେ କାର୍ତ୍ତିକ ମାସରେ ରାଧାଦାମୋଦରଙ୍କର ଯୁଗଳ ମୂର୍ତ୍ତିର ଆରାଧନା କରି ରାଧାଦାମୋଦର ବ୍ରତ ପାଳନ କରାଯାଏ। ମହାପ୍ରଭୁ ଜଗନ୍ନାଥ ବ୍ରତଧାରୀମାନଙ୍କର ଆରାଧନା ଶ୍ରଦ୍ଧାର ସହ ଗ୍ରହଣ କରନ୍ତି ବୋଲି ବିଶ୍ୱାସ କରାଯାଏ ଏବଂ ସେ ବିଷୟରେ ଶ୍ରୀକ୍ଷେତ୍ରରେ ଏକ ରୋଚକ ଲୋକକଥା ଶୁଣିବାକୁ ମିଳେ। ପୁରୀର ଶ୍ୱେତଗଙ୍ଗା ନିକଟରେ ବାସୁଦେବ ନାମକ ଜଣେ ବ୍ରାହ୍ମଣ ବାସ କରୁଥିଲେ। ତାଙ୍କ ମାଆ ଶ୍ରୀୟା, ପତ୍ନୀ ରାଧା ଓ ଭଉଣୀ ସୁମେଧାଙ୍କୁ ନେଇ ତାଙ୍କର ଚାରିଜଣର ପରିବାର। ରାଧା ଓ ସୁମେଧା ଥିଲେ ମହାପ୍ରଭୁ ଜଗନ୍ନାଥଙ୍କର ଭକ୍ତ। ସବୁ ବର୍ଷ କାର୍ତ୍ତିକ ମାସରେ ଦୁହେଁ ନିଷ୍ଠାର ସହ ରାଧାଦାମୋଦର ବ୍ରତ ପାଳନ କରୁଥିଲେ। କିନ୍ତୁ ବୁଢ଼ୀ ଶ୍ରୀୟାଙ୍କୁ ଏ ସବୁ ଭଲ ଲାଗୁ ନ ଥିଲା। ସକାଳୁ ସକାଳୁ ଘରର କାମଦାମ ଛାଡ଼ି ଝିଅ ଓ ବୋହୂର ପୂଜା କରି ଯିବାକୁ ଶ୍ରୀୟା ପସନ୍ଦ କରୁ ନଥିଲେ। ଦିନେ ନଣନ୍ଦ ଭାଉଜ ପୂଜା ପାଇଁ ବାହାରିବା ବେଳକୁ ଶ୍ରୀୟା ଭୀଷଣ ଝଗଡ଼ା କଲେ। ରାଧା ଓ ସୁମେଧାଙ୍କ ପୂଜାରେ ବିଳମ୍ବ ଘଟିଲା। ସମୟ ଗଡ଼ି ଯାଉଥିବାରୁ ଦୁହେଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ କାତର ପ୍ରାର୍ଥନା ଶୁଣିଲେ। ତାଙ୍କ ଆଦେଶରେ ମାତା ସରସ୍ୱତୀ ବୁଢ଼ୀର କଣ୍ଠରେ ବିଜେ ହେଲେ ଏବଂ ପୂଜା ପାଇଁ ଅନୁମତି ଦେଲେ। ନଣନ୍ଦ ଭାଉଜ ଡେରିରେ ସମୁଦ୍ର କୂଳକୁ ଯାଇ ପୂଜା ଆରାଧନା ଆରମ୍ଭ କଲେ। ସେମାନଙ୍କ ଭକ୍ତି ଓ ପୂଜାରେ ନିଷ୍ଠା ଦେଖି ମହାପ୍ରଭୁ ମୁଗ୍ଧ ହେଲେ ଓ ସେଠାରେ ଅନେକ ସମୟ ପର୍ଯ୍ୟନ୍ତ ରହିଗଲେ।

ଏଣେ ଶ୍ରୀମନ୍ଦିରରେ ସକାଳ ଧୂପ ପାଇଁ ଗର୍ଭଗୃହରେ ପ୍ରସାଦ ବଢ଼ା ହେଲା ଏବଂ ଟେରା ପଡ଼ିଲା। ଧୂପ ପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କ ସହିତ ଗଜପତି ମହାରାଜା ମଧ୍ୟ ଅପେକ୍ଷା କରିଥିଲେ। ପ୍ରସାଦ ଅର୍ପଣ ପୂର୍ବରୁ ପଣ୍ଡା ମହାପ୍ରଭୁଙ୍କୁ ଆବାହନ କରି ଚଳନ୍ତିରେ ଦର୍ଶନ କରନ୍ତି। ତା' ପରେ ଭୋଜନ ପ୍ରସାଦ ସମର୍ପଣ ହେବା ଶ୍ରୀମନ୍ଦିରର ପରମ୍ପରା। କିନ୍ତୁ ସେ ଦିନ ମହାପ୍ରଭୁ ରାଧା ଓ ସୁମେଧାର ପୂଜା ସମୁଦ୍ର କୂଳରେ ଗ୍ରହଣ କରୁଥିବାରୁ ଚଳନ୍ତିରେ ଦର୍ଶନ ଦେଲେ ନାହିଁ। ଗଜପତି ଭାବିଲେ ଯେ ସେବକମାନେ କିଛି ଅନ୍ୟାଚାର କରି ଥିବାରୁ ଠାକୁର ଚଳନ୍ତିରେ ଆସୁ ନାହାନ୍ତି। ତେଣୁ ସେ ତତକ୍ଷଣାତ୍ ସଂପୃକ୍ତ ସେବକମାନଙ୍କୁ ବହିଷ୍କାର କରି ଶାସନୀ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କଲେ। ସେବକ ପ୍ରିୟ ଜଗନ୍ନାଥ ସତ୍ୟାଗ୍ରହ କଲେ। ସେ ନବନିଯୁକ୍ତ ସେବକମାନଙ୍କର ସେବା ଗ୍ରହଣ କଲେ ନାହିଁ। ତାହା ଦେଖି ଗଜପତି, ସେବକ, ସାଧୁସନ୍ଥ ଓ ଭକ୍ତମାନେ ମଧ୍ୟ ଉପବାସରେ ରହିଲେ। ତୃତୀୟ ଦିନ ରାତିରେ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ କହିଲେ- 'ତିନିଦିନ ହେଲା ମୋ ଉପବାସ, ମୋର ପଣ୍ଡାଙ୍କୁ କରିଅଛୁ ବସ / ତୁ ଯେ ବୋଲିଲୁ ଉଛୁର ହୋଇଲା, ତହିଁ ପଣ୍ଡାଙ୍କର ଦୋଷ ନୋହିଲା / ମୋତେ ଦେଖିଲେ ସିନା ଚଳୁ ଦେବେ, ମୁଁ ତ ସେଠାରେ ନ ଥିଲି ଦଇବେ / ସେଇଠାରେ ମୋର ବଡ଼ ଶରଧା, ଯହିଁ ପୂଜନ୍ତି ଦାମୋଦର ରାଧା।'(ଓଡ଼ିଆ ଓଷାବ୍ରତ କଥା)। ତା' ପରଦିନ ରାଜା ନିଜେ ମନ୍ଦିରକୁ ଯାଇ ପ୍ରଥମେ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କଲେ। ତା' ପରେ ପଣ୍ଡାମାନଙ୍କୁ କ୍ଷମା ମାଗି ପୁଣି ସେମାନଙ୍କୁ ସେବାରେ ନିଯୁକ୍ତି ଦେଲେ। ମନ୍ଦିରର ନୀତିକାନ୍ତି ପୂର୍ବବତ୍ ସୁରୁଖୁରୁରେ ଚାଲିଲା। ●

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଜୟ ଢ଼ୋଲକିଆ ହେବେ ବିଜେପି ପ୍ରାର୍ଥୀ

# ବୃହତ୍ ବ୍ୟବଧାନରେ ବିଜୟୀ ହେବୁ: ବିଜେଡି

## ପ୍ରତାରକଙ୍କୁ ଉଚିତ୍ ଜବାବ ଦେବେ ନୂଆପଡ଼ାବାସୀ

ଭୁବନେଶ୍ୱର,୧୪।୧୦(ସମିସ): ଚଳିତ ବର୍ଷ ଦଶହରା ପରେ ପରେ ରାଜ୍ୟର ପାଣିପାଗ ନରମ ହେଉଥିବାବେଳେ ନୂଆପଡ଼ା ରାଜନୀତି ଉଷ୍ମ ହେବାରେ ଲାଗିଛି। ପୂର୍ବରୁ କଂଗ୍ରେସ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେପି ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି । ଆସନ୍ତା ୧୬ ତାରିଖରେ ଜୟ ଢୋଲକିଆ ବିଜେପି ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିବେ। ଏହି ଅବସରରେ ମୁଖମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ,

### ଉଷ୍ମ ହେଉଛି ନୂଆପଡ଼ା ରାଜନୀତି

ଦଳର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହିବେ ବୋଲି ବିଜେପି ସାଂସଦ ସୁଜିତ୍ କୁମାର ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନ ପ୍ରସଙ୍ଗରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଅରୁଣ କୁମାର ସାହୁ ବିଜେପିକୁ ତେରଛା ବାଣ ମାରିବା ସହ ଅକଳ୍ପନୀୟ ବ୍ୟବଧାନରେ ବିଜେଡି ବିଜୟ ହେବ ବୋଲି ଦୃଢ଼ୋକ୍ତି ପୋଷଣ କରିଛନ୍ତି। ସେ କହିଛନ୍ତି ଯେ ଗତକାଲି ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡି ଠିକଣା ସମୟରେ ବଢ଼ିଆ ପ୍ରାର୍ଥୀ ଦେବ, ସେ ନେଇ ସନ୍ଦେହ ପ୍ରକାଶ କରିବାର ଆବଶ୍ୟକତା ନାହିଁ।ନୂଆପଡାରେ ଜିତାପଟ ହାସଲ କରିବା ବିଜେଡିର ଆଭିମୁଖ୍ୟ । ସେହି ଅନୁଯାୟୀ ଦଳ କାର୍ଯ୍ୟ କରୁଛି। ଜଣେ ଚାଲିଗଲା ପରେ ତାଙ୍କ ପରିବାରରୁ ଜଣଙ୍କୁ ପ୍ରାର୍ଥୀ ଦେବା ପରମ୍ପରା ବନ୍ଦ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅନୁରୂପ ଭାବରେ ବିଜେଡିର ଅନ୍ୟତମ ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି ଯେ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ସହ ନୂଆପଡ଼ାବାସୀ ଅଛନ୍ତି। ପ୍ରତାରଣା କରୁଥିବା ଲୋକଙ୍କ ସହ ନୂଆପଡ଼ାବାସୀ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇ ସାରିଛନ୍ତି। ରାଜ୍ୟ ବିଜେପି ସରକାର ରାଜ୍ୟ ସହ ପ୍ରତାରଣା କରୁଥିବା ବେଳେ ଜୟ ଢୋଲକିଆ ନୂଆପଡ଼ାବାସୀଙ୍କ ସହ ପ୍ରତାରଣା କରିଛନ୍ତି। ଉଭୟଙ୍କୁ ଭୋଟର ଠିକଣା ସମୟରେ ଜବାବ୍ ଦେବେ। ନୂଆପଡା ଉପ ନିର୍ବାଚନ ପାଇଁ ବଡ଼ ଷ୍ଟ୍ରାଟେଜି ବିଜେଡି କରିଛି। ବିଜେଡି ଯେଉଁ ଷ୍ଟାଇଲରେ ଲଢ଼ିବ ବିଜେପି ତାହା ପରିକଳ୍ପନା ବି କରି ପାରିବ ନାହିଁ। ପ୍ରାର୍ଥୀ ଚୟନ କୁ ନେଇ ଦଳରେ କୌଣସି ଅଡୁଆ ନାହିଁ। ଠିକ ସମୟରେ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ବୋଲି ସେ କହିଛନ୍ତି।

## ବଡ଼ଧରଣର ନିଶା କାରବାର ରାକେଟ ପର୍ଦ୍ଦାଫାସ

# ୫୧୦୦ ବୋତଲ କଫ୍‌ସିରପ୍ ଜବତ, ୨୦ ଗିରଫ

ସମ୍ବଲପୁର, ୧୪।୧୦(ସମିସ): ସମ୍ବଲପୁର ପୁଲିସ ଆଜି ଏକ ବଡ଼ଧରଣର ନିଶା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିଛି। ବରେଇପାଲି ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲାଣ ହେଉଥିବା ୫୧୦୦ ବୋତଲ କଫସିରପ୍ ଜବତ କରିବା



ସହ ଏଥିରେ ସମ୍ପୃକ୍ତ ୨୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ଏହି କାରବାରର ମାଷ୍ଟରମାଇଣ୍ଡ ବୋଲି ଜଣାଯାଇଛି। ଅଭିଯୁକ୍ତମାନେ ହେଲେ, ଲୋକେଶ ପଧାନ ଓରଫ୍ ଆକାଶ (୩୦), ମନୀଷ ସିଂହ (୨୭), ମହିନ୍ଦ୍ର କିସାନ(୨୫), ପ୍ରଭାତ ଭୋଇ ଓରଫ୍ ଟିଟୁ (୨୩), ଅମୋଦ କରାଲି (୩୨), ତ୍ରିନାଥ ବେହେରା ଓରଫ୍ ଟିନୁ (୩୧), ଶେଖ ଫିରୋଜ ଓରଫ୍ ସୋନୁ (୨୯), ପୀତବାସ ସାହୁ (୪୦), ସତ୍ୟମ ନାଗ (୩୩), ଚିଣ୍ଟୁ ସୁନା (୨୫), ସଞ୍ଜୀବ ମେହେର (୨୦), ରବି ଦାସ ଓରଫ ସାହୁ (୨୫) ଓ ସତ୍ୟମ ସ୍ୱାଇଁ (୩୦), ଦୁର୍ଗା ଦୀପ (୪୦), ବସନ୍ତ ଗୁରୁ (୨୭), ସୁଦର୍ଶନ ରାଉତ ଓରଫ୍ ସୋନୁ (୨୩), ହାସାନ ରାଜା (୨୪), ପପି ବିଭାର (୨୫), ଅମନ ଦୀପ (୨୧) ଓ ଅନିଲ ଯାଦବ (୩୨)। ସେମାନଙ୍କଠାରୁ ଗୋଟିଏ କାର, ଗୋଟିଏ ପିକ୍‌ଅପ୍ ଭ୍ୟାନ, ୧୭ଟି ଜରିବ୍ୟାଗ୍‌ରେ ୫୧୦୦ ବୋତଲ ଏସ୍‌କଫ୍ କଫସିରପ୍, ୫ଟି ମୋବାଇଲ ଓ ନଗଦ ୪୦,୯୨୦ ଟଙ୍କା ଜବତ କରାଯାଇଛି। ଜବତ କଫସିରପ୍‌ର ମୂଲ୍ୟ ପାଖାପାଖି ୧୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଛି ଏବଂ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ବରେଇପାଲି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଅଭିଯୁକ୍ତ ଲୋକେଶ, ମହିନ୍ଦ୍ର, ପ୍ରଭାତ, ଅମୋଦ ଓ ମନୀଷ ଗୋଟିଏ ପିକ୍‌ଅପ୍ ଓ କାର୍‌ରେ କଟକରୁ ଏହି ବେଆଇନ କଫସିରପ୍ ଆଣିଥିଲେ। ଏହି କଫସିରପକୁ ସେମାନେ

### କଟକକୁ ଲମ୍ବିଛି ଚେର

ବିଭିନ୍ନ ପଡ଼ାରେ ବେଆଇନ ବିକ୍ରୟକାରୀଙ୍କୁ ଦେଇଥାନ୍ତେ। ପଚରାଉଚରା ସମୟରେ ଲୋକେଶ କହିଛି ଯେ ସେ ସ୍ଥାନୀୟ କଫସିରପ ଚାଲାଣକାରୀମାନଙ୍କଠାରୁ ଟଙ୍କା ସଂଗ୍ରହ କରି ପରଧିଆପାଲିର ଚନ୍ଦ୍ରଶେଖର ନାଏକକୁ ଦେଇଥିଲା। ସେ ୟୁପିଆଇ ଜରିଆରେ କଟକର ଡ୍ରଗ୍ ଯୋଗାଣକାରୀକୁ ଟଙ୍କା ପଠାଇଥିଲା। ଏହି ମାମଲାର ତଦନ୍ତ ଜାରି ରହିଛି। ଫେରାର୍ ଥିବା କିଛି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ୫ ଜଣ ଧରାପଡ଼ିଥିବାବେଳେ ୨ଜଣ ଫେରାର ଅଛନ୍ତି। ଏହିଭଳି ନିଶା କାରବାରକୁ କିଛି ଲୋକ ଆର୍ଥିକ ସହଯୋଗ ଦେଉଛନ୍ତି, ସେମାନଙ୍କ ପର୍ଦ୍ଦାଫାସ କରାଯିବା ସହ ସେମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ କରାଯିବ। ପ୍ରାୟ ସମସ୍ତଙ୍କ ନାମରେ ଅପରାଧିକ ମାମଲା ରହିଛି।

## ପୂର୍ଣ୍ଣଗର୍ଭା ହୀରାକୁଦ

**ଜଳସ୍ତର ୬୩୦ ଫୁଟ୍**

ସମ୍ବଲପୁର, ୧୪।୧୦ (ସମିସ): ପୂର୍ଣ୍ଣଗର୍ଭା ହୀରାକୁଦ। ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଛୁଇଁଛି। ନଦୀବନ୍ଧର ବାମପାର୍ଶ୍ୱର ୨ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ; ଏହିଭଳି ମୋଟ ୩ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୧,୬୮୭ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୪୯,୩୨୦ ଘନଫୁଟ୍ ଜଳ ନିଷ୍କାସିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୨୭,୭୦୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪,୫୨୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୫୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 01**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2025044 ତା. 25.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.28.10.2025 ରିଖ 1200 ଘଟିକାରେ | ତା.07.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-133/CI/25-26

**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 743, date- 16/09/2025 I , Elieo harijan, resident of At- Tikirachura, Po- Binjili, Po-Kosagumunda,Dist- Nabarangapur ,Pin-764058, declare that I have changed my daughter 's name from Suhana Abha Rani to Suhana Abharani Chalki. Hens,Suhana Abharani Chalki She shall be know as For all future purposes.

**SUHANA ABHARANI CHALKI**

**AFFIDAVIT**

By Virtue of an affidavit Sl. No. 437/25, dtd. 14.05.2025 before the Notary Public, Bhubaneswar, I, Ruksana Begum, At- Ray No.90, Shanti Nagar, Sikharchandi, Po. KIIT, Ps.- Infocity, Bhubanesar have changed my minor son's name from Rajaya Mustafa to Mir Raza E Mustafa for all purposes. Henceforth he shall be known as **Mir Raza E Mustafa** for all purposes.

**Sd/- Ruksana Begum**

# ଚୌଦ୍ୱାର କଏଦୀ ଫେରାର ପଛରେ ଆନ୍ତରାଜ୍ୟ ଗ୍ୟାଙ୍ଗ!

ଭୁବନେଶ୍ୱର,୧୪।୧୦(ସମିସ):ଚୌଦ୍ୱାର ଜେଲ୍‌ରୁ ଫେରାର ଦୁଇ କୁଖ୍ୟାତ ଅପରାଧୀଙ୍କ ପତ୍ତା ଏଯାଏ ପୁଲିସ ପାଇନାହିଁ । ମାତ୍ର ଏହି ଘଟଣାକୁ ନେଇ ଯେଉଁ ନୂଆ ନୂଆ ତଥ୍ୟ ଆସୁଛି ତାହା ଅତ୍ୟନ୍ତ ସାଂଘାତିକ ବୋଲି କୁହାଯାଉଛି । ଆନ୍ତରାଜ୍ୟ ଅପରାଧୀ ଗୋଷ୍ଠୀର

- ମାସକ ତଳୁ ଯୋଜନା, ଜେଲ କର୍ମଚାରୀଙ୍କ ସଂପୃକ୍ତି ସନ୍ଦେହ
- ଫେରାର ଘଟଣା ପରେ ପଶିଲା ଜେଲ ବିଭାଗର ଚେତା
- ଏଣିକି ନିୟମିତ ଜେଲ ବୁଲିବେ ଜିଲ୍ଲାପାଳ ଆଉ ଏସ୍‌ପି

ମୁଖ୍ୟ କୁହାଯାଉଥିବା ସୁବ୍ରତ ସିଂହ ପ୍ରାୟ ମାସକ ତଳୁ ଏଥିପାଇଁ ଯୋଜନା କରିଥିଲା ଓ ଶେଷରେ ଦୁଇ ଅପରାଧୀଙ୍କୁ ଫେରାର କରିବାରେ ସଫଳ ହୋଇଥିଲା। ଯେଉଁପରି ଭାବରେ ଦୁଇ ଅପରାଧୀ ଫେରାର ହେଲେ, ସେଥିରେ ଜେଲ ବିଭାଗ କର୍ମଚାରୀଙ୍କ ସହଯୋଗ ଥିବା ଜଳଜଳ ଦିଶୁଛି । ଜେଲ କର୍ମଚାରୀଙ୍କ ସହଯୋଗ ବିନା ଦୁଇ ହତ୍ୟା ଅଭିଯୁକ୍ତ ଅପରାଧୀ କେବେ ବି ଫେରାର ହୋଇ ପାରି ନ ଥାନ୍ତେ ବୋଲି ମଧ୍ୟ ଅଭିଯୋଗ ହୋଇଛି ।

ଏହାପରେ ଜେଲ ବିଭାଗର ଚେତା ପଶିଛି। ରାଜ୍ୟରେ ଥିବା ସବୁ ଜେଲକୁ ଅଚାନକ ପରିଦର୍ଶନ କରିବାକୁ ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜେଲ ଡିଜି ସୁଶାନ୍ତ ନାଥ। ଜେଲରେ ରହୁଥିବା ଅଭିଯୁକ୍ତ, ବିଚାରାଧୀନ କଏଦୀଙ୍କୁ ମୌଳିକ ସୁବିଧା ମିଳୁଛି କି ନାହିଁ ତାହାର ତଦାରଖ କରିବେ ଜିଲ୍ଲାପାଳ ଓ ଏସପି। ଜିଲ୍ଲାସ୍ତରର ଏହି ଦୁଇ ଅଧିକାରୀ ନିୟମିତ ବ୍ୟବଧାନରେ ଜେଲକୁ ଅଚାନକ ପରିଦର୍ଶନ କରିବେ ଓ ଏହାଦ୍ୱାରା ଜେଲ ପରିଚାଳନାରେ ସ୍ୱଚ୍ଛତା ଏବଂ ଶୃଙ୍ଖଳା ବଜାୟ ରହିପାରିବ ବୋଲି ସେ କହିଛନ୍ତି। ଉଚ୍ଚ ଅଧିକାରୀଙ୍କ ପରିଦର୍ଶନ ଫଳରେ ଜେଲ୍ କର୍ମଚାରୀ ଦାୟିତ୍ୱସମ୍ପନ୍ନ ହେବେ ଓ କଏଦୀମାନେ ଆଉ ଫେରାର ହେବାକୁ ସାହାସ ଜୁଟାଇବେ ନାହିଁ ବୋଲି ଜେଲ ବିଭାଗ ମନେ କରୁଛି। ଅବଶ୍ୟ ଜେଲ ମାନୁଆଲରେ ପୂର୍ବରୁ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିଲା। ମାତ୍ର ଚୌଦ୍ୱାର ଜେଲରୁ ଦୁଇ କଏଦୀ ଫେରାର ହେବା ପରେ ଜେଲ ବିଭାଗ ତତ୍ପର ହୋଇ ଉଠିଛି। ଗତକାଲି ଜେଲରଙ୍କୁ ବଦଳି କରାଯିବା ପରେ ଆଜି ସମସ୍ତ ଜେଲକୁ ବୁଲିବା ପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଜେଲ୍ ଡ଼ିଜି ଚିଠି ଲେଖିଛନ୍ତି ।

**GOVERNMENT OF ODISHA** A-729

**"e" PROCUREMENT NOTICE**

**Bid Identification No: S.E, KCD-I (KIP)-07/2025-26**

**(Pertaining to Kanpur Canal Division-I, Jhumpura)**

| | | |
|---|---|---|
| 1. | Name of the Work | "M/R to Kanupur Irrigation Colony, Jhumpura for the FY 1st June 2025 to 31 March 2026." |
| 2 | Estimated cost | Rs.6,26,590.00 |
| 3 | Period of completion | 06 (Six) Calendar Months including rainy season. |
| 4 | Date & time of availability of bid document in the portal | Dt.15.10.2025 from 10.00 Hours to Dt.29.10.2025 up to 17.00 Hours |
| 5 | Last date / Time for receipt of bids in the portal | 29.10.2025 up to 17.00 Hours. |
| 6 | Date & Time of opening of tender | 30.10.2025 at 11.00 Hours. |
| 7 | Name and address of the Officer Inviting Bid | Er Duryodhan Kisan Superintending Engineer, Kanpur Canal Division-I, At/PO- Jhumpura, Dist- Keonjhar, Odisha-758031 |

Further details can be seen from the e-Procurement portal "https://www.tendersodisha.gov.in."

(Er. Duryodhan Kisan)
Superintending Engineer,
Kanpur Canal Division-I,
Jhumpura, Keonjhar, Odisha..

OIPR-32157/11/0005/2526

**AFFIDAVIT**

By virtue of an affidavit (Date.22/09/2025) sworn before the Executive Magistrate, Padampur. I, **Mamata Bhoi** (new name), W/o Late Himanshu Sekhar Sahoo, permanent & current resident of AT/PO- Kanut, Dist- Balangir, PIN- 767026, Odisha declare that I have changed my name from **Mamata Sahoo** (old name) to **Mamata Bhoi** (new name). Henceforth, I shall be known as **Mamata Bhoi** (new name) for all purposes.

**Mamata Bhoi**

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 10.10.2025, I Sangram Kishore Rout, Resident At- Panamurga, Po- Ghatipiri, Dist- Dhenkanal, Odisha, PIN- 759015, declare that I have changed my son's name from Saubhagya Jena to Soubhagya Rout. Henceforth, He shall be known as **SOUBHAGYA ROUT** for all future purposes.

**AFFIDAVIT**

I, Jabir Mohammed, S/o- Late Sagir Mohammad, resident of Paikerapur, Post- Chhatia, Ps- Byree, Dist- Jajpur, PIN- 754023, Odisha declare by this affidavit No. 312, dtd- 27.09.2025 that now onwards I shall be known as **JABIR MOHAMMAD** for all future purposes.

**AFFIDAVIT**

I, Smt. Kamalesh Kumari Parida, W/o- Lingraj Parida, at Adarshmarg, Po/Ps– Ainthapali, Dist.: Sambalpur, declare by this affidavit before Notary Public, Sambalpur that my maiden name was Kamalesh Kumari Dang as per my Voter ID. After married with Lingraj Parida, my name changed from Kamalesh Kumari Dang to Kamalesh Kumari Parida. Henceforth, I shall be known as **Kamalesh Kumari Parida** for all purposes.

■ ଏମ୍‌କେସିଜି ଇଣ୍ଟରମେଡିସ୍ ପ୍ରତିଯୋଗିତାରେ ଅଘଟଣ

# ଦୁଇ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ

ବ୍ରହ୍ମପୁର, ୧୪।୧୦ (ସମିସ): ଏମ୍‌କେସିଜି ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଇଣ୍ଟର୍ ମେଡିସ୍ ପ୍ରତିଯୋଗିତାରେ ସୋମବାର ମଧ୍ୟରାତ୍ରିରେ ୨ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ କଟକ ଏସ୍‌ସିବି, ବୁର୍ଲା ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି।

- ଭାଙ୍ଗିଲେ ଏସ୍‌ସିବି ଓ ଏମ୍‌କେସିଜିର ବସ୍
- ବିଭିନ୍ନ ମେଡିକାଲ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ

ଏମ୍‌କେସିଜି ଓ ଏସ୍‌ସିବି ମେଡିକାଲ ଛାତ୍ରଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଉଭୟଙ୍କ ମଧ୍ୟରେ ମାରପିଟ ମଧ୍ୟ ହୋଇଥିଲା। ଏଥିରେ ଏସ୍‌ସିବି, ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ୍ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଥିବା ବେଳେ ୩ଜଣ ଛାତ୍ର ରକ୍ତାକ୍ତ ହୋଇ ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି ହୋଇଥିଲେ। ପରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ହୋଇଥିବା ଢେଲା ଓ କାଚ ବୋତଲ ମାଡ଼ରେ ଏମ୍‌କେସିଜି ଓ ଏସ୍‌ସିବି ମେଡ଼ିକାଲ୍ କଲେଜର ବସ୍ ଭାଙ୍ଗିଥିଲା। ଖବର ପାଇ ମେଡିକାଲ କଲେଜର କିଛି ବରିଷ୍ଠ ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଛାତ୍ରଙ୍କୁ ବୁଝାସୁଝା କରିଥିଲେ। ପରେ କଟକ ଏସ୍‌ସିବି ଛାତ୍ରମାନେ ଏମକେସିଜି ମେଡିକାଲ ଛାଡ଼ି ପଳାଇଥିଲେ।

## ଯାନ୍ତ୍ରିକ ପଦ୍ଧତିରେ ଧାଡ଼ି ବୁଣା ଧାନ ଯନ୍ତ୍ର

ଚଳିତ ବର୍ଷ ରାଜ୍ୟ ସରକାଙ୍କ ଦ୍ୱାରା ରାଜ୍ୟ ଯୋଜନା ଅନ୍ତର୍ଗତ ଧାଡ଼ିରେ ଧାନ ବୁଣା ଯନ୍ତ୍ର ୨୦୨୫ - ୨୬ ବର୍ଷରେ ଆମ୍ଭ ଢେଙ୍କାନାଳ ଜିଲ୍ଲାରେ ୮୮୦ ହେକ୍ଟର ଚାଷ ଜମିରେ ଧାଡ଼ି ପ୍ରଣାଳୀରେ ଧାନ ବୁଣା ଯନ୍ତ୍ର ଦ୍ୱାରା ଚାଷ କରାଯାଇଅଛି । ଆମ୍ଭ ଜିଲ୍ଲାର ସାତଟି ବ୍ଲକ ତଥା ସଦର, ଗଁଦିଆ, ଓଡ଼ାପଡ଼ା, ହିନ୍ଦୋଳ, କାମାକ୍ଷାନଗର, ଭୁବନ ଓ କଙ୍କଡ଼ାହାଡ଼ ବ୍ଲକରେ ଏହି ଯୋଜନା ଚାଲୁଅଛୁ ।

ଏହି ଅତ୍ୟାଧୁନିକ ପ୍ରଣାଳୀ ଦ୍ୱାରା ଜମିରେ ପାଣିର ଅବଶ୍ୟକତା କମ୍ ଥାଏ ଉପଯୁକ୍ତ ଗଭୀରତାରେ ଗଛକୁ ଗଛକୁ ଦୂରତାରେ ବିହନ ବୁଣା ଯାଏ । ଅଙ୍କୁରୋଦଗମ ଗଜା ଶକ୍ତି ବୃଦ୍ଧି ହୁଏ ଏବଂ ଅଧିକ ଲାଭ ମିଳେ । ଏହା ଦ୍ୱାରା ଖର୍ଚ୍ଚ କମ୍, ଶୀଘ୍ର ଅମଳ ଏବଂ ଶ୍ରମ କମ୍ ହୋଇଥାଏ । ସରକାରଙ୍କ ଦ୍ୱାରା ପ୍ରତି ଚାଷୀ ମାନେ ଏହି ଯୋଜନା ଦ୍ୱାରା ଉପକୃତ ହେବେ ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ**
**ଢେଙ୍କାନାଳ**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 13/09/2025. I, **Pradyumna Benia** (new name), formerly called as **Pradyumna Jenia** (old name), S/o Madana Benia, permanent resident of AT- Amurla, PO- Binekela, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Pradyumna Jenia** (old name) to **Pradyumna Benia** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Pradyumna Benia** (new name) for all purposes.

**Pradyumna Benia**

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Binod Kumar Behera, resident At- Haridagahir, Ps- Karikol, Sub Dist- Athagad, Dist- Cuttack, Odisha, PIN- 754209 declare that I have changed my name from Binod Kumar Beura to Binod Kumar Behera. Henceforth I shall be known as **BINOD KUMAR BEHERA** for all purposes.

## ଡିସେମ୍ବର ୧୩ରୁ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ



ବାରିପଦା,୧୪।୧୦(ସମିସ): ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଡିସେମ୍ବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଜାତୀୟସ୍ତରୀୟ ଏହି ପ୍ରତିଯୋଗିତାରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଦୁଇଟି ବିଭାଗ ଯଥା କ୍ଷୁଦ୍ର ଚଳଚ୍ଚିତ୍ର (୩୦ମିନିଟ୍) ଓ ଡକ୍ୟୁମେଣ୍ଟାରି (୪୫ମିନିଟ୍) ଫିଲ୍ମଗୁଡ଼ିକ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରଯୋଜକମାନେ ଅନଲାଇନ୍‌ରେ ନଭେମ୍ବର ୨୦ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ ବୋଲି ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଜଣାଇଛନ୍ତି। ଫାଉଣ୍ଡେସନ୍‌ର ପ୍ରମୁଖ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଉତ୍ସବର ସଫଳତା କାମନା କରିବା ସହ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର, ଡକ୍ୟୁମେଣ୍ଟାରୀ, ଡେବ୍ୟୁ ନିର୍ଦ୍ଦେଶକ, ଛାତ୍ର ଚଳଚ୍ଚିତ୍ର, ଶିଶୁ ଚଳଚ୍ଚିତ୍ର ଓ ମହିଳା ନିର୍ଦ୍ଦେଶିକାଙ୍କୁ ପୁରସ୍କୃତ କରାଯିବା ସହ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗୌରବ ଓ ଆଜୀବନ ସଫଳତା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି।

**ନଭେମ୍ବର ୨୦ ସୁଦ୍ଧା ପଞ୍ଜୀକରଣ**

**କଟକ କ୍ଲବ୍**

ପଞ୍ଜୀକୃତ କାର୍ଯ୍ୟାଳୟ: ବାରବଟି ଫୋର୍ଟ, ବାରବାଟୀ ଷ୍ଟାଡିୟମ ନିକଟ, କଟକ – ୭୫୩୦୦୧, ଓଡିଶା
ଫୋନ: ୦୬୭୧-୨୩୦୧୦୪୧, ୭୯୭୮୨୬୭୬୫୦
CIN: U91990OR1949NPL000181
ୱେବସାଇଟ୍: www.cuttackclub.com, ଇ-ମେଲ୍: info@cuttackclub.com

କଟକ କ୍ଲବର ସଦସ୍ୟମାନଙ୍କ ପାଇଁ ସୂଚନା
(କମ୍ପାନୀ (ପରିଚାଳନା ଓ ପ୍ରଶାସନ) ନିୟମାବଳୀ, 2014 ର ନିୟମ 20(4)(v) ଅନୁଯାୟୀ)

ଏତଦ୍ୱାରା ସୂଚିତ କରାଯାଉଛି ଯେ, ୭୬ତମ ବାର୍ଷିକ ସାଧାରଣ ସଭା (AGM) ରବିବାର, ୨୫ ଅକ୍ଟୋବର ୨୦୨୫ ରେ ସକାଳ ୧୦.୦୦ ଟାରେ, କଟକ କ୍ଲବର ସେଣ୍ଟେନାରୀ ହଲ୍ (ଆନେକ୍ସ-୧), ବାରବଟି ଫୋର୍ଟ, ବାରବାଟୀ ଷ୍ଟେଡିୟମ ନିକଟରେ, କଟକ - ୭୫୩୦୦୧, ଓଡିଶା ଠାରେ ଆୟୋଜିତ ହେବ। ସଦସ୍ୟମାନଙ୍କୁ ନିମ୍ନଲିଖିତ ବିଷୟ ସୂଚନା ଦିଆଯାଉଛି

1) AGM ର ନୋଟିସ, ଏଜେଣ୍ଡା, ଯୋଗ୍ୟତା ମାନଦଣ୍ଡ ଓ ପ୍ରସ୍ତାବ ସମ୍ବନ୍ଧୀୟ ନିୟମାବଳୀ ସଦସ୍ୟମାନଙ୍କ ନିବନ୍ଧିତ ଇ-ମେଲ ଆଇ.ଡି. ଏବଂ WhatsApp ମାଧ୍ୟମରେ ପଠାଯାଇଛି।
2) କମ୍ପାନୀ ନ୍ୟାସନାଲ ସିକ୍ୟୁରିଟିଜ ଡିପୋଜିଟୋରି ଲିମିଟେଡ୍ (NSDL) କୁ ସଦସ୍ୟମାନଙ୍କ ପାଇଁ ଇ-ଭୋଟିଂ ସୁବିଧା ପ୍ରଦାନ କରିବାକୁ ନିଯୁକ୍ତ କରିଛି। ବ୍ୟବସାୟଗୁଡିକ ଇଲେକ୍ଟ୍ରୋନିକ ମାଧ୍ୟମରେ ରିମୋଟ୍ ଭୋଟିଂ (E-voting) ଓ ଶାରୀରିକ ଭୋଟିଂ (Physical voting) ଦୁହିଁଟି ମାଧ୍ୟମରେ ସମ୍ପାଦିତ ହେବ।
3) ରିମୋଟ୍ ଇ-ଭୋଟିଂ ଅବଧି ୨୪.୧୦.୨୦୨୫ (ଶୁକ୍ରବାର) ସକାଳ 09:00 ଠାରୁ ସନ୍ଧ୍ୟା 17:00 (IST) ପର୍ଯ୍ୟନ୍ତ ରହିବ। ଉକ୍ତ ସମୟସୀମା ପରେ ରିମୋଟ୍ ଭୋଟିଂ ଅନୁମତି ନହେବ।
4) ଶାରୀରିକ ଭୋଟିଂ ୨୫.୧୦.୨୦୨୫ (ଶନିବାର) ଦିନ କ୍ଲବ ପ୍ରାଙ୍ଗଣରେ ଦୁପର 12.00 ଠାରୁ ଆରମ୍ଭ ହେବ। ଯେ ସଦସ୍ୟମାନେ ପୂର୍ବରୁ ଇ-ଭୋଟିଂ କରିଥିବେ ସେମାନେ ସଭାରେ ଯୋଗ ଦେଇପାରିବେ, କିନ୍ତୁ ପୁଣିଥରେ ଭୋଟ ଦେଇପାରିବେ ନାହିଁ।
5) ରିମୋଟ୍ ଇ-ଭୋଟିଂ ପାଇଁ User ID ଓ Password ସହିତ ନିର୍ଦ୍ଦେଶନାମା NSDL ଦ୍ୱାରା ସଦସ୍ୟମାନଙ୍କ ନିବନ୍ଧିତ ଇମେଲ ଓ ମୋବାଇଲ ନମ୍ବରକୁ ପଠାଯିବ (କଟଅଫ ତାରିଖ ୩୧ ଅଗଷ୍ଟ ୨୦୨୫ ଅନୁସାରେ)। ଯଦି ଇ-ଭୋଟିଂରେ କୌଣସି ଅସୁବିଧା ହୁଏ, କ୍ଲବ ତାହା ପାଇଁ ଦାୟୀ ନହେବ।
6) NSDL ର ଇମେଲ ପାଇଲେ, ସେମାନଙ୍କ ୱେବସାଇଟ୍ https://www.evoting.nsdl.com କୁ ଯାଆନ୍ତୁ। "Login" ବିକଳ୍ପକୁ ଚୟନ କରନ୍ତୁ (Shareholder/Member ଶିରୋନାମାର ତଳେ ଉପଲବ୍ଧ)। ତାହାପରେ ସିଷ୍ଟମ ଆପଣଙ୍କୁ User ID ପ୍ରବେଶ କରିବାକୁ ପଚାରିବ- NSDL ଦ୍ୱାରା ପ୍ରଦାନିତ User ID ଓ Password ପ୍ରବେଶ କରନ୍ତୁ।
7) ସଫଳତାର ସହିତ ଲଗଇନ୍ କଲାପରେ, e-voting ପୃଷ୍ଠାରେ "EVEN" ବିକଳ୍ପ ଚୟନ କରନ୍ତୁ ଓ ଭୋଟ ଦିଅନ୍ତୁ। ପସନ୍ଦ କରାଯାଇଥିବା ବିକଳ୍ପ ଚୟନ କରି "Submit" ଏବଂ "Confirm" କ୍ଲିକ୍ କରନ୍ତୁ। "Vote cast successfully" ବାର୍ତ୍ତା ଦେଖାଯିବ।
8) ଏକଥର ଭୋଟ ନିଶ୍ଚିତ କଲାପରେ ତାହାକୁ ପରିବର୍ତ୍ତନ କରିପାରିବେ ନାହିଁ।
9) ଯଦି କୌଣସି ସମସ୍ୟା ବା ଅସୁବିଧା ହୁଏ, ଦୟାକରି ଯୋଗାଯୋଗ କରନ୍ତୁ।
Ph.: 022-48867000, 022-24997000, Email: evoting@nsdl.co.in

କଟକ କ୍ଲବ ପକ୍ଷରୁ ଓ ତାହାର ପକ୍ଷରେ
ସୁଭେନ୍ଦୁ ମୋହନ ପଟ୍ଟନାୟକ
ମାନ୍ୟବର ସଚିବ ତଥା ନିର୍ଦ୍ଦେଶକ
DIN: 02407792

ପଞ୍ଚାୟତ ସମିତି, ମାଲକାନଗିରି

**PANCHAYAT SAMITI, MALKANGIRI**

Dist.: Malkangiri
Pin-764048, Ph./Fax : 06861-231219
Email: ori-bmalkangiri@nic.in

**ବିଜ୍ଞାପନ**

ଏତଦ୍‌ଦ୍ୱାରା ପଞ୍ଚାୟତ ସମିତି, ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ , ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧିନରେ ଆର୍ଥିକ ବର୍ଷ(୨୦୨୫-୨୬) ୦୧.୦୪.୨୦୨୫ ଠାରୁ ୩୦.୦୯.୨୦୨୫ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନା ଅଧିନରେ କାର୍ଯ୍ୟକାରୀ କରାଯାଇ ଥିବା ପଞ୍ଚାୟତ ସମିତି , ଲାଇନ ଡିପାର୍ଟମେଣ୍ଟ , ଗ୍ରାମ ପଞ୍ଚାୟତ ସ୍ତରୀୟ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇ ଥିବା ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ କାର୍ଯ୍ୟକୁ ତନଖି ଦେଖିବେ ଓ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ନିମ୍ନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମାଲକାନଗିରି ଙ୍କ ପତ୍ର ସଂଖ୍ୟା ୫୨୦୩ ତାରିଖ ୧୦.୧୦.୨୦୨୫ ପ୍ରକାରେ ନିମ୍ନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଏଣୁ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ରୋଜଗାର ସହାୟକ, ମେଟ୍ ଓ ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ଅଧିକାରୀ ମାନଙ୍କୁ ନିଜ ନିଜ ଗ୍ରା.ପ. ଅଫିସରେ କାର୍ଯ୍ୟସୂଚୀ ଅନୁସାରେ ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ନଥିପତ୍ର ଗୁଡ଼ିକୁ ଯାଞ୍ଚ କରିବା ପାଇଁ ସମୀକ୍ଷା ଦଳକୁ ପ୍ରଦାନ କରିବେ ।

ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଂଚାୟତର ସରପଞ୍ଚ ଓ ସର୍ବସାଧାରଣଙ୍କୁ ଅନୁରୋଧ କରା ଯାଉଛି ଯେ ଏଥିରେ ସହଯୋଗ କରିବା ହେବେ ।

| କ୍ରମିକ ନମ୍ବର | ଗ୍ରାମ ପଞ୍ଚାୟତ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ଗ୍ରାମସଭା ତାରିଖ | ନୋଡାଲ ଅଧିକାରି | ବ୍ଲକ୍ ସ୍ତରୀୟ ଜନଶୁଣାଣୀ ତାରିଖ |
|---|---|---|---|---|---|---|
| ୧ | ଟାଲାନଗୁଡା | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଏମ୍. ଆଇ | ୩୦.୦୩.୨୦୨୬ |
| ୨ | ତଣ୍ଡିକି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୩ | ପଦ୍ମଗିରି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଡବ୍ଲ.ଇ.ଓ | |
| ୪ | ସିନ୍ଧିମାଲା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଏମ୍. ଆଇ | |
| ୫ | ଉଡୁପା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଏ.ଇ.ଇ | |
| ୬ | ଗଙ୍ଗଲା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଡବ୍ଲ.ଇ.ଓ | |
| ୭ | ପେଦାୱାଡା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ପି.ଓ | |
| ୮ | ଗୌଡ଼ଗୁଡା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ବି.ଡି.ଓ | |
| ୯ | ଝରାପାଲି | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୧୦ | ତମସା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ବି.ପି.ସି (ଆର.ଏଚ୍) | |
| ୧୧ | ତଣ୍ଡାପାଲି | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏ.ଇ.ଇ | |
| ୧୨ | ଗୋରାଖୁଣ୍ଟା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏମ୍. ଆଇ | |
| ୧୩ | ଶିଖପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ପି.ଓ | |
| ୧୪ | ମାଟାପାକା | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ବି.ଡି.ଓ | |
| ୧୫ | ସେରପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ସି.ଡି.ପି.ଓ | |
| ୧୬ | ପେଡ଼ାକୋଣ୍ଡା | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ଏମ୍. ଆଇ | |
| ୧୭ | ବିରଲକ୍ଷ୍ମଣପୁର | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୧୮ | ପାଣ୍ଡ୍ରୀପାଣି | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ସି (ଆର.ଏଚ୍) | |
| ୧୯ | ମାର୍କାପାଲି | ୦୯.୦୩.୨୦୨୬ | ୨୫.୦୩.୨୦୨୬ | ୨୫.୦୩.୨୦୨୬ | ଏ.ଇ.ଇ | |

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମାଲକାନଗିରି

**AFFIDAVIT**

I, Bimla Nandi, W/O Late-Ram Chandra Nandi, resident of Chhancha, Ward No.25, Po/Ps-Baripada Town, Dist.- Mayurbhanj, Pin.No.-757001, Odisha, declared by this affidavit No-1043 dtd. 14.10.2025 that now onwards I shall be known as Bimala Nandi (67) for all future purposes.

**Bimla Nandi**

**AFFIDAVIT**

By virtue of an affidavit (No. 605/25) sworn before the Notary Public, Borigumma on dated- 12/10/2025. I, **Sri Padu Jani,** S/o Late Ghana Jani, Address: Village- Phundaguda, Khudiguda, PO/PS- Borigumma, Dist- Koraput, Pin- 764056, Odisha declare that I have changed my son's name from **Kamandan Jani** to **Kamaladan Jani** in his Aadhar Card (vide No. 8139 7095 7497). Henceforth, he shall be known as **Kamaladan Jani** (new name) for all purposes.

**Sri Padu Jani**

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Kanchan Mohanty, W/o- Susanta Kumar Mohanty resident At- Bisunipada, Po- Jhintisasan, Balakati, Dist- Khordha, Odisha, PIN- 752100 declare that I have changed my name from Kanchan Vishwakarma to Kanchan Mohanty. Henceforth I shall be known as **KANCHAN MOHANTY** for all purposes.

**AFFIDAVIT**

By virtue of an affidavit No. 5822, sworn before the Executive Magistrate Champua on dated- 14/10/2025. I **Jasabati Munda,** W/o-Markanda Munda, resident of Vill/Po- Bankia, Ps- Champua, Dist- Keonjhar Pin- 758044, Odisha declare that I have changed my name from **Joshabati Munda** (old name) to **Jasabati Munda** (new name). Henceforth she shall be known as **Jasabati Munda** for all future purposes.

**Jasabati Munda**

**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 744, date- 16/09/2025 I , Elieo harijan, resident of At- Tikirachura, Po- Binjili, Po-Kosagumunda,Dist- Nabarangapur ,Pin-764058, declare that I have changed my Son's name from Lucky sawan kumar to Lucky sawan Chalki.Hens ,Lucky sawan chalki. He shall be know as for all future purposes.

**LUCKY SWAIN CHALKI**

## ଦେଓଗାଁରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ

**ଦେଓଗାଁ, ୧୪।୧୦(ସମିସ):** ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ମଙ୍ଗଳବାର ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇ, ସମ୍ମାନୀତ ଭାବେ ସୁପରଭାଇଜର ଅନିତା ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ସଂଯୋଜକ ନେପାଳ ଭୋଇ, ପ୍ରତାପ ମିଶ୍ର, ରାଜକୁମାର ବେରିଆ, ପଞ୍ଚମନ ସାହୁ, ହରିପ୍ରିୟା ଧରୁଆ, ମିନତି ସରଭଙ୍ଗ, ରଶ୍ମିତା ସା ପ୍ରମୁଖ ସହଯୋଗ କରିଥିଲେ।

## ସ୍ମାଇଲ ଡେଣ୍ଟାଲ ଚେକଅପ୍ ଏବଂ ସଚେତନତା ଶିବିର




**ଭବାନୀପାଟଣା, ୧୪।୧୦(ସମିସ):** ଦୁଇ ଦିନ ଧରି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଲକ୍ଷ୍ମୀ ବିକାଶ ଆବାସିକ ବିଦ୍ୟାଳୟ, ଭବାନୀପାଟଣା ଉଇସଡମ ପାର୍କ ଠାରେ ଜେସିଆଇ କେସିଙ୍ଗା ଦ୍ୱାରା ସ୍ମାଇଲ ଡେଣ୍ଟାଲ ଚେକଅପ୍ ଏବଂ ଓରାଲ ହାଇଜିନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅଧ୍ୟକ୍ଷ ସୁଶ୍ରୀ ଆରତୀ ମିଶ୍ର। ଲକ୍ଷ୍ମୀ ବିକାଶ ବିଦ୍ୟାଳୟ ସମୂହର ନିର୍ଦ୍ଦେଶକ ଡ଼ି. ଶ୍ୟାମ, ଡି. ରାମକୁମାର, ଶିକ୍ଷା ପ୍ରଭାରୀ ଡ଼ି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ପ୍ରଥମ ଦିନ ପ୍ରାଥମିକ ବିଭାଗର ଛାତ୍ରଛାତ୍ରୀଙ୍କ ଦାନ୍ତ ପରୀକ୍ଷ କରାଯାଇଥିଲା। ଦ୍ୱିତୀୟ ଦିନରେ ଡ଼.ରୋନକ ଜେନଙ୍କ ନେତୃତ୍ୱରେ ଜାଗୃତି ସେସନ କରାଗଲା। ଏହି କାର୍ଯ୍ୟକ୍ରମରେ ଛାତ୍ରମାନେ ଦାନ୍ତର ସୁରକ୍ଷା ଦୃଷ୍ଟିରୁ କିଛି ପ୍ରଶ୍ନ ପଚାରି ଥିଲେ। ଜେସିଆଇ ଅଧ୍ୟକ୍ଷ ଜେ ସି.ଆନନ୍ଦ ଜେନ କ୍ୟାମ୍ପର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ପରେ ଉଚ୍ଚ ମାଧ୍ୟମିକ ଛାତ୍ର ମାନଙ୍କର ଦାନ୍ତ ପରୀକ୍ଷା କରାଗଲା। ଶେଷରେ ଜେସିଆଇର କାର୍ଯ୍ୟକର୍ତ୍ତାଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା।

## ଭିଜିଲାନ୍ସ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

**କଣ୍ଟାବାଞ୍ଜି, ୧୪।୧୦(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ନୂଆପଡ଼ା ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ କଟକ ଭିଜିଲାନ୍ସ ବିଭାଗ ଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ମଙ୍ଗଳ ଭବନଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଦୁଃଖିଶ୍ୟାମ ରାଏ ସଭାପତିତ୍ୱ କରିଥିଲେ। ଏହି ଶୋକସଭାରେ ଅମୂଲ୍ୟ ନାଗ, ରାଜେନ୍ଦ୍ର ଜାଲ, ସତ୍ୟନାରାୟଣ ରାଏ, ଅମରେନ ତାଣ୍ଡି, କୃଷିକ ଜାଲ, ଲଳିତ ନାଗ, ରତନ ବାଗଙ୍କ ସହ ସମାଜର ସମସ୍ତ ସଭ୍ୟ ଉପସ୍ଥିତ ରହି ସ୍ୱର୍ଗତ ମହାନନ୍ଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳି ଜଣାଇଥିଲେ।

## ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ସଚେତନତା



**କେସିଙ୍ଗା, ୧୪।୧୦(ସମିସ):** ପ୍ଲାଷ୍ଟିକର ଉଦ୍ଭାବନ ଓ ବ୍ୟବହାର ବିଜ୍ଞାନ ଏକ ଅନୁପମ ଉପହାର ହେଲେ ମଧ୍ୟ ତା'ର ସୁସଂହତ ଓ ଯୌକ୍ତିକ ବ୍ୟବହାର ବିନା ଆମେ ପ୍ରଦୂଷଣମୁକ୍ତ ଧାରଣୀୟ ବିକାଶ ହାସଲ କରାଯାଇପାରିବ ନାହିଁ।ଏହାକୁ ଲକ୍ଷ୍ୟରେ ରଖି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗାରେ ପରିବେଶ ଶିକ୍ଷା ବିଦ୍ୟାଳୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରା ସଭାପତିତ୍ୱ, ଓଡ଼ିଶା କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡଃ ରାଜେଶ ମହାନ୍ତ ମୁଖ୍ୟଅତିଥି ଏବଂ ପ୍ରକଳ୍ପ ଯନ୍ତ୍ରୀଦ୍ୱୟ ସୁଶାନ୍ତ ଲେଙ୍କା, ସତ୍ୟ ରଞ୍ଜନ ଦାଶ ଓ ବିଦ୍ୟାଳୟ ପରିଚାଳନା ସଭାପତି ଶିବପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସଚେତନତା ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରୀ ତଥା ଶିକ୍ଷକଶିକ୍ଷୟିତ୍ରୀ ସହର ପରିକ୍ରମା କରି ଲୋକମାନଙ୍କୁ ଏକକ-ବ୍ୟବହୃତ ପ୍ଲାଷ୍ଟିକ ବସ୍ତୁ ବ୍ୟବହାରରୁ ନିବୃତ୍ତ ରହିବା ସହ ସୁସ୍ଥ ସନ୍ତୁଳିତ ପରିବେଶ ଗଠନରେ ପ୍ରଚେଷ୍ଟା କରିବା ଲାଗି ପ୍ରବର୍ତ୍ତାଇ ଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ଓ ରଚନା ଲିଖନର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଇକୋ କ୍ଲବ୍‌ର ପ୍ରାଧିକୃତ ଶିକ୍ଷକ ଆର୍ତ୍ତତ୍ରାଣ ଷଡ଼ଙ୍ଗୀ ଏହାର ତଦାରଖ କରିଥିବା ବେଳେ ଶିକ୍ଷକ ସୁଶାନ୍ତ କୁମାର ମେହେର ସଂଯୋଜନା କରିଥିଲେ।

## ମୁସିଗୁଡ଼ା ପ୍ରାଥମିକ ବିଦ୍ୟାଳୟ

# ସ୍କୁଲ ଗେଟ୍ ନିକଟରେ ପାଠପଢ଼ା

**ଭବାନୀପାଟଣା, ୧୪।୧୦(ସମିସ)**



ସଦର ବ୍ଲକ ଅନ୍ତର୍ଗତ ମୁସିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଶୋଚନୀୟ ଅବସ୍ଥାରେ ଗତିକରୁଛି। ଶ୍ରେଣୀଗୃହ ଭୁଶୁଡିବା ସ୍ଥିତିରେ ପହଁଛି ସାରିଛି। ସେହିଭଳି ରୋଷେଇ ଗୃହ ଅବସ୍ଥା ଅତି କଦର୍ଯ୍ୟ ପରିସ୍ଥିତିରେ ନାମକୁମାତ୍ର ରହିଥିବା ଦେଖିବାକୁ ମିଳିଛି। ଛାତ୍ର/ଛାତ୍ରୀ ମୋଟ ୭୩ ଜଣ ଥିବା ବେଳେ ପାଠ ପଢ଼ିବା ପାଇଁ ଶ୍ରେଣି ଗୃହ ନାହିଁ। ଗ୍ରାମବାସୀ ଅନେକ ଥର ବିଧାୟକ ଓ ଜିଲ୍ଲା ପ୍ରଶାସନର ସମସ୍ତ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ସହ ଜିଲ୍ଲାପାଳଙ୍କୁ ମଧ୍ୟ ଦାବିପତ୍ର ଦେଇ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ କୌଣସି ସୁଫଳ ଏଯାଏଁ ମିଳିବା ଦେଖା ଯାଉନାହିଁ। ସୂଚାନା ଯୋଗ୍ୟ ଯେ ୧୯୬୪ ମସିହାରେ ସ୍ଥାପିତ ମୁସିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଥମ ଶ୍ରେଣୀରୁ ପଞ୍ଚମ ଯାଏଁ ରହିଛି। ଶ୍ରେଣୀ ଗୃହ ମଧ୍ୟ ଥିଲା ତେବେ ୫ ବର୍ଷ ହେବ ଅଚଳ ଅବସ୍ଥାରେ ରହିଛି କେତେବେଳେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ ତାହା ଆକଳନ କରିବା ମୁସ୍କିଲ।ଏବେ ଜୀବନ

**ପୁରୁଣା ଶ୍ରେଣୀଗୃହ କାମରେ ଆସୁନି**

ଭୟରେ ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ପାଠ ନ ପଢ଼ି ସ୍କୁଲ ଗେଟ ମୁହଁରେ ପାଞ୍ଚ ବର୍ଷ ହେବ ପାଠ ପଢ଼ି ଆସୁ ଥିବା ବେଳେ ନୂତନ ଶ୍ରେଣୀଗୃହ ନିର୍ମାଣ ଦିଗରେ କାହାର ଚେତା ପଶୁନି। ଶିକ୍ଷା ବିଭାଗ ଯନ୍ତ୍ରୀ ଅନୁଧ୍ୟାନ କରି ଫେରିଥିବା ସତ୍ତ୍ୱେ ଚୁପ ରହିଛନ୍ତି। ସ୍କୁଲ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରିବାରେ ସେ କହିଛନ୍ତି ଯେ ବହୁ ପୁରୁଣା ସ୍କୁଲ ଆଉ ଶ୍ରେଣୀ ଗୃହ ବାସ୍ତବିକ ବିପଦ ସଂକୁଳ ଅବସ୍ଥାରେ ଅଛି। ଶ୍ରେଣୀଗୃହ ଅଭାବରୁ ସମସ୍ୟା ସୃଷ୍ଟି ହେଉଥିବା କଥା ନିଜେ ସ୍ୱୀକାର କରିଛନ୍ତି। ଆସନ୍ତାକାଲି ମୁଁ ଉକ୍ତ ସ୍କୁଲକୁ ଯାଇ ପରିସ୍ଥିତିକୁ ଦେଖିଆସିବି ବୋଲି ପ୍ରକାଶ କରିଥିଲେ। ଶିକ୍ଷା ବିଭାଗ ଏବଂ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ କଳାହାଣ୍ଡି ୨୬ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ପାଇଁ ମୁସିଗୁଡ଼ା ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

## ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

**ଭବାନୀପାଟଣା, ୧୪।୧୦(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଚଳିତ ବର୍ଷର ତଥା ପୋଷଣ ଅଭିଯାନର ଜିଲ୍ଲାସ୍ତରୀୟ ଜାତୀୟ ପୋଷଣ ମାସ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।ସହ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ମିଲେଟ୍ ମିସନରୁ



ଜିଲ୍ଲା ପ୍ରକଳ୍ପ ସଂରର୍ଯାଜକ ଅକ୍ଷୟ ପାତ୍ର, ଏନଏଚ୍‌ଏମରୁ ଆର୍‌ବିଏସ୍‌କେ ମେନେଜର କୃଷ୍ଣଚନ୍ଦ୍ର ପ୍ରଧାନ, ମିଶନ ଶକ୍ତି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ସୁମନ ଦ୍ୱିବେଦୀ, ଓଡ଼ିଶା ଜୀବିକା ମିଶନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକ ଡ. ଚନ୍ଦନ ବେହେରା ଅନ୍ୟନ୍ୟା ବିଭାଗୀୟ ଅଧିକାରୀ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ଆଇସିଡିଏସର ପ୍ରୋଗ୍ରାମ୍ ଅଫିସର ନମିତାରାଣୀ ପଲ୍, ଭବାନୀପାଟଣା ଉପଖଣ୍ଡସ୍ତରୀୟ ପ୍ରୋଗ୍ରାମ୍ ଅଫିସର ସୁଶ୍ରୀ ଆଶାରାଣୀ ସାହୁ ଓ ଧର୍ମଗଡ଼ ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ୍ ଅଫିସର ଫୁଲଫେସିଆ ସୋରେନ୍, ପୋଷଣ କାର୍ଯ୍ୟକ୍ରମ ଅଧୀନର କାର୍ଯ୍ୟରତ ଜିଲ୍ଲା ସଂଯୋଜକ ଅଜୟ ବିହାର ଓ ଜିଲ୍ଲା ପୋଷଣ କାର୍ଯ୍ୟ ସହାୟିକା ପ୍ରଜ୍ଞା ମହାପାତ୍ର, ଓମେନ୍ ହବ୍‌ର ଜିଲ୍ଲା ସଂଯୋଜକ ଯୁଗେସ୍ୱର ବୁଦ୍ଧିଆ ବିବାହ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରର ଥିବା ଜିଲ୍ଲା ପରାମର୍ଶଦାତା ଦିବ୍ୟ ରଞ୍ଜନ ଯୋଶୀ, ମମତା କାର୍ଯ୍ୟକ୍ରମ ଅଧୀନରେ ଥିବା ଜିଲ୍ଲା ପ୍ରକଳ୍ପ ସଂଯୋଜକ ରେଣୁକା ବଗର୍ତ୍ତୀ, ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଆଇସିଡିଏସର ମହିଳା ପରିଦର୍ଶିକା, ପୋଷଣ କାର୍ଯ୍ୟକ୍ରମ ଅଧୀନରର କାର୍ଯ୍ୟରତ ସମସ୍ତ ବ୍ଲକ ସଂଯୋଜକ, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକର ଗୋଷ୍ଠୀର ସଭ୍ୟା ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ୍ ନିଶା ସ୍ୱାଗତ ଜଣାଇବା ସହିତ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ଓ ବିଭାଗର ନିୟମାବଳୀ ଅନୁଯାୟୀ ଜିଲ୍ଲାରେ କରାଯାଇଥିବା କାର୍ଯ୍ୟକ୍ରମ ଗୁଡିକୁ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଉତ୍ତମ ପୋଷଣ ସକାସେ ସ୍ଥାନୀୟ ଖାଦ୍ୟର ଗୁରୁତ୍ୱ, ଜଂକ ଫୁଡ୍ ବଦଳରେ ଘର ତିଆରି ଖାଦ୍ୟ ତଥା ପରିଷ୍କାର ପରିଛନ୍ନତା ଉପରେ ମନ୍ତବ୍ୟ ରଖିଥିଲେ। ଅଙ୍ଗନବାଡି ତାଲିମ୍ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ବିଶ୍ୱନାଥ ଦାଶ ପୋଷଣ ଅଭିଯାନ ଆନୁକୂଲ୍ୟରେ ପାଳିତ ହୋଇଥିବା ଜାତୀୟ ପୋଷଣ ମାସର ଆଭିମୁଖ୍ୟ, କାର୍ଯ୍ୟାବଳି ଓ ଜିଲ୍ଲାରେ ପାଳିତ ହୋଇଥିବା ମୁଖ୍ୟ ମୁଖ୍ୟ କାର୍ଯ୍ୟକ୍ରମ ଗୁଡିକୁ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଜିଲ୍ଲା ମିଲେଟ୍ସ ମିସନରୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ କ୍ଷୁଦ୍ର ଶସ୍ୟ ଉପକାରିତା ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଭବାନୀପାଟଣା ସହରାଞ୍ଚଳର ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ, ମା ପାଇଁ ଗଛଟିଏ ତଥା ଚଳିତ ପୋଷଣ ମାସର ବିଷୟବସ୍ତୁ ଆଧାରିତ ବାର୍ତ୍ତାଗୁଡିକୁ ପ୍ରଦର୍ଶିତ କରିଥିଲେ। ପୋଷଣ ମାସ ଅବସରରେ ଆୟୋଜିତ ରଚନା, ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରୋଗ୍ରାମ୍ ଅଫିସର ନମିତାରାଣୀ ପଲ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଧୁନିକ ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱ ସମ୍ପର୍କିତ ଆଲୋଚନା

**ରାଉରକେଲା, ୧୪।୧୦(ସମିସ):** ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ 'ଆଧୁନିକ ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟର ସଭାପତି ବିଶିଷ୍ଟ ସ୍ତମ୍ଭକାର ଭୂପେନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତ୍ରିଲୋଚନ ମଥାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶିଶୁମାନଙ୍କ ମନସ୍ତତ୍ତ୍ୱ ଉପରେ ଏକ ତୁଳନାତକ ଚିତ୍ର, ଆଧୁନିକ ସାହିତ୍ୟ ଓ ଶିଶୁ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ହରମୋହନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଶିଶୁ ହସିଲେ ଦେଶର ଭବିଷ୍ୟତ ହସିବ। ସାମ୍ପ୍ରତିକ ସାହିତ୍ୟ ସୃଷ୍ଟି ଶିଶୁମନସ୍କ ହେବା ଉଚିତ୍ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଇଂ ଅଭୟଦାସ, ବିଶିଷ୍ଟ କବୟିତ୍ରୀ ଶିକ୍ଷାବିତ୍ ରଶ୍ମୀବାଳା ରାଉତରାୟ ଯୋଗଦେଇ ଭବିଷ୍ୟତର ମଙ୍ଗୁଆଳ ଶିଶୁମାନଙ୍କର ପ୍ରତି ସାମାଜିକ କର୍ତ୍ତବ୍ୟବୋଧତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ଗଳ୍ପ ପଠନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ତ୍ରୈମାସିକ ପତ୍ରିକା 'ନାଗରା'ର ପୂଜା ସଂଖ୍ୟା ଏବଂ ଡକ୍ଟର ସ୍ୱର୍ଣ୍ଣ ଦେବୀଙ୍କ ରଚିତ ଉପନ୍ୟାସ 'ଦୂରାନ୍ତର ପକ୍ଷୀ' କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିରୁପମା ପତି ପରିଚାଳନା କରିଥିବା ବେଳେ ଉପଦେଷ୍ଟା ପଶୁପତିନାଥ ଚାଟାର୍ଜୀ ଧନ୍ୟବାଦ ଜ୍ଞାପନ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ଗଳ୍ପ ପଠନ କାର୍ଯ୍ୟକ୍ରମରେ ଗାଳ୍ପିକ ସଞ୍ଜୀବ ଭୋଇ ଗଳ୍ପ ପାଠ କରିଥିଲେ। ଶିକ୍ଷାବିତ୍ ଶଙ୍କର ପ୍ରସାଦ




ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠୋତ୍ସବ ପର୍ଯ୍ୟାୟରେ କବି ଗୀତାରାଣୀ ବେହେରା ଓ କବି ପ୍ରତାପ କୁମାର ପଣ୍ଡା କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ଏହି ଅବସରରେ ସୁନୀଲ ମହାନ୍ତି, ନିରୁପମା ପତି, ଗୀତାଞ୍ଜଳି ପତ୍ରୀ, ଗୀତାରାଣୀ ବେହେରା, ରୁଦ୍ର ତ୍ରିପାଠୀ, ଶ୍ରୀଧର ସୁନା, ବଳରାମ ଦାସ, ଗଦାଧର ରଥ, ସାଗର ମହାନ୍ତି, ବ୍ରହ୍ମାନନ୍ଦ ପାଢ଼ୀ, ପ୍ରତାପ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସୂର୍ଯ୍ୟ ନାରାୟଣ ପଣ୍ଡା, ଗୋକୁଳାନନ୍ଦ ସାହୁ, ଡାକ୍ତର ଗୀତାଞ୍ଜଳି ପତ୍ରୀ, କାଶୀନାଥ ନନ୍ଦୀ ଅଂଶୁମାନ ପତି ଇତ୍ୟାଦି ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗୀତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



**ବଲାଙ୍ଗିର, ୧୪।୧୦(ସମିସ):** ପିପି ଏକାଡେମୀ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ନବଘନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ୧୪ଟି ବ୍ଲକରେ ପୂର୍ବରୁ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତୁରେକେଲା ବ୍ଲକ ଝରଣୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରୁଦ୍ରାଂଶ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ପଥରଚେପା ଓଏଭିର ନବମ ଶ୍ରେଣୀ ଛାତ୍ର ଦୁର୍ଲଭ ପୁହାଣ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଟିଟିଲାଗଡ଼ ବ୍ଲକ ଧବଳେଶ୍ୱର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ରଶ୍ମିତା ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ବିଭଗୀୟ ମୁଖ୍ୟ ଦେବବ୍ରତ ଦଣ୍ଡସେନା ଓ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଜିତେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ପ୍ରବୀର ପଣ୍ଡା, ସଦର ବ୍ଲକ ବିଇଓ ନୀଳମଣି ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ସରୋଜ ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଦ୍ୱିତୀରଞ୍ଜନ ମହାଲିଙ୍ଗ ଧନ୍ୟବାଦ ଦେଇଥିଲେ।

● ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ପାଇଁ ପ୍ରଶାସନର ଉଦ୍ୟମ

## ସହରର ବିଭିନ୍ନ ଦୋକାନ, ବଜାର ବୁଲି ସଚେତନତା

**ସିନାପାଲି, ୧୪।୧୦ (ସମିସ):** ନୂଆପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ କରିବା ଆହ୍ୱାନ ଜାରି ରଖିଥିବା ବେଳେ ସିନାପାଲି ବ୍ଲକ ପ୍ରଶାସନ ତରଫରୁ ଉଦ୍ୟମ ଅବ୍ୟାହତ ଜାରି ରହିଛି। ବ୍ଲକ ପ୍ରଶାସନ ତରଫରୁ ଦୋକାନୀଙ୍କୁ ସଚେତନ କରାଯିବା ସହ ବିଭିନ୍ନ ଉଠା ଦୋକାନୀଙ୍କୁ ମଧ୍ୟ ଅବଗତ କରାଇ ଯେଉଁ ଦୋକାନୀ ପାଖରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ଦେଖାଗଲେ ଜବତ ହେବା ସାଙ୍ଗରେ ଫାଇନ୍ ମଧ୍ୟ ଆଦାୟ କରାଯିବ ବୋଲି ପ୍ରଶାସନ ଚେତାବନୀ ଦିଆଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ଛକ, ହୋଟେଲ, ଦୋକାନ, ପନିପରିବା ଦୋକାନ, ଜଳଖିଆ ଦୋକାନ ସମେତ ଚା ଦୋକାନ ଗୁଡ଼ିକରେ ସଚେତନ କରାଯାଉଛି। ବିଭିନ୍ନ ଗାଁରେ ଥିବା ଦୋକାନ ବଜାରରେ ମଧ୍ୟ ସଚେତନ ସାଙ୍ଗକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜଣାପଡ଼ିଛି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଜିଲ୍ଲାକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲା ଭାବରେ ରାଜ୍ୟରେ ପ୍ରଥମ ସ୍ଥାନର ଆଖ୍ୟା ଦେଇଥିବା ବେଳେ ଜିଲ୍ଲାପାଳଙ୍କ ପଦକ୍ଷେପ ଆମ ସମସ୍ତଙ୍କର ହିତ ତଥା ପରିବେଶ ସୁରକ୍ଷା ଓ ସୁସ୍ଥ ସମାଜ ପାଇଁ ଉପଯୋଗୀ ଏପରିକି ଜିଲ୍ଲାପାଳଙ୍କ ଏହି ପଦକ୍ଷେପକୁ ସ୍ୱାଗତ ଜଣାଇ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀକୁ ପ୍ରତ୍ୟାହାର କଲେ ନିଶ୍ଚିତ ଭାବରେ ଆମ ଜିଲ୍ଲା ତଥା ଆମ ପରିବେଶ ସ୍ୱଚ୍ଛ, ସୁନ୍ଦର, ନିର୍ମଳ ସ୍ୱାସ୍ଥ୍ୟ ସମାଜ ଗଠନ କରି ପାରିବ। ଯଦି ଆମେ ସଚେତନ ହେବୁ ନିହାତି ଭାବରେ ଆମେ ଏକ ସ୍ୱଚ୍ଛ ନିର୍ମଳ ଗ୍ରାମ, ଉନ୍ନତ ଜିଲ୍ଲା ତଥା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବୁ ବୋଲି ସିନାପାଲି ବିଡ଼ିଓ କାର୍ମୀ ଓରାମ କହିଛନ୍ତି। ୩ ମାସ ହେଲା ଏହା ଉପରେ ସମଗ୍ର ଜିଲ୍ଲା ସାରା ସଚେତନ ବାର୍ତ୍ତା ଦେବା ସଙ୍ଗେ ଜିଲ୍ଲା ପ୍ରଶାସନ ପ୍ରତ୍ୟେକ ଶନିବାର ଦିନ ଗାଁ ଗାଁ ବୁଲି ଲୋକଙ୍କୁ ବୁଝାଉଛନ୍ତି। ସିନାପାଲି ବିଡ଼ିଓ କାର୍ମୀ ଓରାମ ସହିତ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, ସ୍ଥାନୀୟ ସରପଞ୍ଚ, ବୁଦ୍ଧିଜୀବୀ ସମେତ ଅନେକ କର୍ମଚାରୀ ବୁଲି ସଚେତନ ସୃଷ୍ଟି କରିଛନ୍ତି। ସେହିଭଳି ସମସ୍ତ ବିଭାଗର ଅଧିକାରୀ କର୍ମଚାରୀବୁଦ୍ଧିଜୀବୀ ସାମିଲ ହୋଇ ସିନାପାଲି ବ୍ଲକକୁ ଏକକ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ନିବେଦନ ଓରାମ ନିବେଦନ କରିଛନ୍ତି।

# ଉତ୍ସବମୁଖର କରିଛି 'ସୁରଭି'






**ବଲାଙ୍ଗିର, ୧୪।୧୦(ସମିସ)**

ବିଦ୍ୟାଳୟଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ବିଶେଷଗୁଣର ବିକାଶ ଲାଗି ବିଭିନ୍ନ ସ୍ଥାନରେ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ଛାତ୍ରଛାତ୍ରୀ ସାମିଲ ହୋଇ ନିଜ ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ଏହିକ୍ରମରେ ପୁରୁଣାପାଣି ସୁଲିଆ କନ୍ଧ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଚକ୍ରଧର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ମୁକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ମୁକୁନ୍ଦପୁର ସମିତି ସଭ୍ୟ ଅଭିମନ୍ୟୁ ମାଝି, ସ୍କୁଲ ପ୍ରତିଷ୍ଠାତା ମୟ ପ୍ରଧାନୀ, ସିଆରସିସି ବିରେନ୍ଦ୍ର ପଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କଳ୍ପ ସାହୁ ସଭାପତିତ୍ୱ କରିଥିଲେ। ହିଲ୍ଲିମାଲ ସ୍କୁଲର ସହକାରୀ ଶିକ୍ଷକ ସୌମେନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ନିରୋଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ମୁକୁନ୍ଦପୁର ଆଞ୍ଚଳିକ ସାଧନ କେନ୍ଦ୍ରର ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦିଲ୍ଲୀପ ତ୍ରିପାଠୀ, ଅଶୋକ ସେଠ, ଶ୍ରୀଧର କର୍ମୀ, କବିତା ମାହାରୀ, ଦୀପ୍ତିପାଣି ସାହୁ, ଆସ୍ଥା ସାହୁ, ସୁରମା ଭୋଇ, ଉମାକାନ୍ତ ସାହୁ, ପ୍ରମୋଦ ପଟେଲ, ଦିଲୀପ କଲତା, ରାଜେଶ ପଟେଲ, ବୈଲୋଚନ ପଧାନ, ବିଭୁତି ଭୂଷଣ ପଟେଲ, ଜୟଦେବ ବିଶି, ପୃଷ୍ଟିରାଜ ସୁନା, ପରମେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅର୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ମଙ୍ଗଳବାର ରତନପୁର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର କର୍ତ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ କବିରାଜ ମାଝୀ, ସମ୍ମାନୀତ ଅତିଥି ଭାବେ ପଦ୍ମଲୋଚନ ସୁନା, ଓଡ଼ିଶା ସାମ୍ବାଦିକ ସଂଘ ଜିଲ୍ଲା ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ଛବିଳ ମାଝୀ, ଉପସଭାପତି କୌଶଲ୍ୟା ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଲୁକାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ 'ସୁରଭି' ର ଏକ ମାଧ୍ୟମ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କ୍ଲଷ୍ଟରର ଅର୍ଡା, ଜଳିଆ, ଗଡ଼ଦ୍ୱାର, ରତନପୁର, ଗାଇବାହାଲ, ଘୁଚିପାଲି, ରାଏପାଲି, ବାଞ୍ଜିପାଲି, ସାଗରରପାଲି ଓ ପୋନ୍ନିସୁଗର କଲୋନୀ ଆଦି ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଥିଲେ। ସେମାନଙ୍କ ଭିତରେ ବକ୍ତୃତା, ରଚନା, ସୃଜନାତ୍ମକ ଲିଖନ, ଶିଳ୍ପକଳା, ଚିତ୍ରକଳା, ଗଣିତ, ସାହିତ୍ୟ, ଗଳ୍ପକଥନ, ଦୌଡ ଆଦି ପ୍ରତିଯୋଗିତା ହୋଇଥିଲା। ସିଆରସିସି ସଞ୍ଜୀବ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳଗତ, ଏକକ ନୃତ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତିପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଫୁଲ୍ଲ ପୋଢ଼, ପର୍ଶୁରାମ ବାରିକ, ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତୀ ମିର୍ଦ୍ଧା, ଶୁଭ୍ରତା ଷାଣ୍ଢଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

## କାଳୀ ମନ୍ଦିରରେ ଚାରାରୋପଣ ସହ ସଫେଇ କାର୍ଯ୍ୟକ୍ରମ

**କେସିଙ୍ଗା, ୧୪।୧୦(ସମିସ):** ଜଙ୍ଗଲ, ପରିବେଶ ତଥା ପାଣିପାଗ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପରିବେଶ ଅଧ୍ୟୟନ କେନ୍ଦ୍ର କାର୍ଯ୍ୟକ୍ରମ ମୁତାବକ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ଦ୍ୱାରା କେସିଙ୍ଗା ମା'କାଳୀ ମନ୍ଦିର ପରିସରର ବିକାଶ ଅଭିଯାନ ସଫଳତାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୋଲିସ ହାଇସ୍କୁଲ ଭବାନୀପାଟଣା ଓ ଦେବାନନ୍ଦ ବାଗ ଯୋଗଦାନ କରି ମନ୍ଦିରର ଦୀର୍ଘ ମିଆଦୀ ସୁସ୍ଥ ତଥା ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ସୁଚିନ୍ତିତ ପରାମର୍ଶ ଓ ଦିଗଦର୍ଶନ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା ଅଭିଯାନର ସଭାପତି ଏବଂ ୟୁଥ୍ ଏବଂ ୟୁକୋ କ୍ଲବର ସଂଯୋଜକ ଶିକ୍ଷକ ଆର୍ତ୍ତତ୍ରାଣ ଷଡଙ୍ଗୀ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବାହ୍ନରେ ଇକୋ କ୍ଲବ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ବାଳିକାମାନେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ବାହାରି କାଳୀ ମନ୍ଦିରରେ ପହଞ୍ଚି ପୁରୋହିତ ଉମାକାନ୍ତ ଦାଶ ଓ କାଳୀ ମନ୍ଦିର ପୂଜକ ପ୍ରସନ୍ନ ମିଶ୍ର, ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ତଥା ସ୍ଥାନୀୟ ପରିବେଶ ପ୍ରେମୀମାନେ ଅଂଶଗ୍ରହଣ କରି ଚରାରୋପଣ କରି ସଫେଇ କାର୍ଯ୍ୟ ସମ୍ପାଦନ କରାଯିବା ସହ ୩୪ ପ୍ରକାରର ବିଭିନ୍ନ ଫୁଲ ଗଛ ରୋପଣ କରାଯାଇଥିଲା।ଏହାର ରକ୍ଷାଣବେକ୍ଷଣ ଓ ସୁରକ୍ଷା ପଦକ୍ଷେପ ସ୍ୱରୂପ ଆର୍ବଜନା କୁଣ୍ଡ, ଜଳ ସିଞ୍ଚନ ପାଇପ୍ ଓ ତାର ବାଡ ଉପକରଣ ମଧ୍ୟ ମନ୍ଦିରକୁ ପ୍ରଦାନ କରାଯାଇଥିଲା।



## ରାଜ୍ୟସ୍ତରୀୟ ତୀରନ୍ଦାଜୀରେ ଭାଇ ଭଉଣୀଙ୍କ ସଫଳତା

**ବୌଦ୍ଧ,୧୪।୧୦(ସମିସ):** ରାଜ୍ୟ ତୀରନ୍ଦାଜ ସଙ୍ଘ ତରଫରୁ ଗତ ୧୨ ତାରିଖ ଭୁବନେଶ୍ୱର କିସ୍‌ରେ ରାଜ୍ୟସ୍ତରୀୟ ତୀରନ୍ଦାଜ ଚୟନ ପ୍ରତିଯୋଗିତା ହୋଇଥିଲା। ଏଥିରେ ବୌଦ୍ଧ ଜିଲ୍ଲାର ଟେନିଶା ମେହେର ସବଜୁନିୟର ରିକର୍ଭ ରାଉଣ୍ଡରେ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ତାଙ୍କ ସାନଭାଇ ଦୁର୍ଗାଦତ୍ତ ମେହେର ସବଜୁନିୟର ଇଣ୍ଡିଆନ ରାଉଣ୍ଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟନଭେମ୍ବର ୨୨ରୁ ୩୦ ପର୍ଯ୍ୟନ୍ତ ଅରୁଣାଚଳ ପ୍ରଦେଶର ଇଟା ନଗରରେ ହେବାକୁ ଥିବା ଜାତୀୟସ୍ତର ତୀରନ୍ଦାଜ ପ୍ରତିଯୋଗିତାରେ ଭାଗନେବା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ବର୍ତ୍ତମାନ ଟେନିଶା ସୁନ୍ଦରଗଡର ରାଜ୍ୟ କ୍ରୀଡା ଛାତ୍ରାବାସ ଓ ଦୁର୍ଗାଦତ୍ତ ମେହେର କେନ୍ଦୁଝର ଧରଣୀଧର କ୍ରୀଡା ଛାତ୍ରାବାସରେ ରହି ତୀରନ୍ଦାଜ ପ୍ରଶିକ୍ଷଣ ନେଉଛନ୍ତି। ବୌଦ୍ଧ ଜିଲ୍ଲା ତୀରନ୍ଦାଜ ସଂଘର ସଭାପତି ବସନ୍ତ ସାହୁ ଓ ସମ୍ପାଦକ ତଥା ରାଜ୍ୟ ତୀରନ୍ଦାଜ ସଂଘର ଯୁଗ୍ମ ସମ୍ପାଦକ ଅର୍ଜୁନ କଅଁର ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟେନିଶା ଓ ଦୁର୍ଗାଦତ୍ତ ବୌଦ୍ଧ ଜିଲ୍ଲା ବୁଟୁପାଲିର ଇନ୍ଦ୍ରମଣି ମେହେର ଓ ସନ୍ତୋଷିନୀ ମେହେରଙ୍କ ପୁତ୍ର ଓ କନ୍ୟା ଅଟନ୍ତି। ଅନାଦି ମେହେର ଓ ଗୁଣବତୀ ମେହେରଙ୍କ ନାତି ନାତୁଣୀ।



## ମାହେଶ୍ୱରୀ ମନ୍ଦିର ବିକାଶ ପାଇଁ ପ୍ରତିଶ୍ରୁତି



**ମନମୁଣ୍ଡା,୧୪।୧୦(ସମିସ):** ବିଳାସପୁରସ୍ଥିତ ମା' ମାହେଶ୍ୱରୀ ମନ୍ଦିରର ବିକାଶ ପାଇଁ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି। ମା' ମନ୍ଦିର ପରିଦର୍ଶନ କରି ସେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମୁଖ୍ୟ ରାସ୍ତାରୁ ମନ୍ଦିର ପର୍ଯ୍ୟନ୍ତ ଉପଯୁକ୍ତ ରାସ୍ତା ନ ଥିବାରୁ ଭକ୍ତଙ୍କ ପାଇଁ ଅସୁବିଧା ସୃଷ୍ଟି ହେଉଥିବା ଓ ମନ୍ଦିର ସଭାଗୃହ ଅର୍ଥ ଅଭାବରୁ ଅଧପନ୍ତରିଆ ହୋଇ ପଡ଼ି ରହିଥିବା କମିଟି ସଭାପତି ବିଦ୍ୟାଧର ମହାକୁଡ, ଉପ ସଭାପତି ବିକ୍ରମ କର୍ମୀ, ସମ୍ପାଦକ ସତ୍ୟନାରାୟଣ ବଘାର ପ୍ରମୁଖ ବିଧାୟକ ଶ୍ରୀ ଡାଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପାଇଁ ଅର୍ଥ ବ୍ୟବସ୍ଥା କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ କମିଟି ଉପଦେଷ୍ଟା ସୁଦାମ ଚରଣ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧ-କନ୍ଧମାଳ ରାସ୍ତା ଘାଟି କାମ ଆରମ୍ଭ

**କଣ୍ଟାମାଳ,୧୪।୧୦(ସମିସ):** ବୌଦ୍ଧ-କନ୍ଧକାଳ ରାସ୍ତାରେ ଘାଟି କାମ ଆରମ୍ଭ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳଠାରୁ କନ୍ଧମାଳ ଜିଲ୍ଲକୁ ସଂଯୋଗ ହୋଇଥିବା ରାସ୍ତା ଦୀର୍ଘ ବର୍ଷ ଧରି ଖାଲଖମା ହୋଇ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଉପରେ ଫୁଲବାଣୀ, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲା ଜନସାଧାରଣ ନିର୍ଭର କରିଥାନ୍ତି। ବର୍ଷା ଦିନେ ଏହି ରାସ୍ତା ମରଣଯନ୍ତା ହୋଇପଡେ। ବାରମ୍ବାର ଅଭିଯୋଗ ପରେ ଶେଷରେ ସଫଳତା ମିଳିଛି। ଏବେ ଘାଟି କାମ ଆରମ୍ଭ ହୋଇଛି।



## ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



**ବୀରମହାରାଜପୁର,୧୪।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅମରପାଲି ହାଇସ୍କୁଲରେ ମଙ୍ଗଳବାର ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସ୍କୁଲ ନିରାପତ୍ତା କମିଟିର ସଭାପତି ଅଶୋକ କୁମାର ସାହୁ, ବିଜ୍ଞାନ ଶିକ୍ଷକ ପଦ୍ମନାଭ ପ୍ରଧାନ, ସମ୍ବିତ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ସ୍କୁଲର ପୁରାତନ ଛାତ୍ର ସଂସଦ ସଭାପତି ପୀତାମ୍ବର ସାହୁ, ନଟବର ରଣା ପ୍ରମୁଖ ଯୋଗଦେଇ ସାପ କାମୁଡ଼ା ଓ ବଜ୍ରାଘାତରୁ ରକ୍ଷା ପାଇବାର ଉପାୟ ବତାଇଥିଲେ। ଏହା ସହିତ ଏହି ଉଭୟ ସାପ କାମୁଡ଼ା ଓ ବଜ୍ରାଘାତରୁ ରକ୍ଷା ପାଇ ଏହାର ନିରାପତ୍ତା ପାଇଁ ସଚେତନ କରିଥିଲେ। ପ୍ରତିବର୍ଷ ସାପ କାମୁଡ଼ା ଓ ବଜ୍ରାଘାତରେ ଅନେକ ଜୀବନ ଯାଉଛି। ଏଣୁ ଏଥିରୁ ବଞ୍ଚିବା ପାଇଁ ବିଭିନ୍ନ ଉପାୟ ଗୁଡ଼ିକ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ବୁଝାଇଥିଲେ। ଶେଷରେ ସମ୍ବିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ରୁ ଅଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

## ଆଶାକର୍ମୀଙ୍କ ଘରୁ ୨୨ କେଜି ଗଞ୍ଜେଇ ଜବତ

**ମନମୁଣ୍ଡା,୧୪।୧୦(ସମିସ):** ମନମୁଣ୍ଡା ଥାନା ଯୋଗିନ୍ଦ୍ରପୁର ପଞ୍ଚାୟତ ପଦ୍ମତୋଳି ଗ୍ରାମର ଆଶାକର୍ମୀ ଶୈଳେନ୍ଦ୍ରି କଠାରଙ୍କ ଘରୁ ୨୨ କେଜି ଗଞ୍ଜେଇ ଜବତ ହୋଇଛି। ସେ ନିଜ ଘରେ ଗଞ୍ଜେଇ କାରବାର ଚଳାଇଥିବା ମନମୁଣ୍ଡା ଥାନା ଆଇଆଇସି ଅଞ୍ଜଳି ବିଶ୍ୱାଳ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ଏହାପରେ ସେ ଏକ ପୁଲିସ ଟିମ୍ ଗଠନ କରି ତାଙ୍କ ଘରେ ଚଢ଼ଉ କରିଥିଲେ। ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ପୁଲିସ ଚଢଉ କରିଥିଲା। ପୁଲିସ ସେଠାରୁ ଗଞ୍ଜେଇ ସହ ଏକ ବାଇକ ଜବତ କରିଥିଲା। ଘଟଣା ସ୍ଥଳରୁ ଅଭିଯୁକ୍ତ ଆଶାକର୍ମୀ ସୈଳେନ୍ଦ୍ରି କଠାର (୪୦), ବାନ୍ଧନଝୁଲି ଗ୍ରାମର ଜୟନ୍ତ ମେହେର (୩୮) ଏବଂ ମଧ୍ୟପ୍ରଦେଶ ଜବଲପୁର ଜିଲ୍ଲା ହନୁମନ୍ତଲ ଥାନା ରବିଦାସନଗର ଗ୍ରାମର ଆନନ୍ଦ ଚୌଧୁରୀ (୩୯) କୁ ପୁଲିସ ଗିରଫ କରିଥିଲା।

# ବୌଦ୍ଧ, କନ୍ଧମାଳ ଜିଲ୍ଲାପାଳଙ୍କ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ

ହରଭଙ୍ଗା,୧୪।୧୦(ସମିସ)



### ମାର୍ଚ୍ଚ ସୁଦ୍ଧା କାମ ସାରିବାକୁ ତାଗିଦ

ବୌଦ୍ଧ ଜିଲ୍ଲା ହରଭଙ୍ଗାଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକୁ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏବଂ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ପରିଦର୍ଶନ କରିଛନ୍ତି। ଉଭୟ ଜିଲ୍ଲାପାଳ ପାଣିଘରାଠାରେ ପହଞ୍ଚି ନିର୍ମାଣାଧୀନ ଇନଟେକ କୂଅ ପରିଦର୍ଶନ କରିଥିଲେ। ପ୍ରକଳ୍ପର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ନିର୍ମାଣରେ ଅହେତୁକ ବିଳମ୍ବ ନେଇ ଠିକାସଂସ୍ଥା ଏବଂ ଜଳ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ ଉଭୟ ଜିଲ୍ଲାପାଳ ଆଲୋଚନା କରିଥଲେ। ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ଏଥିଯୋଗୁଁ ପାଖାପାଖି ୪ବର୍ଷ ହେଲା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିପାରୁନାହିଁ। ଏହା ଫଳରେ ଲୋକଙ୍କୁ ପାନୀୟ ଜଳ ଯୋଗାଣରେ ବଡ ବ୍ୟତିକ୍ରମ ଘଟିଛି। ଏହାର ନିର୍ମାଣ ଦାୟିତ୍ୱରେ ଥିବା ଏଲଆଣ୍ଡଟି ଭଳି ନାମିଦାମି ଠିକାସଂସ୍ଥା ମିଆଦି ପରେ ମିଆଦି ବୃଦ୍ଧି କରି ସମୟ ଗଡାଇ ଚାଲିଛି। କେଉଁ କାରଣରୁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଛି ଏ ଦିଗରେ ଉଭୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଠିକାସଂସ୍ଥାକୁ କଡା ତାଗିଦ୍ କରାଯାଇଛି। ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କ ଏଡି ପରିଦର୍ଶନ ସମୟରେ ତାଙ୍କ ସହିତ କନ୍ଧମାଳ ପିଡି ଶମ୍ଭୁନାଥ ନନ୍ଦି, କନ୍ଧମାଳ ପିଡିଆଇଟିଡିଏ ଗଦାଧର ପାତ୍ର, ଜଳ ଓପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଜିତ ବେହେରା, ବୌଦ୍ଧ ଉପଜିଲ୍ଲାପାଳ ବିନୟ ଭୋଇ, ହରଭଙ୍ଗା ତହସିଲଦାର ବଳଦେବ ବେହେରା, ବୌଦ୍ଧ ଜଳ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପଲ୍ଲବୀ ସାମଲ, ହରଭଙ୍ଗା ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ଜୀବନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହରଭଙ୍ଗାରେ କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନ ଯୋଜନାରେ ୨୦୨୧ ନଭେମ୍ବର ୧୫ରୁ ୧୯୫କୋଟି ୭୦ଲକ୍ଷ ଟଙ୍କା ବ୍ୟୟବରାଦରେ ବୃହତ୍ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ନିର୍ମାଣାଧୀନ ରହିଛି। ପ୍ରକଳ୍ପ ନିର୍ମାଣ ମିଆଦି ୨ବର୍ଷ ରହିଥିଲା।

ଦୁଇ ଥର ମିଆଦି ବୃଦ୍ଧି ପରେ ବି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହାଫଳରେ ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ ସମେତ କନ୍ଧମାଳ ଜିଲ୍ଲାର ଫଳବାଣୀ, ଖଜୁରୀପଡା, ଜି.ଉଦୟଗିରି, ଫିରିଙ୍ଗିଆ ଏବଂ ଚକାପାଦ ଭଳି ୫ଟି ବ୍ଲକକୁ ଜଳ ଯୋଗାଣରେ ବଡ ବ୍ୟତିକ୍ରମ ଏବଂ ବିଳମ୍ବ ପରିଲିକ୍ଷିତ ହୋଇଛି।

## ପିଚୁ କାମରୁ ବଞ୍ଚିତ ହେଲା ୧କିମି ରାସ୍ତା



**ଶଗଡା,୧୪।୧୦ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗୀନ୍ଦ୍ରପୁର ପଞ୍ଚାୟତ ମାଙ୍କଡଚୁଆଁଠାରୁ ଯୋଗୀନ୍ଦ୍ରପୁର ଦେଇ ମନମୁଣ୍ଡା-ଶଗଡା ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ୯ କିମି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଯାଇଛି। ତେବେ ଏହି ରାସ୍ତାକୁ ଗତ ମାର୍ଚ୍ଚ ମାସ ୯ ରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇଛି। ଏହାର ଉନ୍ନତିକରଣ ନିମନ୍ତେ କଣ୍ଟାମାଳ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜଣେ ଠିକାଦାରଙ୍କ ମାଧ୍ୟମରେ ନିର୍ମାଣ କାର୍ଯ୍ୟ ମଧ୍ୟ ଇତି ମଧ୍ୟରେ ସମ୍ପର୍ଣ୍ଣ ହୋଇଛି; ହେଲେ ଏହି ରାସ୍ତାଟି ମେହେରୁଣୀ ନାଳ ପର୍ଯ୍ୟନ୍ତ ୯ କିମି ନିର୍ମାଣ ହେବା ପରିବର୍ତ୍ତେ ବୁକୁରାମୁଣ୍ଡା ଗ୍ରାମର ଦଳିତ ସାହି ପର୍ଯ୍ୟନ୍ତ ୮ କିମି ରାସ୍ତା ନିର୍ମାଣ କରାଯାଇଛି। ଏହା ଫଳରେ ବୁକୁରାମୁଣ୍ଡା ଦଳିତ ସାହିରୁ ମେହେରୁଣୀ ବ୍ରିଜ ପର୍ଯ୍ୟନ୍ତ ୧ କିମି ରାସ୍ତା ଖାଲଖମା ହେବା ସହ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ନିର୍ମାଣ ସମୟରେ ବୁକୁରାମୁଣ୍ଡା ଲୋକେ ପିଚୁ ରାସ୍ତା ହେବା ନେଇ ଅନେକ ଆଶା ପୋଷଣ କରିଥିଲେ; ହେଲେ ଅସମ୍ପୂର୍ଣ୍ଣ ରାସ୍ତା ଯୋଗୁଁ ଲୋକେ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରୁଛନ୍ତି।

## ବନବିଭାଗ ପକ୍ଷରୁ ଗୃହପାଳିତ ପ୍ରାଣୀଙ୍କୁ ପ୍ରତିଷେଧକ ଟିକା




**ହରଭଙ୍ଗା,୧୪।୧୦(ସମିସ):** ହରଭଙ୍ଗା ବ୍ଲକ ମାଧପୁର ବନାଞ୍ଚଳ ବାରିଙ୍ଗ୍ ଫରେଷ୍ଟ ସେକ୍ସନର କୁଚୁଡା ଗ୍ରାମରେ ମଙ୍ଗଳବାର ବନ ବିଭାଗ ପକ୍ଷରୁ ଗୃହପାଳିତ ପ୍ରାଣୀଙ୍କୁ ପ୍ରତିଷେଧକ ଟିକାକରଣ କରାଯାଇଛି। ଏଥିରେ ଗ୍ରାମର ସମସ୍ତ ଗାଈଗୋରୁ, ଛେଳିମେଣ୍ଢା ଇତ୍ୟାଦି ଗୃହପାଳିତ ପ୍ରାଣୀଙ୍କ ଟିକାକରଣ କରାଯାଇଥିଲା।

ହରଭଙ୍ଗା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିରେନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମାଧପୁର ବନାଞ୍ଚଳ ଅଧିକାରୀ ଆଶିକ ଦିଗାଲ, ବନପାଳ ଭକ୍ତବତ୍ସଳ ମଲ୍ଲିକ, ବନରକ୍ଷୀ ସୁବଳ ପ୍ରଧାନ, ଗୀତା ଏକ୍କା, ମଞ୍ଜୁଲତା ସାହୁ ପ୍ରମୁଖ ସାମିଲ ଥିଲେ।

## ଧରାପଡ଼ିଲେ ୬ ଜଣିଆ ଡକାୟତ ଗ୍ୟାଙ୍ଗ

**କଣ୍ଟାମାଳ,୧୪।୧୦(ସମିସ):** ବୌଦ୍ଧ ଜିଲ୍ଲାର ଘଣ୍ଟାପଡ଼ା ପୁଲିସ ଏକ ଡକାୟତ ଦଳକୁ ଗିରଫ କରିଛି। ଏମାନେ ହେଲେ ସୁନିଲ ଷାଣ୍ଢ, ଅର୍ଜୁନ ଷାଣ୍ଢ, ରାଧେଶ୍ୟାମ ନାଗ, ଶିଦ୍ଧେଶ୍ୱର ଭୋଇ, ଯଶୋବନ୍ତ ଛତ୍ରିଆ ଏବଂ କୃଷ୍ଣ ସରଗମ। ଏମାନେ କଣ୍ଟାମାଳ ଓ ଘଣ୍ଟାପଡ଼ା ପୁଲିସକୁ ଚକମା ଦେଖି ଦେଖାଇ ଡକାୟତି କରିଆସୁଥିଲେ। ପୁଲିସ ସୁରାକ ପାଉ ନ ଥିଲା। ମଙ୍ଗଳବାର ସୁର୍କପଙ୍ଗା ନିକଟରେ ଏମାନେ ଡକାୟତି ଲାଗି ଉଦ୍ୟମ କରୁଥିବା ବେଳେ ଖବର ପାଇ ଘଣ୍ଟାପଡ଼ା ପୁଲିସ ଚଢଉ କରିଥିଲା। ଏମାନଙ୍କଠାରୁ ପୁଲିସ ୫ଟି ବାଇକ୍,୫ଟି ମୋବାଇଲ, ଗୋଟିଏ କୁହାଛଡ, ୩ଟି ମାରଣାସ୍ତ୍ର ଜବତ କରିଛି। ଏ ସମ୍ପର୍କରେ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଘଣ୍ଟାପଡା ଥାନା ଅଧିକାର ମାଧବ ଚନ୍ଦ୍ର ଟାକି ସୂଚନା ଦେଇଛନ୍ତି।



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ ଓ ଖାଦ୍ୟ ମେଳା

**ବୌଦ୍ଧ,୧୪।୧୦(ସମିସ):** ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ ୮ମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫ର ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକର ସମସ୍ତ ସମ୍ବନ୍ଧିତ ଶିଶୁ ବିକାଶ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପୋଷଣ ଖାଦ୍ୟ ପ୍ରଦର୍ଶନୀ ୩ ବ୍ଲକ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏହି ଖାଦ୍ୟ ପ୍ରଦର୍ଶନୀକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଯଶୋଦା ଯୋଜନା ସମ୍ପର୍କିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ବୌଦ୍ଧ,୧୪।୧୦(ସମିସ):** ବୌଦ୍ଧ ପଞ୍ଚାୟତ କଲେଜ ପରିସରରେ ଯଶୋଦା ଯୋଜନା ସମ୍ପର୍କିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆୟୋଜିତ ଏହି କାର୍ଯକ୍ରମରେ ଜିଲ୍ଲାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହା ବିଦ୍ୟାଳୟର ଅଧ୍ୟକ୍ଷ।ନେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ, ଜିଲ୍ଲା ଛାତ୍ର ବୃତ୍ତି ସଂଯୋଜକ ନିରଂଜନ ବାଘ ଅତିଥି ଭାବରେ ଯୋଗ ଦେଇ ଯଶୋଦା ଯୋଜନାରେ ଛାତ୍ରଛାତ୍ରୀ ସହାୟତା ପାଇବା ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ଧାନ ଫସଲ ନଷ୍ଟକଲେ ବାର୍‌ହା; ଚାଷୀ ହତାଶ



**ବୀରମହାରାଜପୁର,୧୪।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅମରପାଲି ଗ୍ରାମରେ ଗତ ରାତିରେ ବାର୍‌ହାପଲ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଗ୍ରାମର ଭରତ ସାହୁ, ଶିବ ସାହୁ, ପ୍ରଶାନ୍ତ ସାହୁ, ସୁଶାନ୍ତ ସାହୁ, ରାଜେଶ ସାହୁ ପ୍ରମୁଖଙ୍କ ଧାନ ଫସଲ ବାର୍‌ହା ନଷ୍ଟ କରିଥିବା ଜଣାପଡ଼ିଛି। ଜଙ୍ଗଲରୁ ବାର୍‌ହା ପଲ ଆସି ପ୍ରତ୍ୟହ ଧାନ ଫସଲ ନଷ୍ଟ କରିଥିଲେ ମଧ୍ୟ ଗତ ରାତିରେ ବ୍ୟାପକ ପରିମାଣର ଧାନ ଫସଲ ନଷ୍ଟ କରିଥିବା ଗ୍ରାମବାସୀ କହିଛନ୍ତି। ଫଳରେ ଋଣ ଓ ଧାର୍ କରଜ କରି ଚାଷ କରିଥିବା କୃଷକ ହତାଶ ହୋଇଛନ୍ତି। ଏ ନେଇ ଚାଷୀମାନେ ବନ ବିଭାଗ ନିକଟରେ ଅଭିଯୋଗ କରିବା ସହିତ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।


## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରିଚାଳନା ଓ ବିକାଶ ବୈଠକ




**ବୀରମହାରାଜପୁର,୧୪।୧୦(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରଥପୁରରେ ଅଧ୍ୟକ୍ଷଙ୍କ କକ୍ଷରେ ୬ଷ୍ଠ ବିଦ୍ୟାଳୟ ପରିଚାଳନା ଓ ବିକାଶ ସମିତିର ସଭା ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ତଥା ବିଦ୍ୟାଳୟ ସଭାଧ୍ୟକ୍ଷ ଡ. ନୃପରାଜ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ଓ ବିକାଶ ସମିତିର ସଭ୍ୟ ଡ. ପ୍ରଫୁଲ୍ଲ ରଥ, ଇନ୍ଦ୍ରଜିତ ପରୁଆ, ସନ୍ତୋଷିନୀ ନାୟକ, ନିରଞ୍ଜନ ଦାସ, ଡ. ସରୋଜ କୁମାର ପାଣିଗ୍ରାହୀ, ଶତ୍ରୁଘ୍ନ ସିଂ, ଦିଗାମ୍ବର ଶତପଥି ପ୍ରମୁଖ ବିଦ୍ୟାଳୟର ଉନ୍ନତି ସକାଶେ ବିଭିନ୍ନ ଆଲୋଚନା କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନରେନ୍ଦ୍ର କୁମାର ବାରିକ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଓଡ଼ିଆ ଶିକ୍ଷକ ଜଳଦେବ ବେରିହାଙ୍କ ସ୍ୱରଚିତ ପୁସ୍ତକ "କାନ୍‌ଭାସ୍‌ର ପ୍ରଥମ ଗାର' ଜିଲ୍ଲାପାଳଙ୍କୁ ଉପହାର ଦେଇଥିଲେ। ଏକାଦଶ ଶ୍ରେଣୀର ଛାତ୍ରୀ ସ୍ୱାଇଲ ପ୍ରିୟଦର୍ଶିନୀ ସ୍ୱ-ଅଙ୍କିତ ଜିଲ୍ଲାପାଳଙ୍କ ଏକ ପ୍ରତିଛବି ତାଙ୍କୁ ଭେଟି ଦେଇଥିଲେ। ଉକ୍ତ ସଭାରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର କାର୍ଯ୍ୟ ଶୀଘ୍ର ଆରମ୍ଭ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟରେ ପାଣିର ସୁବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ଗୃହ, ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ବିହିତ ପଦକ୍ଷେପ ଗ୍ରହଣ ପାଇଁ ଜଣାଇଥିଲେ। ବିଦ୍ୟାଳୟର ଇଂରାଜୀ ଶିକ୍ଷୟିତ୍ରୀ ଶାଶ୍ୱତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ବିନିକା,୧୪।୧୦(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ସିଂଘିଯୁବା ପଞ୍ଚାୟତ ଜାମପାଲି ଗ୍ରାମର ଧର୍ମପରାୟଣ ବ୍ୟକ୍ତି ମୀନକେତନ ଦେହେରିଙ୍କ ୯୦ ବର୍ଷ ବୟସରେ ପରଲୋକ ଘଟିଛି। ଖବର ପ୍ରଚାରିତ ହେବା ମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଶ୍ରୀ ଦେହେରୀ ପ୍ରାରମ୍ଭରୁ ମାହେଶ୍ୱରୀ ମନ୍ଦିର ପୂଜକ ରହି ଆଧ୍ୟାତ୍ମିକ ମାର୍ଗରେ ଅନୁପ୍ରାଣିତ ହୋଇ ଅନ୍ୟମାନଙ୍କୁ ପ୍ରେରଣା ଦେଉଥିଲେ। ତାଙ୍କ ପରଲୋକ ଖବର ଶୁଣିବା ପରେ ପାଖ ପଡିଶା ଠାରୁ ଆରମ୍ଭ କରି ବିନିକା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବନ୍ଧୁ ବାନ୍ଧବ ଘରକୁ ଆସି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୩ ପୁଅ ଟିକେଶ୍ୱର, ବନବାସ, ପ୍ରକାଶଙ୍କ ସହିତ ପୁତୁରା ଶୁକଦେବ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବଡ଼ପୁଅ ଟକେଶ୍ୱର ମୁଖାଗ୍ନି ଦେଇଥିଲେ।



# ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ୍ ଉଦ୍‌ଘାଟିତ; ସେମିରେ ଭୁବନେଶ୍ୱର

ବୀରମହାରାଜପୁର,୧୪।୧୦(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଉଫୁଲା ପଞ୍ଚାୟତ ପଣ୍ଡିଆପାଲି ଗ୍ରାମର ଖେଳ ପଡ଼ିଆରେ ୧୬ତମ ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଏବଂ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ପ୍ରତିଷ୍ଠାତା ପଙ୍କଜ ଖମାରୀ, ହିଲୁଙ୍ଗ ସମିତିସଭ୍ୟ ଶୈଳ ରଞ୍ଜନ ବାଦୀ, ଚମ୍ପାମାଳ ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜକ ପଣ୍ଡିଆପାଲି ଓ ସିଉଳା -୧୧ ପୁରୀ ମଧ୍ୟରେ ହୋଇଥିଲା। ଏଥିରେ ପଣ୍ଡିଆପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ୱିକେଟ ହରାଇ ୫୦ ରନ୍ କରିଥିଲା। ଜବାବରେ ପୁରୀ ଦଳ ୪ ଓଭରରେ କୌଣସି ୱିକେଟ ନ ହରାଇ ଆବଶ୍ୟକୀୟ ୫୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍ ପାଇଁ ପୁରୀର ପବିତ୍ର ଧରୁଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି କମାଣ୍ଡୋ -୧୧ ଭୁବନେଶ୍ୱର ଓ ଏମ୍ଏସ୍‌ଟି ବଲାଙ୍ଗୀର ମଧ୍ୟରେ ହୋଇଥିଲା। ଏଥିରେ ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ୱିକେଟ ହରାଇ ୬୬ ରନ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୪.୩ ଓଭରରେ ଗୋଟିଏ ମାତ୍ର ୱିକେଟ ହରାଇ ଆବଶ୍ୟକୀୟ ୬୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

ଏହି ମ୍ୟାଚ୍ ପାଇଁ ଭୁବନେଶ୍ୱରର ବିଶ୍ୱଜିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ତୃତୀୟ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା ପୁରୀ ଓ ଦ୍ୱିତୀୟ ମ୍ୟାଚର ବିଜେତା ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଏଥିରେ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ରେ ୬ ୱିକେଟ ହରାଇ ୮୮ ରନ କରିଥିବା ବେଳେ ପୁରୀ ଦଳ ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ୱିକେଟ ହରାଇ ୪୪ ରନ କରି ପରାସ୍ତ ହୋଇଥିଲା। ଫଳରେ ଏହି ମ୍ୟାଚ୍‌ରେ ଭୁବନେଶ୍ୱର ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ ସଭାପତି ପ୍ରଫୁଲ୍ଲ ବେହେରା ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱରର ବିଶ୍ୱରଞ୍ଜନ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଗୁଡ଼ିକରେ ଜିତେଶ ବେହେରା ଓ ଜ୍ଞାନରଞ୍ଜନ ସ୍ୱାଇଁ ଆମ୍ପାୟାର, ହେମନ୍ତ ବେହେରା ଓ ସନାତନ ବେହେରା ସ୍କୋରିଂ ଏବଂ ବୁଦ୍ଧଦେବ ମହାପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ।

## ବାଉଁସୁଣିରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



**ବିନିକା,୧୪।୧୦(ସମିସ):** ବିନିକା ବ୍ଲକ ବାଉଁସୁଣି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ବିନିକା ସିଦ୍ଧାର୍ଥ ଜୁନିଅର କଲେଜ ଅଧ୍ୟକ୍ଷା ରେଖା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ ଗଡ଼ତ୍ୟା, ଜିଲ୍ଲା ରେଡକ୍ରସ୍ ସଂଯୋଜକ ବିଶ୍ୱନାଥ ମିଶ୍ର, ଶିଳ୍ପପତି ଆଦିକନ୍ଦ ବାବୁ, ଯୁବ ସ୍ୱେଚ୍ଛାସେବୀ ଜନାର୍ଦ୍ଦନ ଖମାରୀ, ଅବସରପ୍ରାପ୍ତ କର୍ମଚାରୀ ଗରିବେ ସାଲମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବୀରମହାରାଜପୁର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ କର୍ମଚାରୀ ଆସି ମୋଟ ୧୩୦ଜଣଙ୍କ ଆଖି ପରୀକ୍ଷା କରିଥିଲେ। ସେଥିରୁ ୧୮ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଚିକିତ୍ସାଳୟକୁ ନିଆଯାଇଥିଲା। ଶିବିର ପରିଚାଳନାରେ ଯୁବ ରେଡ୍‌କ୍ରସ୍ କାଉନସିଲର୍ ନିରୁପମା ଷାଣ୍ଢ, ଧନେଶ୍ୱର ସାହୁ, ସବ୍ୟସାଚୀ ଦନ୍ତାଙ୍କ ସହ କର୍ମଚାରୀ, ଅଧ୍ୟୟନରତ ଛାତ୍ରୀ ସହଯୋଗ କରିଥିଲେ।

**ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ମାନସ ମନ୍ଥନ**

# ବଢ଼ିବ ବଡ଼ଦେଉଳର ସୁରକ୍ଷା

ପୁରୀ, ୧୪ା୧୦ (ସମିସ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି । ସୁରକ୍ଷାବଳୟକୁ ଭେଦ କରି କେତେବେଳେ ସ୍ପାଏ କ୍ୟାମେରା, ମୋବାଇଲ୍ ଭିତରକୁ ନିଆଯାଉଛି ତ ପୁଣି କେତେବେଳେ ମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍ । ଭିତରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ, ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଏପରିକି, ଭିତରୁ ଭିଡିଓ କଲ୍ କରାଯାଉଛି । ଅନେକଥର ମନ୍ଦିର ପରିସରରେ ବିଭିନ୍ନ ସ୍ଥାନରୁ ଚୋରି ହେବାର ଦୃଷ୍ଟାନ୍ତ ବି ରହିଛି । ତେଣୁ କିପରି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ, ସେନେଇ ମଙ୍ଗଳବାର ସୁରକ୍ଷା ସବ୍-କମିଟି ବୈଠକରେ ମାନସମନ୍ଥନ କରାଯାଇଛି ।

ଶ୍ରୀମନ୍ଦିର ସୁରକ୍ଷା ସବ୍-କମିଟି ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷା ସମ୍ପର୍କିତ ଅନେକ ଆଲୋଚନା ଏବଂ ନିଷ୍ପତ୍ତି ବି ହୋଇଛି । ଏଥର ଅତ୍ୟାଧୁନିକ ସୁରକ୍ଷାବଳୟରେ ରହିବ ଶ୍ରୀମନ୍ଦିର । ଶ୍ରୀମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ମୁତୟନ ରହିବେ । ବିଶେଷକରି ନୋ-ଫ୍ଲାଇଂ ଜୋନ୍, ସର୍ଭିଲାନ୍ସ ସିକ୍ୟୁରିଟି, ଶ୍ରୀମନ୍ଦିର ଭିତରେ ଫୋନ୍ ବ୍ୟବହାର ଉପରେ ବିଶେଷ ଆଲୋଚନା କରାଯାଇଛି । ଆଗକୁ ପାର୍କିଂ ବ୍ୟବସ୍ଥା ହେବ । ସେହିପରି ଫାୟାର ସେଫ୍ଟି ଏବଂ ଇଲେକ୍ଟ୍ରିକ ସେଫ୍ଟି ଉପରେ ବି ପ୍ରାଧାନ୍ୟ ଦିଆଯାଇଥିଲା । ବୈଠକରେ ସବ୍-କମିଟିର ଅନ୍ୟ ୮ ସଦସ୍ୟ ଉପସ୍ଥିତ ଥିଲେ ।

ବୈଠକ ଶେଷରେ ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ, ଆଲୋଚନା ବିଷୟବସ୍ତୁକୁ ନେଇ ଏକ ରୂପରେଖ ପ୍ରସ୍ତୁତ କରାଯିବ । ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାବଦରେ କେତେ ଅର୍ଥ ଆବଶ୍ୟକତା ରହିଛି, କେତେଶୀଘ୍ର ଏହାକୁ କାର୍ଯ୍ୟକାରୀ କରିହେବ, ସେନେଇ ବିଚାରବିମର୍ଶ ହୋଇଛି । ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି, କିନ୍ତୁ ମନ୍ଦିର ଉପରକୁ ଡ୍ରୋନ୍ ଆସିଲେ କିଭଳି ତାକୁ ଚିହ୍ନଟ କରି ଅକାମି କରାଯିବ, କିଭଳି ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି, ତାହାର ବ୍ୟବସ୍ଥା କରାଯିବ । ଆମେ ଅନ୍ୟ ବଡ଼ବଡ଼ ମନ୍ଦିର ଯାଇ ସ୍ଥିତି ଦେଖିବୁ । ସେଠାରେ ଯେପରି ଭଲ ସୁରକ୍ଷା ବ୍ୟବସ୍ଥା ରହିଛି, ତାହା ଜଗନ୍ନାଥ ମନ୍ଦିରରେ କାର୍ଯ୍ୟକାରୀ କରାଯିବ । ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ମନ୍ଦିର ଭିତରକୁ ମୋବାଇଲ୍ ନେବା ନେଇ ପୁଲିସ, ଶ୍ରୀମନ୍ଦିର କର୍ମଚାରୀ ଓ ସେବାୟତଙ୍କ ପାଇଁ କଟକଣା ରହିବ । ସେମାନେ କିଭଳି ଏବଂ କେଉଁ ସ୍ଥାନରେ ଯୋଗାଯୋଗ କରିପାରିବେ ସେ ନେଇ ବିକଳ୍ପ ବ୍ୟବସ୍ଥା ହେବ ବୋଲି ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ ।



- ଆଣ୍ଟି-ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର ହେବ
- ଏଆଇ କ୍ୟାମେରା ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବ
- ଅନ୍ୟ ମନ୍ଦିର ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ହେବ

ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଏଆଇ କ୍ୟାମେରା ଲଗାଯାଇ ଭିଡ଼ ନିୟନ୍ତ୍ରଣ, ଶ୍ରୀମନ୍ଦିର ବାହାର ଓ ଭିତରେ ସୁରକ୍ଷା ପରିଚାଳନା ନେଇ ଆଲୋଚନା ହୋଇଛି । ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଘରୋଇ ସୁରକ୍ଷା କର୍ମୀଙ୍କୁ ଅଧିକ ପ୍ରଶିକ୍ଷଣ ଦିଆଯିବ । ତାଙ୍କର ଦାୟିତ୍ୱ କ'ଣ ରହିବ, କିଭଳି ଭକ୍ତଙ୍କୁ ବ୍ୟବହାର କରିବ, ସେନେଇ ପ୍ରଶିକ୍ଷଣ ଦିଆଯିବ । ଶ୍ରୀମନ୍ଦିରର ସୁରକ୍ଷା ପାଇଁ କୁଇକ୍ ରେସ୍‌ପନ୍ସ ଟିମ୍ ରହିବେ । ଅନ୍ୟ ବଡ଼ ବଡ଼ ମନ୍ଦିରରେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ କେଉଁ ଟେକ୍ନୋଲୋଜି ରହିଛି, ତାହାର ଅନୁଧ୍ୟାନ କରାଯାଇ ଶ୍ରୀମନ୍ଦିରରେ ଲାଗୁ ନେଇ ଆଲୋଚନା କରାଯାଇଥିବା ଏସ୍‌ପି ଶ୍ରୀ ସିଂ କହିଛନ୍ତି ।

ବରିଷ୍ଠ ସେବାୟତ ମାଧବ ମହାପାତ୍ର କହିଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ଭକ୍ତଙ୍କୁ ଆଗୁଆ ସୂଚନା ଦିଆଯିବା ଦରକାର । କେତେ ସମୟ ପରେ ଦର୍ଶନ ମିଳିବ, ଭକ୍ତମାନେ ଜାଣିଲେ ସେହି ସମୟରେ ପହଞ୍ଚିବେ । ଆଗୁଆ ପହଞ୍ଚି ଅପେକ୍ଷା କରୁଥିବାରୁ ଭିଡ଼ ହେଉଛି । ଏହାଦ୍ୱାରା ଅଯଥାରେ ଭିଡ଼ ହେବ ନାହିଁ । ଶ୍ରୀମନ୍ଦିରରେ ସୁରକ୍ଷା ପାଇଁ ଯଥେଷ୍ଟ ସିସିଟିଭି କ୍ୟାମେରା ଲାଗିବା ଉଚିତ । ରାମ ମନ୍ଦିରର ସୁରକ୍ଷା ପାଇଁ ଇସ୍ରାଏଲ ନିର୍ମିତ ଟେକ୍ନୋଲୋଜି ଓ ତିରୁପତି ମନ୍ଦିରରେ ଭାରତ ଇଲେକ୍ଟ୍ରୋନିକ ଟେକ୍ନୋଲୋଜି ବ୍ୟବହାର ହୋଇଛି । ଆମେ ଏହିସବୁ ମନ୍ଦିରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବୁ । ପରେ ଶ୍ରୀମନ୍ଦିରରେ କେଉଁ ସୁରକ୍ଷା ଟେକ୍ନୋଲୋଜି ଦରକାର, ତାହାର ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ଶ୍ରୀ ସିଂଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ କେତେଜଣ ବରିଷ୍ଠ ସେବାୟତ ଉପସ୍ଥିତ ଥିଲେ ।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# ମିଳିଲା ପୀତବାସଙ୍କ ଗୁପ୍ତ ଡାଏରୀ

ବ୍ରହ୍ମପୁର, ୧୪ା୧୦(ସମିସ): ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକୁ ୯ ଦିନ ବିତିଲାଣି । କିନ୍ତୁ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ । ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବା ଦୂରେ ଥାଉ, ଦୁଇ ହତ୍ୟାକାରୀଙ୍କୁ ମଧ୍ୟ ଏଯାବତ୍ ଠାବ କରିପାରିନାହିଁ । ପୀତବାସଙ୍କୁ ଯେଉଁ ଦୁଇଜଣ ପେସାଦାର ସୁପାରି କିଲର ଗୁଳି କରି ହତ୍ୟା କରିଛନ୍ତି, ସେମାନେ ପୂର୍ବରୁ ମଧ୍ୟ ବହୁ ମାମଲାରେ ଜଡ଼ିତ ଥିବା ପୁଲିସ ସନ୍ଦେହ କରିଛି । ତେଣୁ ସେମାନଙ୍କ ବାବଦରେ କିଛି ସୂଚନା ଯୋଗାଡ଼ କରିବା ଆଶାରେ ବ୍ରହ୍ମପୁର ପୁଲିସ ଏବେ ଜେଲମୁହାଁ ହୋଇଛି । ବ୍ରହ୍ମପୁର ସମେତ କେନ୍ଦ୍ରାପଡ଼ା ଓ ରାଜ୍ୟର ବିଭିନ୍ନ ଜେଲରେ ଅପରାଧୀଙ୍କ କୁଣ୍ଡଳୀ ଯାଞ୍ଚ କରୁଛି । ଫଳତଃ ଆତତାୟୀଙ୍କୁ ଚିହ୍ନଟ କରି ସେମାନଙ୍କ ଠିକଣା ଜାଣିବାକୁ ପୁଲିସ ବିଭିନ୍ନ ଜେଲରେ ଡେରା ପକାଇଥିବା ସୂଚନା ମିଳିଛି । ଅପରପକ୍ଷେ, ଓକିଲାତି ବ୍ୟତୀତ ପୀତବାସଙ୍କର ବିଭିନ୍ନ କାରବାରରେ ସମ୍ପୃକ୍ତି ଥିବାରୁ ତାଙ୍କ ହାତଲେଖା ଡାଏରୀରୁ କିଛି ତଥ୍ୟ ଓ ପ୍ରମାଣ ମିଳିବ ବୋଲି ପୁଲିସ ଆଶା ରଖିଥିଲା । ବର୍ତ୍ତମାନ ପୀତବାସଙ୍କ ଗୁପ୍ତ 'ଡାଏରୀ'ର ସନ୍ଧାନ ମିଳିଛି । ଡାଏରୀରୁ ବହୁ ତଥ୍ୟ ସହ ଅନେକ ଗୁମର ଫିଟିବ ବୋଲି ଆଲୋଚନା ହେଉଛି ।

- ଖୋଳିବ କି ହତ୍ୟା ଗୁମର?
- ଆତତାୟୀଙ୍କ କୁଣ୍ଡଳୀ ଯାଞ୍ଚ ପାଇଁ ଜେଲମୁହାଁ ପୁଲିସ

ମିଳିଥିବା ଡାଏରୀରେ କ୍ରସର୍ ବ୍ୟବସାୟୀ, ମଦ ବେପାରୀ, ବିଲ୍ଡରଙ୍କ ସମେତ ସହରର ବହୁ ବ୍ୟବସାୟୀ ଓ ନେତାଙ୍କ ନାମ ଉଲ୍ଲେଖ ଥିବା କୁହାଯାଉଛି । ପୀତବାସ କାହାଠାରୁ ସୁଧରେ ଟଙ୍କା ଆଣିଛନ୍ତି ଅଥବା କାହାକୁ ଟଙ୍କା ଦେଇଛନ୍ତି, ସେଥିରେ ଉଲ୍ଲେଖ ଥିବା କୁହାଯାଉଛି । ବଡ଼କଥା ହେଲା, ପୀତବାସ ହଜାର କିମ୍ବା ଲକ୍ଷରେ ନୁହେଁ, ବରଂ କୋଟି କୋଟି ଟଙ୍କାର ଦିନ ଦିନ କାରବାର କରୁଥିବା ନେଇ ଆଲୋଚନା ହେଉଥିବା ବେଳେ ସେସବୁ ତଥ୍ୟ ଡାଏରୀରେ ଅଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର । ପୀତବାସଙ୍କ ଜଣେ ଘନିଷ୍ଠ ବନ୍ଧୁ ତାଙ୍କଠାରୁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ନେଇ ଦୀର୍ଘ ଦିନ ଧରି ଫେରାଇ ନଥିଲେ । ଋଣ ଅର୍ଥ ପରିଶୋଧ ପାଇଁ ସମ୍ପୃକ୍ତ ବନ୍ଧୁଙ୍କର ସହରରେ ଥିବା ନିଜର ଏକ ଘରକୁ ପୀତବାସଙ୍କୁ ବିକ୍ରି କରିଦେଇଥିବା କୁହାଯାଉଛି । ଘର ବିକ୍ରି ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ଆହୁରି ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୀତବାସଙ୍କୁ ଫେରାଇବାକୁ ଅଛି ବୋଲି ଶୁଣିବାକୁ ମିଳିଛି ।

ସେହିପରି, ପୀତବାସ ଅନେକ ବ୍ୟବସାୟୀଙ୍କଠାରୁ ଟଙ୍କା ଉଠାଉଥିବା କୁହାଯାଉଛି । କିନ୍ତୁ, ସେନେଇ କେହି ମୁହଁ ଖୋଲିନାହାନ୍ତି । ତେବେ ବଜାରରେ ପଡ଼ିଥିବା କୋଟିକୋଟି ଟଙ୍କା କିଭଳି ଆଦାୟ ହେବ, ତାହା ଏବେ ବଡ଼ ପ୍ରଶ୍ନବାଚୀ । କାରଣ ସେଥିମଧ୍ୟରେ ପୀତବାସଙ୍କର ନିଜର ଓ ଅନ୍ୟମାନଙ୍କର ମଧ୍ୟ ଥିବା ଆଲୋଚନା ହେଉଛି । ସେପଟେ ଟଙ୍କା କାରବାର ବ୍ୟତୀତ ସେ ରୁଚି ରଖୁଥିବା ସବୁ କିଛି ବିଷୟରେ ନିଜ ଡାଏରୀରେ ଉଲ୍ଲେଖ କରିଥିବା ଜଣାପଡ଼ିଛି । ଡାଏରୀରେ ଉଲ୍ଲେଖ ଥିବା କିଛି ବ୍ୟକ୍ତିଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ପୁଲିସ ଜେରା କରି ଛାଡ଼ିଥିବା କୁହାଯାଉଛି ।

**ପାର୍ଟ ପ୍ଲଟ୍ ପଞ୍ଜୀକରଣ**

# ଏସ୍‌ଓପି ଜାରି; ଫିଟିଲା ବାଟ

ଭୁବନେଶ୍ୱର,୧୪ା୧୦ (ସମିସ): ଫିଟିଲା ପାର୍ଟ ପ୍ଲଟ ପଞ୍ଜୀକରଣ ବାଟ । ଏଥିପାଇଁ ଆଜି ନୂଆ ଏସଓପି ଜାରି କରିଛନ୍ତି ରାଜ୍ୟ ସରକାର । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ନୂତନ ଏସ୍‌ଓପି ଅଣାଯାଇଛି ।

ଏହି ନୂଆ ଏସ୍‌ଓପି ଦ୍ୱାରା ପୂର୍ବର ସମସ୍ତ ନିର୍ଦ୍ଦେଶାବଳୀକୁ ଅଗ୍ରାହ୍ୟ କରିଦିଆଯାଇଥିବା ବେଳେ ଜନସାଧାରଣଙ୍କ ପାଇଁ ସମାନତା, ସ୍ୱଚ୍ଛତା ଏବଂ ସହଜତା ସୁନିଶ୍ଚିତ କରିବାରେ ଏହି ଏସ୍‌ଓପି କାର୍ଯ୍ୟ କରିବ ବୋଲି କୁହାଯାଉଛି ।

ପଞ୍ଜୀକରଣ ଅଧିକାରୀଙ୍କ ମଧ୍ୟରେ ଅସଙ୍ଗତି ଦୂର କରିବା ସହିତ ପଞ୍ଜୀକରଣ ଅଧିନିୟମ ୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ (ସଂଶୋଧନ) ଅଧିନିୟମ ୨୦୧୩ ଅନୁଯାୟୀ ରହିଥିବା ସ୍ପଷ୍ଟ ନିର୍ଦ୍ଦେଶନାମାକୁ ଏସ୍‌ଓପିରେ ସ୍ପଷ୍ଟ କରାଯାଇଛି । ପାର୍ଟ ପ୍ଲଟ ପଞ୍ଜୀକରଣ ସମୟରେ ରାଜ୍ୟର ଅଧିକାରୀମାନେ ଆଇନ ଏବଂ ପ୍ରକ୍ରିୟା ବିଷୟରେ ଦ୍ୱନ୍ଦ୍ୱରେ ରହୁଥିଲେ; ଏଥିପାଇଁ ପ୍ଲଟ୍ ପଞ୍ଜୀକରଣରେ ସମାନତା ଆସିପାରୁ ନ ଥିଲା ଓ ଜନସାଧାରଣ ଅନେକ ଅସୁବିଧା ଭୋଗୁଥିଲେ । ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଏସଓପି ଆଣାଯାଇଛି । ଏଣିକି ଗ୍ରାମାଞ୍ଚଳରେ ଜଳଜମି କିସମ ପ୍ଲଟ୍ ବ୍ୟତୀତ ଗ୍ରାମାଞ୍ଚଳରେ ଆଂଶିକ ପ୍ଲଟ୍ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି । ବିନା ପୂର୍ବ ସର୍ତ୍ତରେ ଏହି ଅନୁମତି ଦିଆଯିବ । ଏହାକୁ ସମ୍ପୂର୍ଣ୍ଣ ପ୍ଲଟ୍ ଭାବରେ ସ୍ଥାନାନ୍ତର କରାଯିବ । ସବ୍-ଡିଭିଜନ ସହିତ ୫୦୦ ବର୍ଗ ମିଟରରୁ ଅଧିକ ହେବ ନାହିଁ । ସେହିପରି ଚାଷ ଜମି କ୍ଷେତ୍ରରେ ଯଦି ପ୍ଲଟ୍ କୃଷି କିସମ ହୋଇ ରହିଥାଏ, କେବଳ କୃଷି ବ୍ୟବହାରକୁ ସୁନିଶ୍ଚିତ କରୁଥିବା 'ଫର୍ମ ଡି' ରେ ଏକ ସ୍ୱ-ଘୋଷଣା ଦ୍ୱାରା ଏହି ପଞ୍ଜୀକରଣ କରାଯିବ ।

ସହରାଞ୍ଚଳ ଓ ଯୋଜନାବଦ୍ଧ ଅଞ୍ଚଳ ଆଦି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଏବଂ ଟାଉନ ପ୍ଲାନିଂ ଅଧିନିୟମ ଦ୍ୱାରା ପରିଚାଳିତ ହେଉଛି । ତେଣୁ ପାରିବାରିକ ସବ-ଡିଭିଜନ, ଛୋଟ ସବ-ଡିଭିଜନ (୫୦୦ ବର୍ଗ ମିଟରରୁ କମ୍ ଏବଂ କୌଣସି ରିଅଲ ଇଷ୍ଟେଟ୍ ବ୍ୟବହାର ହେବନି) ଏହାକୁ ମଧ୍ୟ ଅନୁମତି ଦିଆଯାଇଛି । ସେହିପରି ସହ-ଅଂଶୀଦାର ଡିଭିଜନ (ସମ୍ମତି ଏବଂ ଆନୁପାତିକ ଅଂଶ ସହିତ) ପୂର୍ବରୁ ଥିବା ଛୋଟ ପ୍ଲଟ୍ ଯାହାକି ୨୦୨୫ ଓଡିଏ, ଟିପି ଏବଂ ଆଇଟି ଦ୍ୱିତୀୟ ସଂଶୋଧନ ନିୟମ ପୂର୍ବରୁ ରେକର୍ଡ ହୋଇଥିବା ୫୦୦ ବର୍ଗ ମିଟରରୁ କମ୍ ପ୍ଲଟ୍‌ଗୁଡ଼ିକୁ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି । ପଞ୍ଜୀକରଣ ଅଧିକାରୀମାନେ ମ୍ୟାପ, ସୀମା ଏବଂ ଘୋଷଣାଗୁଡ଼ିକୁ ଯାଞ୍ଚ କରିବା ନିୟମର ଅନୁପାଳନ କରିବାକୁ କୁହାଯାଇଛି । ରେକର୍ଡରେ ସ୍ୱ-ଘୋଷଣାଗୁଡ଼ିକୁ ସଂରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ତୁରନ୍ତ ପ୍ରଭାବଃ ସ୍ୱରୂପ ଏହି ଏସଓପିକୁ କାର୍ଯ୍ୟକାରୀ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

**ଗ୍ରାମାଞ୍ଚଳରେ ଜଳାଶୟ ବ୍ୟତୀତ ପାର୍ଟ ପ୍ଲଟ୍ ବିକ୍ରିକୁ ଅନୁମତି**

- ଘୋଷଣାନାମା ଦେଇ ହୋଇପାରିବ ଚାଷ ଜମି ପଞ୍ଜୀକରଣ
- ସହରାଞ୍ଚଳରେ ପଞ୍ଜୀକରଣ ହୋଇପାରିବ ୫୦୦ ବର୍ଗ ମିଟର ପରିମିତିର ପ୍ଲଟ୍



# ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି

ଭୁବନେଶ୍ୱର୧୪ା୧୦(ସମିସ): ରାଜ୍ୟ ସରକାର ଅର୍ଥର ସମାନତା, ତଦାରଖ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରି ରାଜ୍ୟରେ ଆଭ୍ୟନ୍ତରୀଣ ଅଡିଟ୍ ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ୨୮ଟି ବିଭାଗରେ ଏହି ୱିଙ୍ଗ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୩୮କୁ ବୃଦ୍ଧି ପାଇଛି ।

ସୂଚନା ଅନୁଯାୟୀ ଅର୍ଥ ବିଭାଗ ଗତ ୯ ତାରିଖରେ ୨୮ଟି ବିଭାଗରେ ବର୍ତ୍ତମାନର ମଞ୍ଜୁରୀପ୍ରାପ୍ତ ୫୧୦ ଜଣଙ୍କ ସଂଖ୍ୟାକୁ ଯୁକ୍ତିଯୁକ୍ତ ଭାବରେ ବିଭକ୍ତ କରି ୮୫ ଜଣ ଅଡିଟ୍ କର୍ମଚାରୀଙ୍କ ସହିତ ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛି । ନୂତନ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗଗୁଡ଼ିକ ନିରନ୍ତର ସମୀକ୍ଷା ଓ ଅନୁପାଳନ ଯାଞ୍ଚ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଶୀଘ୍ର ବିପଦ ଚିହ୍ନଟ କରିବା ଏବଂ ଅଡିଟ୍ ଆପତ୍ତି ହ୍ରାସ କରିବାରେ ସାହାଯ୍ୟ କରିବ । ଯେଉଁ ୧୦ଟି ଅଧିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରାଯାଇଛି ସେଗୁଡ଼ିକ ହେଉଛି ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ, ଶିଳ୍ପ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ।

ଏହି ପଦକ୍ଷେପ ସ୍ୱଚ୍ଛତାକୁ ସାଂଗଠନିକ କରିବା, ଆର୍ଥିକ ବିଚକ୍ଷଣତାକୁ ଉନ୍ନତ କରିବା ଏବଂ ସରକାରୀ ପାଣ୍ଠିର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବା, ସୁଶାସନ ଏବଂ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପରିଚାଳନା ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ ।

**ଅର୍ଥ ବ୍ୟୟକ ତଦାରଖ ହେବ ସୁନିଶ୍ଚିତ**

# ରାଉରକେଲାରୁ ଅଯୋଧ୍ୟା ଯିବ ୮ ଫୁଟ୍ ଲମ୍ବର ସୁବର୍ଣ୍ଣ ଧନୁ

ରାଉରକେଲା, ୧୪ା୧୦ (ସମିସ): ରାଉରକେଲାରୁ ଅଯୋଧ୍ୟାର ରାମମନ୍ଦିରକୁ ଯିବ ସୁନାରେ ପ୍ରସ୍ତୁତ ଏକ ଧନୁ । ଏନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ସୂଚନା ଦେଇଛନ୍ତି । ଅଯୋଧ୍ୟା ରାମମନ୍ଦିରର ମହାସଚିବ ଚମ୍ପତ ରାୟଙ୍କ ଅନୁମତିକ୍ରମେ ଏହି କାର୍ଯ୍ୟକ୍ରମ ସମାପନ କରାଯିବ । ଏହି ସୁବର୍ଣ୍ଣ ଧନୁର ଲମ୍ବ ୮ ଫୁଟ୍ ଓ ଚଉଡ଼ା ସାଢ଼େ ୩ଫୁଟ୍ । ଏହା ତାମିଲନାଡୁ କାଞ୍ଚିପୁରମ୍‌ର ୪୦ଜଣ ମହିଳା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏଥିରେ ୧କେଜି ସୁନା ବ୍ୟବହୃତ ହୋଇଛି । ଆସନ୍ତା ଜାନୁଆରୀ ୨୦ତାରିଖରେ ପୁରୀରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ୨୨ତାରିଖ ଦିନ ଅଯୋଧ୍ୟାର ରାମମନ୍ଦିର ପ୍ରତିଷ୍ଠା ଦିବସରେ ପହଞ୍ଚିବ । ଏହି ଧନୁ ତିଆରିରେ ପ୍ରାୟ ୬ ରୁ ୮ କେଜି ମଧ୍ୟରେ ସୁନା ବ୍ୟବହାର କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହାସହ ଏହି ଧନୁରେ ବୀର ସୌର୍ଯ୍ୟ ପ୍ରାପ୍ତ ହୋଇଥିବା ସହିଦ୍‌ମାନଙ୍କ ନାମ ଖୋଦିତ କରାଯିବ ।

ଏହି କାର୍ଯ୍ୟ ସମାପନ ପରେ ଧନୁକୁ ପ୍ରତିଟି ଜିଲ୍ଲାର ପ୍ରମୁଖ ସ୍କୁଲ ଓ କଲେଜ ପରିକ୍ରମା କରି ସମାଜରେ ଯେଉଁମାନେ ପ୍ରକୃତ ବୀର ସେମାନଙ୍କ ସମ୍ପର୍କରେ ଅବଗତ କରାଯାଇ ଆସନ୍ତା ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ମହାସଚିବ ଚମ୍ପତ ରାୟଙ୍କୁ ଅର୍ପଣ କରାଯିବ । ସେହିପରି ଅପରେସନ ସିନ୍ଦୂରର ସଫଳତା ପାଇଁ ଶ୍ରୀଜଗନ୍ନାଥଙ୍କ ଭୂମି ତରଫରୁ ବୀର ଯବାନଙ୍କୁ ଏହା ଉତ୍ସର୍ଗୀକୃତ କରାଯିବା ସହ କାରଗିଲରୁ ପେହେଲଗାଁଓ ପର୍ଯ୍ୟନ୍ତ ସମସ୍ତ ସହିଦ୍ ଯବାନଙ୍କ ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।



## ଆଜିର ରାଶିଫଳ

**ମେଷ:** ପ୍ରତିକୂଳ ପରିସ୍ଥିତିରେ ଭୟ କରନ୍ତୁନି । ଧାର୍ମିକ ସମାବେଶରେ ସାମିଲ ହେବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଉଧାର ଟଙ୍କା ଫେରି ପାଇବେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ବୃଷ:** ଲୋକ ସମ୍ପର୍କ ବଢ଼ିବ । ଉଡ଼ା ଖବରକୁ ବିଶ୍ୱାସ କରନ୍ତୁନି । ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଆଶା କରିଥିବା ଦିଗରୁ ଅର୍ଥ ମିଳିବ । ମହିଳାମାନେ ପୂଜାର୍ଚ୍ଚନା କରିବେ ।

**ମିଥୁନ:** କାର୍ଯ୍ୟରେ ବାଧା ଉପୁଜିପାରେ । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ଛୋଟ ଛୋଟ କଥାରୁ କଳହ ସୃଷ୍ଟି ହୋଇପାରେ । କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି । ଖର୍ଚ୍ଚ ବଢ଼ିପାରେ । ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ । ଉଧାର ଟଙ୍କା ଫେରି ପାଇବେ । ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ । ଲୋକ ସମ୍ପର୍କ ବୃଦ୍ଧି ପାଇବ ।

**କନ୍ୟା:** ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ । ନୂତନ ଜମି କ୍ରୟ କରିପାରନ୍ତି । ମାପି ଚୁପି କଥା ହୁଅନ୍ତୁ ।

**ତୁଳା:** ଭୂମି, ଯାନବାହନ କିଣି ପାରନ୍ତି । ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ମାନ ସମ୍ମାନ ବୃଦ୍ଧି ପାଇବ । ବନ୍ଧୁମିଳନ ଯୋଗ ରହିଛି । ପିଲାମାନେ ଖେଳକୁଦରେ ସମୟ ବିତାଇବେ ।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଅଚାନକ ଖୁସି ଖବର ମିଳିବ । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି । ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ପ୍ରେମ ବ୍ୟାପାରରେ ସଫଳ ହେବେ । କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ । ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି ।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ । ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ । ଆର୍ଥିକ ସମସ୍ୟା ରହିବନି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆୟ ଅନୁସାରେ ଅଧିକ ବ୍ୟୟ ହେବ । ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ । ଦାନ ଧର୍ମ କରିବେ ।

**ମୀନ:** ଜମି କିଣାବିକା ଯୋଗ ରହିଛି । ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି । ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ । ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି ।

## ଅବଶିଷ୍ଟାଂଶ

### ଆଗୁଆ ଆସିବ...

ରେକଡର୍ କରାଯାଇଛି । ନେପାଳରୁ ଆରମ୍ଭ କରି କାଶ୍ମୀର ପର୍ଯ୍ୟନ୍ତ ହିମାଳୟ ଉପତ୍ୟକାରେ ବରଫପାତ ବୃଦ୍ଧି ପାଇଛି । ପାଣିପାଗବିଜ୍ଞାନୀମାନେ ଏହାକୁ ଏକ ଶୁଭ ସଙ୍କେତ ବୋଲି ମନେ କରୁଛନ୍ତି । ଏହାଦ୍ୱାରା ଗ୍ଲାସିୟରର ଅନ୍ୟୂନ ୫ ବର୍ଷ ପାଇଁ ଅଧିକ ଜୀବନ୍ତ ରହିବ ଓ ଉତ୍ତରଭାରତର ନଦୀଗୁଡ଼ିକର ସ୍ରୋତ ଶୁଖିବ ନାହିଁ ବୋଲି କୁହାଯାଉଛି । ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ଭାରତୀୟ ଉପମହାଦ୍ୱୀପର ତାପମାତ୍ରା ଗତ ୧୨୨ ବର୍ଷରେ ୦.୯୯ ଡ଼ିଗ୍ରୀ ବୃଦ୍ଧି ପାଇଛି, ମାତ୍ର ଚଳିତ ବର୍ଷ ଅର୍ଥାତ୍ ୨୦୨୫ ଶେଷ ସୁଦ୍ଧା ଏହି ବୃଦ୍ଧିରେ ଅଙ୍କୁଶ ଲାଗିବ ଓ ଲା ନିନା କାରଣ ଯୋଗୁ ତାପମାତ୍ରା ୦.୨ଡ଼ିଗ୍ରୀ କମ୍ ହେବ ।

ଅନ୍ୟପଟେ ମୌସୁମୀ ପ୍ରତ୍ୟାବର୍ତ୍ତନ ଧାରା ଆରମ୍ଭ ହେବା ପରେ ଏବେ ଓଡ଼ିଶାରେ ପାଗ ମୁଖ୍ୟତଃ ଓ ଶୁଖିଲା ଓ ଖରାଟିଆ ରହିଛି । ରାଜ୍ୟକୁ ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ମଧ୍ୟ କମିଛି । ଫଳରେ ରାତିରେ ମଧ୍ୟ ଧୀରେ ଧୀରେ ବା ହାଲୁକା ଥଣ୍ଡା ଅନୁଭୂତ ଆରମ୍ଭ ହୋଇଛି । ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ରାତିର ତାପମାତ୍ରା ୨୨-୨୪ ଡିଗ୍ରୀ ମଧ୍ୟରେ ରହୁଛି ।

୧୭ ତାରିଖ ସୁଦ୍ଧା କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ । କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ । ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି । ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି । ତେଣୁ ଏବର୍ଷ ଭଲ ଶୀତର ଆକଳନ କରାଯାଇଛି ।

### ୧୫.୬୭ ଲକ୍ଷ...

କରି ପାରି ନାହାନ୍ତି । ମୁଖ୍ୟତଃ ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ନେଟୱର୍କ ସମସ୍ୟା ଯୋଗୁଁ ବହୁ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରି ପାରି ନ ଥିବା ବେଳେ ଅନେକ ବୟସ୍କ ଓ ଶଯ୍ୟାଶାୟୀଙ୍କର ଇ-କେୱାଇସି ଅପଡେଟରେ ସମସ୍ୟା ରହିଛି । ଛୋଟ ପିଲା ଓ ବୟସ୍କ ବର୍ଗଙ୍କ ଫିଙ୍ଗର ପ୍ରିଣ୍ଟ ସମସ୍ୟା ରହିବାଯୋଗୁଁ ସେମାନଙ୍କର ଇ-କେୱାଇସି ହୋଇପାରି ନାହିଁ । ପୁନଶ୍ଚ ରାଜ୍ୟ ବାହାରେ ଅନ୍ୟ ରାଜ୍ୟରେ କାମ କରୁଥିବା ଲକ୍ଷଲକ୍ଷ ଲୋକ ମଧ୍ୟ ଇ-କେୱାଇସି କରି ପାରିନାହାନ୍ତି । ଯାହା ଫଳରେ ଏହି ଲୋକମାନେ ଆଗାମୀ ମାସରୁ ଆଉ ଚାଉଳ ପାଇବେ ନାହିଁ । ଲକ୍ଷାଧିକ ଲୋକ ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ୍ୟ ଇ-କେୱାଇସି କରିପାରିନାହାନ୍ତି ।

ସେପ୍ଟେମ୍ବର ୩୦ ତାରିଖକୁ ଇ-କେୱାସି କରିବାର ଶେଷ ତାରିଖ୍ ଭାବେ ଘୋଷଣା କରାଯାଇଥିଲା । ଏହି ଅବଧି ଭିତରେ ଅନେକ ଇ-କେୱାଇସି ହୋଇପାରି ନାହିଁ ଓ ଏହି ପ୍ରକ୍ରିୟାରେ ଅନେକ ସମସ୍ୟା ହେଉଥିବା ଡିଲର୍ ଆସୋସିଏସନ୍ ଏହା ପୂର୍ବରୁ ଅଭିଯୋଗ କରି ଆସିଛି । ନିକଟରେ ସରକାରଙ୍କ ପକ୍ଷରୁ ମିଳିଥିବା ଏକ ତାଲିକାରୁ ଜଣାପଡ଼ିଛି ଯେ ଗଞ୍ଜାମରୁ ସର୍ବାଧିକ ୧ ଲକ୍ଷ ୬୪ ହଜାର ହିତାଧିକାରୀ ଇ-କେୱାଇସି କରି ନାହାନ୍ତି । ସେହିପରି କଟକରୁ ୯୧ ହଜାର, ମୟୁରଭଞ୍ଜରୁ ୮୭ ହଜାର, ବଲାଙ୍ଗିରରୁ ୮୩ ହଜାର, ବାଲେଶ୍ୱରରୁ ୮୩ ହଜାର ଓ କଳାହାଣ୍ଡିରୁ ୮୨ ହଜାର ଲୋକ ଇ-କେୱାଇସି କରି ନ ଥିବା ଯୋଗୁଁ ତାଲିକାରୁ ବାଦ ପଡ଼ିଛନ୍ତି । ଅନେକ ଯୋଗ୍ୟ ହିତାଧିକାରୀ ନିଜର ଇ-କେୱାଇସି କରି ନ ଥିବା ସାମ୍ନାକୁ ଆସିଛି । ତେଣୁ ସରକାର ଅବଧି ବଢାଇବାକୁ ଦାବି ହୋଇ ଆସୁଥିଲା । ଯେମିତି ଯୋଗ୍ୟ ହିତାଧିକାରୀ ବାଦ ନ ପଡନ୍ତି ସରକାର ତା ଉପରେ ନଜର ଦେବା ଆବଶ୍ୟକ ବୋଲି ଦାବି ହୋଇଛି ।

### ରୁପା ୨ ଲକ୍ଷ...

ରୁପା କିଲୋ ପିଛା ୨.୬ ଲକ୍ଷ ଟଙ୍କା ଛୁଇଁ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି । କୌତୂହଳର ବିଷୟ ହେଉଛି ଯେ, ମାତ୍ର ୨୮୬ ଦିନରେ ରୁପା ମୂଲ୍ୟ ଦୁଇ ଗୁଣ ବଢ଼ିଯାଇଥିବାବେଳେ ସପ୍ତାହକରେ ଏହା ୩୩ ହଜାର ଟଙ୍କା ମହଙ୍ଗା ହୋଇଛି ।

ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ନୂଆଦିଲ୍ଲୀର ବଜାରରେ ଆଜି ରୂପା ମୂଲ୍ୟ ଗୋଟିଏ ଦିନରେ ୭୦୦୦ ଟଙ୍କା ବୃଦ୍ଧି ଘଟି ପ୍ରତି କିଲୋଗ୍ରାମ ୧,୮୫,୦୦୦ ଟଙ୍କାରେ ପହଞ୍ଚିଛି । ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ପାର୍ବଣ ଋତୁ, ଶିଳ୍ପ ଚାହିଦା ବଢ଼ିବା ଏବଂ ବିଶ୍ୱ ଯୋଗାଣରେ ହ୍ରାସ ଯୋଗୁଁ ରୁପାର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଉଛି । ରୁପା ମୂଲ୍ୟରେ ହେଉଥିବା ବୃଦ୍ଧି ଆଗକୁ ମଧ୍ୟ ଜାରି ରହିବ । ବଜାର ବିଶେଷଜ୍ଞଙ୍କ ମତରେ ଅଗାମୀ ଦିନରେ ରୁପା ଦର କିଲୋ ପିଛା ୭ ଲକ୍ଷ ଟଙ୍କା ସ୍ତର ଛୁଇଁବ । ଏକ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜାନୁଆରୀ ମାସରେ ରୁପା ମୂଲ୍ୟ କିଲୋ ପିଛା ପ୍ରାୟ ୭୯,୩୮୦ ଟଙ୍କା ରହିଥିଲା । ଚଳିତମାସରେ ନୂଆଦିଲ୍ଲୀ ବଜାରରେ ଏହା କିଲୋ ପିଛା ସର୍ବୋଚ୍ଚ ୧,୮୫,୦୦୦ ଟଙ୍କା ସ୍ତରରେ ପହଞ୍ଚିଛି । ଏହାର ଅର୍ଥ ହେଉଛି ଜାନୁଆରୀରୁ ଅକ୍ଟୋବର ପର୍ଯ୍ୟନ୍ତ ରୁପା ମୂଲ୍ୟ ପ୍ରାୟ ୧୩୩%ରୁ ଅଧିକ ବୃଦ୍ଧି ପାଇଛି । ଅପରପକ୍ଷେ ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ପାଖାପାଖି ୫୦ ହଜାର ଟଙ୍କା ବୃଦ୍ଧି ଘଟିଛି । ୨୦୨୪ ଡିସେମ୍ବର ୩୧ରେ ନୂଆଦିଲ୍ଲୀରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୬,୧୬୨ ଟଙ୍କା ଥିଲା, ଯାହା ଏବେ ୧,୨୮,୮୩୦ ଟଙ୍କାରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ରୁପା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୮୯,୩୦୮ ଟଙ୍କା ବୃଦ୍ଧି ପାଇଛି । ଅପରପକ୍ଷେ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୮,୩୪୦ ଟଙ୍କା ସ୍ତର ଟପିଯାଇଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧,୧୭,୬୫୦ ଟଙ୍କାରେ ପହଞ୍ଚିଛି ।

### ଜଗିବ କିଏ ?...

ଅନ୍ୟ ସବୁ ବାଣ ଉପରେ କଟକଣା ରହିଛି । ଯଦି କେହି ବାଣ ଫୁଟାଉଛନ୍ତି ତେବେ ୧୨୫ ଡେସିବେଲ ଅର୍ଥାତ୍ କମ୍ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇ ପାରିବେ ପୁଣି ପାର୍କ, ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, କୋର୍ଟ, ଧାର୍ମିକ ସ୍ଥାନର ୧୦୦ ମିଟର ପରିଧି ମଧ୍ୟରେ ବାଣ ଫୁଟାଯାଇପାରିବ ନାହିଁ । ପୁନଶ୍ଚ ବାଣରେ ବୋରିଅମ ଓ ଅନ୍ୟ ନିଷିଦ୍ଧ ରାସାୟନିକ ବ୍ୟବହାର ଉପରେ କଟକଣା ଲଗାଯାଇଛି । ଏସବୁ ନିୟମ ପାଳନ ନ କଲେ ଓଡ଼ିଶା ବାଣ ଓ ଲାଉଡସ୍ପିକର ନିୟନ୍ତ୍ରଣ ଆଇନ ଅନୁସାରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ତେଣୁ ଦୀପାବଳୀରେ ବାଣ ଫୁଟାଇବା ପରିବର୍ତ୍ତେ କେବଳ ଦୀପ ଜାଳିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅନୁରୋଧ କରିଛି ।

ସାଧାରଣତଃ ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, କଳିଙ୍ଗନଗର ଓ ତାଳଚେର ପରି ସହରରେ ସବୁ ସମୟରେ ପ୍ରଦୂଷଣର ମାତ୍ରା ଅଧିକ ରହିଥାଏ । ଗତବର୍ଷ ଦୀପାବଳି ପୂର୍ବ ଦିନ ଏଠାରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆର୍) ୧୦୦ ଥିଲା ବେଳେ ଦୀପାବଳି ସନ୍ଧ୍ୟାରେ ବାଣ ଫୁଟାରୁ ଏହା ବଢ଼ି ୨୩୦ ରୁ ୩୪୦ ଏକ୍ୟୁଆର୍‌ରେ ପହଞ୍ଚିଥିଲା । ଦୀପାବଳିରେ ବାଣଫୁଟା ପରେ ପ୍ରଦୂଷଣକୁ ନେଇ ଅନେକ ସମସ୍ୟା ସୃଷ୍ଟି ହେଉଥିବାରୁ ସାରା ଦେଶରେ କିପରି ପ୍ରଦୂଷଣକୁ ରୋକାଯାଇପାରିବ ସେନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି । ବାଣରୁ ନିର୍ଗତ ଧୂଆଁ ଓ ଶିଳ୍ପ ବର୍ଜ୍ୟବସ୍ତୁ ବାୟୁମଣ୍ଡଳକୁ ପ୍ରବେଶ କରୁଛି । ଯେଉଁଥିରେ ଅଙ୍ଗାରକାମ୍ଳ, ଗନ୍ଧକାମ୍ଳ, ଜବଖାରକାମ୍ଳ ଓ ମିଥେନ ପରି ବିଷାକ୍ତ ଗ୍ୟାସ୍ ରହିଛି । ତେଣୁ ଦେଶର ବିଭିନ୍ନ ରାଜ୍ୟରେ ବାଣଫୁଟା ଉପରେ କଡ଼ାକଡ଼ି କଟକଣା ଲଗାଯାଇଛି । ଅନ୍ୟପକ୍ଷରେ ବାଣ ଫୁଟାଇବା ସମୟରେ ପାଖରେ ପାଣି ବା ବାଲି ରଖିବାକୁ ପରାମର୍ଶ ଦିଆଯାଇଛି । ବାଣକୁ ହାତରେ ଧରି ଫୁଟାଇବାକୁ ବାରଣ କରାଯାଇଛି । ବାଣ ଫୁଟାଇବା ସମୟରେ ନିଜକୁ ଦୂରରେ ରଖିବା ଓ ଫୁଟି ଯାଇଥିବା ବାଣକୁ ଆଉଥରେ ଫୁଟାଇବାକୁ ଚେଷ୍ଟା ନକରିବା, ବାଣ ଫୁଟାଇବା ସମୟରେ ଆଖିର ଯତ୍ନ ନେବାକୁ ସ୍ୱଚ୍ଛ ଚଷମା ବ୍ୟବହାର କରିବା ଆଦି ବିଷୟରେ ସତର୍କତା ଜାରି କରାଯାଇଛି । ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସୂତା ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି ।

### ସୋନପୁରର ୩ ଶ୍ରଦ୍ଧାଳୁ...

ମଟାରୀ(୫୬), ପୁଅ ଆଶୁତୋଷ ମଟାରୀ, ଝିଅ ଚିନ୍ମୟୀ ମଟାରୀ ଓ ପୁତ୍ରବଧୂ ଅଲିଭା ମଟାରୀ ଯାଇଥିଲେ । ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ସମସ୍ତେ ହେଲିକେପ୍ଟର୍‌ରେ କଟରା ଫେରିଥିଲେ । କଟରା ହେଲିପ୍ୟାଡ୍‌ରୁ ଗୋଟିଏ ଅଟୋ ଭଡ଼ା କରିଥିଲେ । ଅଟୋରେ ଦୁଇ ବନ୍ଧୁ ସପତ୍ନୀଙ୍କ ବସିଥିବା ବେଳେ ଅନ୍ୟମାନେ ଚାଲିଚାଲି ଆସୁଥିଲେ । ଜାମ୍ମୁ-କଟରା ଏକ୍ସପ୍ରେସ୍ ୱେରେ ଅଟୋ ଯାଉଥିବା ବେଳେ ଏକ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ବସ୍ ଅଟୋକୁ ଧକ୍କା ଦେଇଥିଲା । ଏଥିରେ ଅଟୋଟି ଚୂରମାର୍ ହୋଇଯାଇଥିଲା । ଘଟଣାସ୍ଥଳରେ ବିଚିତ୍ର, ଯୋଗିନ୍ଦ୍ର ଓ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ କବିତା ଓ ସ୍ନେହଲତା ଗୁରୁତର ଆହତ ହୋଇଥିଲେ । ପୁଲିସ ଓ ଉଦ୍ଧାରକାରୀ ଦଳ ସମସ୍ତଙ୍କୁ କଟରା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ଗୁରୁତର କବିତା ଓ ସ୍ନେହଲତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଦୁହିଁଙ୍କୁ ଜାମ୍ମୁକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ରାସ୍ତାରେ କବିତାଙ୍କ ମୃତ୍ୟୁ ହୋଇଯାଇଥିଲା । ଜିଏମ୍‌ସି ଡାକ୍ତରଖାନାରେ ଗୁରୁତର ସ୍ନେହଲତାଙ୍କ ଚିକିତ୍ସା ଚାଲିଛି ।

ମୃତ ବିଚିତ୍ର ତରଭା ବରିଷ୍ଠ ନାଗରିକ ସଂଘର ସମ୍ପାଦକ, ସରସ୍ୱତୀ ଶିଶୁ ମନ୍ଦିର କମିଟିର ସମ୍ପାଦକ ସହ ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ଯୋଗିନ୍ଦ୍ର ମଟାରୀ ବରିଷ୍ଠ ନାଗରିକ ସଂଘର ସହ ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ । ଉଭୟ ବନ୍ଧୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଚାକିରି କରି ଅବସର ଗ୍ରହଣ କରିଥିଲେ । ଆଜି ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ତରଭା ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

## ତାମିଲନାଡୁ ମଦ ଦୁର୍ନୀତି ମାମଲା

# ଇଡି ଚଢ଼ଉ ଉପରେ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ତାମିଲନାଡୁ ମଦ ଦୋକାନର ଲାଇସେନ୍ସ ସମ୍ବନ୍ଧିତ ରାଜ୍ୟ ମାର୍କେଟିଂ କର୍ପୋରେସନ ଲିମିଟେଡ (ଟିଏଏସଏମଏସି) ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ପୁଲିସର କ୍ଷମତାରେ ଇଡି ଦଖଲ ଦେଉଥିବା କହିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଇଡିକୁ ପ୍ରଶ୍ନ କରିଥିଲେ ଯେ ରାଜ୍ୟ ପୁଲିସ ଏହି ମାମଲାର ଯାଞ୍ଚ କରିପାରି ନ ଥାଆନ୍ତା କି? ଏହି ମାମଲାରେ ଇଡି ଦଖଲ ଦେବା ଜରୁରୀ ଥିଲା କି? ଏହା ଦ୍ୱାରା ସଂଘୀୟ ବ୍ୟବସ୍ଥା ଉପରେ କି ପ୍ରଭାବ ପଡ଼ିବ? ଏହାର ରାଜ୍ୟ କ୍ଷମତାରେ ହସ୍ତକ୍ଷେପ ନୁହେଁ କି? ରାଜ୍ୟ ଯାଞ୍ଚ କରୁ ନଥିବା ଜାଣି ନିଜେ ଚାଲିଯିବେ କି? କୋର୍ଟ କୌଣସି ବାଦବିବାଦରେ ପ୍ରତିଯୋଗିତା ଚାହୁଁନାହାନ୍ତି। କିନ୍ତୁ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ଏବଂ କେନ୍ଦ୍ରରେ ସୀମା ରହିଛି। ସିଜେଆଇ କହିଥିଲେ ଯେ ଗତ ୬ ବର୍ଷ ହେଲା ସେ ଇଡିର ଅନେକ ମାମଲା ଦେଖିବାକୁ ପାଇଛନ୍ତି। କିନ୍ତୁ ଏହାକୁ ନେଇ କିଛି କହିବାକୁ ଚାହୁଁନି, ନଚେତ ଏହା ପୁଣିଥରେ ଗଣମାଧ୍ୟମରେ ରିପୋର୍ଟରେ ହୋଇଯିବ।

# ଇସ୍ତଫା ପାଇଁ ନୀତୀଶଙ୍କୁ ଅନୁମତି ମାଗିଲେ ସାଂସଦ

■ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ବିଧାୟକଙ୍କ ବିକ୍ଷୋଭ

ପାଟନା, ୧୪।୧୦ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅକଳରେ ପଡ଼ିଛନ୍ତି। ମେଣ୍ଟରେ ଆସନ ବୁଝାମଣାକୁ ନେଇ ଅସନ୍ତୁଷ୍ଟ ଥିବା ନୀତୀଶଙ୍କ ସମସ୍ୟାକୁ ଦଳୀୟ ସାଂସଦ ଏବଂ ବିଧାୟକମାନେ ଶହେ ଗୁଣା ବଢ଼ାଇ ଦେଇଛନ୍ତି। ଆସନ ବଣ୍ଟନକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଜେଡିୟୁ ବିଧାୟକ ଏବଂ କର୍ମୀ ଧାରଣା ଦେଉଛନ୍ତି। ଏପରି ସମୟରେ ଭାଗଲପୁର ସାଂସଦ ଅଜୟ କୁମାର ମଣ୍ଡଳ ନିଜ ପଦରୁ ଇସ୍ତଫା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁମତି ମାଗିଛନ୍ତି। ନିଜ କ୍ଷେତ୍ରରେ ଆସନ ବଣ୍ଟନ ପାଇଁ ତାଙ୍କ ପରାମର୍ଶ ନିଆଯାଇ ନ ଥିବାରୁ ମଣ୍ଡଳ କ୍ଷୁବ୍ଧ ହୋଇଛନ୍ତି। ଏପରି ସ୍ଥିତିରେ ପଦରେ ରହିବାର କୌଣସି ଯଥାର୍ଥତା ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ଚିଠିରେ ମଣ୍ଡଳ ଲେଖିଛନ୍ତି ଯେ ବିଧାୟକ ଏବଂ ସାଂସଦ ଭାବେ ୨୦-୨୫ ବର୍ଷ ହେଲା କ୍ଷେତ୍ରରେ ଲୋକଙ୍କ ସେବା କରିଆସୁଛନ୍ତି। ସେ ଜେଡିୟୁକୁ ପରିବାର ଭାବେ ଦେଖୁଥିଲେ। କିନ୍ତୁ ଗତ କିଛି ମାସ ହେଲା ତାଙ୍କୁ ଅଣଦେଖା କରାଯାଉଛି। ଅନ୍ୟପକ୍ଷରେ ବିଧାୟକ ଗୋପାଳ ମଣ୍ଡଳ ଆଜି ସକାଳୁ ନୀତୀଶଙ୍କ ଘରେ ଆଗରେ ବିକ୍ଷୋଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକଟ ନ ନେବା ପର୍ଯ୍ୟନ୍ତ ଏଠାରୁ ଉଠିବେ ନାହିଁ ବୋଲି କହିଥିଲେ। ଡିଏସ୍‌ପି ବୁଝାଇବା ସତ୍ତ୍ୱେ ସେ କିଛି ସମର୍ଥକଙ୍କ ସହ ସେମିତି ବସି ରହିଥିଲେ। ଏହା ଦେଖି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପରେ ପୁଲିସ ତାଙ୍କୁ ସେଠାରୁ ଉଠାଇ ନେଇଥିଲା।

# ରାସ୍ତା ଖାଲ ଯୋଗୁଁ ମୃତ୍ୟୁହେଲେ ମିଳିବ ୬ ଲକ୍ଷ

ମୁମ୍ବଇ, ୧୪।୧୦ (ଏଜେନ୍ସି): ସଡ଼କ ଦୁର୍ଘଟଣା ଜନିତ ମାମଲାରେ ବମ୍ବେ ହାଇକୋର୍ଟ ଐତିହାସିକ ରାୟ ଦେଇଛନ୍ତି। ମହାରାଷ୍ଟ୍ରରେ ଖାଲ ଏବଂ ସ୍ୱରେଜ ନାଳ ଯୋଗୁଁ ମୃତ୍ୟୁ ହେଲେ ପୀଡ଼ିତ ପରିବାରଙ୍କୁ ୬ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାରରୁ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଦୁର୍ଘଟଣା ପାଇଁ ଠିକାଦାରଙ୍କ ସହିତ ପୌରପାଳିକା ଏବଂ ସରକାରୀ ଅଧିକାରୀ ଦାୟୀ ରହିବେ। ସବୁ ଯୋଗ୍ୟ ପୀଡ଼ିତଙ୍କୁ ୬ରୁ ୮ ସପ୍ତାହ ଭିତରେ କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଳମ୍ବ ହେଲେ କମିଶନର, ଜିଲ୍ଲାପାଳ, ସିଇଓଙ୍କ ଭଳି ଅଧିକାରୀଙ୍କୁ ଦାୟୀ କରାଯିବ। ତାଙ୍କଠାରୁ ସୁଧ ସହିତ ଟଙ୍କା ଆଦାୟ କରାଯିବ। ଏହି ଅର୍ଥ ଦାୟୀ ଅଧିକାରୀ, ଠିକାଦାର, ଇଞ୍ଜିନିୟରଙ୍କଠାରୁ ଆଦାୟ କରାଯିବ। ପ୍ରତି ବର୍ଷ ଖାଲ ଏବଂ ମୁକ୍ତ ଥିବା ଡ୍ରେନ ଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଉଛି। ଏହା ଲଜ୍ଜାଜନକ। ଦୋଷ ଧାର୍ଯ୍ୟ ନ କଲେ ଏଭଳି ଘଟଣା ବନ୍ଦ ହେବନାହିଁ।

## ବିହାର ବିଧାନସଭା ନିର୍ବାଚନ

# ମେଣ୍ଟ ଅଙ୍କ ଅଡୁଆ

## ଆର୍‌ଜେଡି-କଂଗ୍ରେସ ଟଣାଓଟରା ଜାରି

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ଘୋଷଣା ହେବାକୁ ୭ ଦିନ ବିତିଗଲାଣି, କିନ୍ତୁ ବିରୋଧୀ ମେଣ୍ଟ 'ଇଣ୍ଡିଆ'ରେ ଏ ପର୍ଯ୍ୟନ୍ତ ଆସନ ବୁଝାମଣା ହୋଇପାରୁନି। ଭାଗବଣ୍ଟାକୁ ନେଇ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଟଣାଓଟରା ଜାରି ରହିଛି। କୌଣସି ଦଳ କମ୍ ଆସନରେ ଲଢିବାକୁ ପ୍ରସ୍ତୁତ ନାହାନ୍ତି। ଏହି ମତଭେଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଜନସୁରାଜ, ବିଜେପି ପ୍ରାର୍ଥୀ ଘୋଷଣା କରି ସାରିଥିବାବେଳେ 'ଇଣ୍ଡିଆ' ବେଳ ଗଡ଼ି ଗଡ଼ି ଚାଲିଛି। ଏପରି ସମୟରେ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ କୌଣସି ସାଲିସ କରାଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଆସନକୁ ନେଇ ଏବେ ବି ଆର୍‌ଜେଡି ସହ ଟଣାଓଟରା ଲାଗି ରହିଛି।

### ତେଜସ୍ୱୀଙ୍କୁ ଭେଟିଲେନି ରାହୁଲ

### ସାଲିସ କରିବୁନି: କଂଗ୍ରେସ

### ଚିହ୍ନ ଦେଲେ ଲାଲୁ; ଫେରାଇନେଲେ ତେଜସ୍ୱୀ

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଦିଲ୍ଲୀରୁ ପାଟନା ଫେରି ଆସିଛନ୍ତି। କିନ୍ତୁ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ନ ଥିବା ଜଣାପଡ଼ିଛି। ଲୋକସଭା ଭଳି ବିଧାନସଭା ନିର୍ବାଚନର ନେତୃତ୍ୱ ମଧ୍ୟ ଲାଲୁ ଏବଂ ତେଜସ୍ୱୀ ନେବାକୁ ଚାହୁଁଛନ୍ତି। ବାପପୁଅ ନିଜ ହିସାବରେ ଆସନ ବାଣ୍ଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଚଳିତ ଥର ରାହୁଲ ନଇଁବାକୁ ପ୍ରସ୍ତୁତ ନାହାନ୍ତି। ସେ ବିହାର କଂଗ୍ରେସ ନେତାଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। କାହା ଚାପରେ ଆସନ ବୁଝାମଣା ହେବନାହିଁ ବୋଲି କହିଛନ୍ତି। ଏହି କାରଣରୁ ପ୍ରଦେଶ କଂଗ୍ରେସର କୌଣସି ନେତା ଆସନ ବଣ୍ଟନକୁ ନେଇ ମୁହଁ ଖୋଲୁ ନାହାନ୍ତି।

ଏହି ପ୍ରସଙ୍ଗରରେ ଦିଲ୍ଲୀ ରାହୁଲଙ୍କୁ ଭେଟିବା ପାଇଁ ତେଜସ୍ୱୀ ଦିଲ୍ଲୀ ଯାଇଥିଲେ, ମାତ୍ର କଂଗ୍ରେସ ନେତା ତାଙ୍କୁ ସମୟ ଦେଇ ନ ଥିଲେ। ଏହା ପରେ ତେଜସ୍ୱୀ ଖାଲି ହାତରେ ଫେରି ଥିଲେ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ମେଣ୍ଟ ଆଗକୁ ବଢ଼ିପାରିବ ନାହିଁ ବୋଲି ସେ କଂଗ୍ରେସ ହାଇକମାଣ୍ଡଙ୍କୁ ସ୍ପଷ୍ଟ କରିଦେଇଛନ୍ତି। ଏହି କାରଣରୁ ପାଟନା ପହଞ୍ଚିବା ପରେ ଲାଲୁ ଯାଦବ ନିଜ ଲୋକଙ୍କୁ ଦଳୀୟ ଚିହ୍ନ ବାଣ୍ଟିବା ଆରମ୍ଭ କରିଦେଇଥିଲେ। ମାତ୍ର ତେଜସ୍ୱୀ ଏହା ଉପରେ ଅସନ୍ତୁଷ୍ଟ ହୋଇଥିଲେ। ଦଳୀୟ ନେତାଙ୍କୁ ବାପା ଦେଇଥିବା ଚିହ୍ନଗୁଡିକୁ ପୁଅ ଫେରାଇ ଆଣିଥିଲେ। ମହାମେଣ୍ଟର ସହଯୋଗୀ ଦଳ ସିପିଆଇ (ଏମଏଲ) ମଧ୍ୟ ପ୍ରାର୍ଥୀଙ୍କୁ ଟିକଟ ବଣ୍ଟନ କାର୍ଯ୍ୟ ଆରମ୍ଭ



କରିଦେଇଥିଲା। କିନ୍ତୁ କଂଗ୍ରେସ ଏ ପର୍ଯ୍ୟନ୍ତ ଏଥିରୁ ଦୂରେଇ ରହିଛି।

ଅନ୍ୟପଟେ ମହାମେଣ୍ଟରେ ତେଜସ୍ୱୀଙ୍କ ବଡ଼ ଭାଇ କହୁଥିବା ମୁକେଶ ସହାନୀଙ୍କ ସ୍ଥିତି ବି ଅସମ୍ଭାଳ ହେବାରେ ଲାଗିଛି। ସେ ପୂର୍ବରୁ ୬୦ ଆସନ ମାଗିଥିଲେ, କିନ୍ତୁ ଏବେ ୩୦ରେ ଦେବାକୁ କହୁଛନ୍ତି। ସେ ଉପ-ମୁଖ୍ୟମନ୍ତ୍ରୀ ହେବାର ଆଶାକୁ ବି ଭୁଲି ଗଲେଣି। କାରଣ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ କଂଗ୍ରେସ ଚାହୁଁନାହିଁ। ଯଦି ମହାମେଣ୍ଟରେ ଆସନ ବୁଝାମଣା ନ ହୁଏ ଏବଂ ରାହୁଲ ଦିଲ୍ଲୀ ଭୁଲ୍‌କୁ ଦୋହରାନ୍ତି ତେବେ ଅକଳରେ ପଡ଼ିବେ ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି।

## ଆସନ ବଣ୍ଟନ; ନୀତୀଶ ଅସନ୍ତୁଷ୍ଟ

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନକୁ ନେଇ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ଆସନ ବଣ୍ଟନ ହୋଇସାରିଛି। ମାତ୍ର ଆସନ ବଣ୍ଟନକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅସନ୍ତୁଷ୍ଟ ଥିବା ସୂଚନା ମିଳିଛି। ପୂର୍ବରୁ ହାମ୍ ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀ ଦଳକୁ ମିଳିଥିବା ଆସନକୁ ନେଇ କ୍ଷୁବ୍ଧ ହୋଇଥିଲେ। ଏବେ ନୀତୀଶଙ୍କ ଆଭିମୁଖ୍ୟ ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି। ସେ ୯ଟି ଆସନର ଭାଗବଣ୍ଟାକୁ ନେଇ ଖୁସି ନାହାନ୍ତି। ତେଣୁ ପୁଣିଥରେ ଏହା ଉପରେ ବିଚାର କରିବା ପାଇଁ ବିଜେପିକୁ କହିଛନ୍ତି।

### ପ୍ରଥମ ପ୍ରାର୍ଥୀ ତାଲିକା ଜାରିକଲା ବିଜେପି

### ବାଦ୍‌ପଡ଼ିଲେ ବାଚସ୍ପତି



ଏହା ମଧ୍ୟରେ ବିଜେପି ପ୍ରଥମ ତାଲିକାରେ ୭୧ ଜଣଙ୍କୁ ଟିକଟ ଦେଇଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ତାରାପୁର ଏବଂ ବିଜୟ ସିହ୍ନାଙ୍କୁ ଲଖିସରାୟରୁ ପ୍ରାର୍ଥୀ କରାଯାଇଛି। ତେବେ ବାଚସ୍ପତି ନନ୍ଦକିଶୋର ଯାଦବଙ୍କ ଟିକଟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ବିଜେପି ନେତା ତଥା ହାଇକୋର୍ଟ ଓକିଲ ରତ୍ନେଶ କୁଶ୍ୱାହଙ୍କୁ ମୈଦାନକୁ ଓହ୍ଲା ଯାଇଛି। କୁମ୍ହରାରରୁ ୫ ଥରର ବିଧାୟକ ଅରୁଣ କୁମାର ସିହ୍ନାଙ୍କ ଟିକଟ ମଧ୍ୟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ସଞ୍ଜୟ ଗୁପ୍ତାଙ୍କୁ ସୁଯୋଗ ମିଳିଛି। ସେ ଦଳର ମହାମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏହି ତାଲିକାରେ ୧୩ ମନ୍ତ୍ରୀ ଏବଂ ୯ ମହିଳାଙ୍କ ନାମ ରହିଛି। ପୁଣିଥରେ ୪୮ ବିଧାୟକଙ୍କୁ ପ୍ରାର୍ଥୀ କରାଯାଇଛି। ଚଳିତ ଥର ବିଜେପି ୧୦୧ ଆସନରେ ନିର୍ବାଚନ ଲଢ଼ିବ। ଏଥିରୁ ୭୧ ଜଣଙ୍କ ନାମ ସାମ୍ନାକୁ ଆସିଯାଇଛି। ଆଉ ୩୦ ପ୍ରାର୍ଥୀଙ୍କ ନାମ ଘୋଷଣା ବାକି ରହିଛି। ବିହାରରେ ନଭେମ୍ବର ୬ ଏବଂ ୧୧ରେ ମତଦାନ ହେବ। ନଭେମ୍ବର ୧୪ରେ ଭୋଟ ଗଣତି ହେବ। ଅନ୍ୟପକ୍ଷରେ ଗାୟିକା ମୈଥିଳି ଠାକୁର ବିଜେପିରେ ସାମିଲ ହୋଇଛନ୍ତି। ଏଥିପାଇଁ ପାଟନାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିର୍ବାଚନରେ ଲଢିବା ନେଇ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ତେବେ ସେ ଅଲିନଗରରୁ ନିର୍ବାଚନ ଲଢ଼ିପାରନ୍ତି।

# ଏସି ବସ୍‌ରେ ନିଆଁ; ୨୦ ଜୀବନ୍ତ ଦଗ୍ଧ




ଜୟପୁର, ୧୪।୧୦ (ଏଜେନ୍ସି): ରାଜସ୍ଥାନ ଜୈସାଲମେରର ଯୋଧପୁର ରାସ୍ତାରେ ମଙ୍ଗଳବାର ଅପରାହ୍ଣରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଚଳନ୍ତା ଏସି ସ୍ଲିପର ବସ୍‌ରେ ନିଆଁ ଲାଗି ଯାଇଛି। ଏଥିରେ ୨୦ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ସୂଚନା ମିଳିଛି। ୧୬ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜୈସାଲମେରର ଜବାହାରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା ବୋଲି କୁହାଯାଉଛି। ଏହା ଦେଖୁ ଦେଖୁ ସାରା ବସ୍‌କୁ କବଳିତ କରି ନେଇଥିଲା। ଲୋକଙ୍କୁ ଜୀବନ ବଞ୍ଚାଇବାକୁ ବି ସମୟ ମିଳି ନ ଥିଲା। ଜୀବନ ବିକଳରେ କିଛି ଲୋକ ଝରକା ଭାଙ୍ଗି ରାସ୍ତାକୁ ଡେଇଁ ପଡିଥିଲେ। ଏଥିରେ ୨ ଶିଶୁ, ୪ ମହିଳାଙ୍କ ସମେତ ୧୬ରୁ ଅଧିକ ଲୋକ ୭୦ ପ୍ରତିଶତରୁ ଅଧିକ ଜଳି ଯାଇଛନ୍ତି। ଏହି ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଥିଲେ। ତେବେ ସିଟି କାଉନସିଲର ସହାୟକ ଦମକଳ ଅଧିକାରୀ କୃଷ୍ଣପାଲ ସିଂହ ରାଠୋର କହିଛନ୍ତି ଯେ ଦୁର୍ଘଟଣାରେ ୧୦-୧୨ ଜଣଙ୍କ ଜୀବନ ଯାଇଛି। ଜିଲ୍ଲାପାଳ ପ୍ରତାପ ସିଂହଙ୍କ ଅନୁଯାୟୀ, ବସ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି। ୧୬ ଆହତଙ୍କୁ ଯୋଧପୁର ହସ୍ପିଟାଲକୁ ପଠାଇ ଦିଆଯାଇଛି। ବସ୍‌ରେ ଅନ୍ୟ ଯାତ୍ରୀଙ୍କ ମୃତଦେହ ପଡି ରହିଛି।

## ହରିୟାଣା ଆଇପିଏସ୍ ଆତ୍ମହତ୍ୟା ମାମଲା

# ଏଏସ୍‌ଆଇଙ୍କ ଆତ୍ମହତ୍ୟାରୁ ନୂଆ ମୋଡ଼

## ଦୁର୍ନୀତି ମାମଲାରେ ବଦନାମ ହେବାରୁ ଚରମ ନିଷ୍ପତ୍ତି ନେଇଥିଲେ ପୁରନ

ଚଣ୍ଡିଗଡ଼, ୧୪।୧୦ (ଏଜେନ୍ସି): ହରିୟାଣା ଆଇପିଏସ ୱାଇ ପୂରନଙ୍କ ଆତ୍ମହତ୍ୟାକୁ ନେଇ ରାଜ୍ୟ ରାଜ୍ୟନୀତି ଉଠୁଛି ପଡୁଛି। ଆଇଏଏସ ପତ୍ନୀ ଅମନୀତ ପି କୁମାର ଜିଦ୍‌ରେ ଅଟଳ ରହିଥିବାରୁ ଏ ପର୍ଯ୍ୟନ୍ତ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ସେ ଡିଜିପି ଶତ୍ରୁଜିତ କପୁରଙ୍କ ବହିଷ୍କାର ଦାବି କରୁଥିବାବେଳେ ସରକାର ତାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ପୁରନଙ୍କ ମାମଲାର ତଦନ୍ତ ଚାଲିଥିବାବେଳେ ରାଜ୍ୟର ଆଉ ଜଣେ ପୁଲିସ ଅଧିକାରୀ ତଥା ଆସିଷ୍ଟାଣ୍ଟ ସବ୍-ଇନସପେକ୍ଟର (ଏଏସଆଇ) ସନ୍ଦୀପ କୁମାର ମଙ୍ଗଳବାର ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ଲାଢୌତ ରୋଡରେ ଥିବା ତାଙ୍କ ମାମୁଁ ଘରୁ ସନ୍ଦୀପଙ୍କ ମୃତଦେହ ମିଳିଛି। ଏହା ପୁରନଙ୍କ ମାମଲାକୁ ନୂଆ ମୋଡ ଦେଇଛି। ସନ୍ଦୀପ ମୃତ୍ୟୁ ପୂର୍ବରୁ ଭିଡିଓ ରେକର୍ଡିଂ ଏବଂ ୪ ପୃଷ୍ଠାର ସୁଇସାଇଡ ନୋଟ୍ ଲେଖି ଯାଇଛନ୍ତି। ରୋହତକ ସାଇବର ସେଲ୍‌ରେ ମୁତୟନ ହୋଇଥିବା ଏହି ଏଏସଆଇ ସତ୍ୟ ପାଇଁ ଜୀବନ ଦେଇଥିବା ଉଲ୍ଲେଖ କରିଛନ୍ତି। ଦେଶର ଲୋକେ ବଳିଦାନ ପରେ ଚେତିଥାନ୍ତି। ତେଣୁ ଭଗତ ସିଂହଙ୍କ ପରି ଲୋକଙ୍କୁ ସତ କ'ଣ ଜଣାଇବା ପାଇଁ ବଳିଦାନ ଦେଉଥିବା ସନ୍ଦୀପ କହିଛନ୍ତି।



ପୂର୍ବତନ ଆଇଜି ପୁରନ ଏବଂ ତାଙ୍କ ଗନ୍‌ମ୍ୟାନ ସୁଶୀଲ କୁମାରଙ୍କ ବିରୋଧରେ ଏଏସଆଇ ଗୁରୁତର ଅଭିଯୋଗ ଲଗାଇଛନ୍ତି। ପୁରନ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଥିଲେ। ରୋହତକ ରେଞ୍ଜରେ ମୁତୟନ ହେବା ପରେ ସେ ବ୍ୟବସ୍ଥାକୁ ହାଇଜ୍ୟାକ କରି ନେଇଥିଲେ। ଜାତିଗତ ଭେଦଭାବ ଆରମ୍ଭ କରିଦେଇଥିଲେ। ଜାତି ଦେଖି ଅଧିକାରୀଙ୍କୁ ହଟାଇ ଦେଉଥିଲେ। ସଦର ଥାନାର ଏକ ହତ୍ୟା ମାମଲା ପାଇଁ ସେ ୫୦ କୋଟି ଟଙ୍କାର ଡିଲ୍ କରିଥିଲେ। ସଚ୍ଚୋଟ ଅଧିକାରୀଙ୍କ ବଦଳରେ ପୁରନ ଦୁର୍ନୀତିଗ୍ରସ୍ତଙ୍କୁ ମୁତୟନ କରିଥିଲେ। ଏମାନେ ଫାଇଲକୁ ପକାଇ ରଖୁଥିଲେ। ମାନିସକ ଉତ୍ପୀଡ଼ନ ଦେଇ ଟଙ୍କା ମାଗୁଥିଲେ। ବଦଳି ଚାହୁଁଥିବା ମହିଳା ଅଧିକାରୀଙ୍କୁ ମଧ୍ୟ ଯୌନ ଉତ୍ପୀଡ଼ନ ଦିଆଯାଉଥିଲା। ଦୁର୍ନୀତି ମାମଲା ସାମ୍ନାକୁ ଆସିବା ପରେ ପୁରନଙ୍କୁ ବଦଳି କରାଯାଇଥିଲା। ଦୁର୍ନୀତି ମାମଲାରେ ଧରା ପଡ଼ିଯିବା ଭୟରେ ପୁରନ ଆତ୍ମହତ୍ୟା କରିଥିଲେ। ଏହା ଉଜାଗର ହୋଇଗଲେ ପାରିବାରିକ ରାଜନୀତି ଉପରେ ପ୍ରଭାବ ପଡିବ ବୋଲି ସେ ଭୟ କରି ଚରମ ନିଷ୍ପତ୍ତି ନେଇଥିଲେ। ଡିଜିପି ଜଣେ ସଚ୍ଚୋଟ ବ୍ୟକ୍ତି। ଡିଜିପି ଚାଲିଗଲେ ମଲେଇ ଖାଇବେ ବୋଲି ଆଇଏଏସ ଲବି ଭାବୁଛନ୍ତି। ଏମାନେ ଦେଶକୁ ନଷ୍ଟ କରୁଛନ୍ତି। ସାରା ରାଜ୍ୟରେ ଜାତିର ବିଷ ଓଗାଳି ସଚ୍ଚୋଟ, କର୍ମଠଙ୍କୁ ପ୍ରତାଡ଼ନା ଦେଉଛନ୍ତି। ସେଥିପାଇଁ ଅନ୍ତିମ ସଂସ୍କାର କରାଯାଉ ନାହିଁ।

ସନ୍ଦୀପଙ୍କ ଅନୁଯାୟୀ, ଦେଶ ଏବଂ ସମାଜ ପାଇଁ ଆଗକୁ ବଢ଼ିବା ବହୁତ ଜରୁରୀ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଦୁର୍ନୀତି ବିରୋଧୀ ଲଢେଇକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଆମ ଶରୀରରେ ଦେଶଭକ୍ତି ଭରି ହୋଇ ରହିଛି ବୋଲି ଭୁଲି ଯାଇଛନ୍ତି। ମୋ ଭଳି ଶହେ ଜୀବନ ବାଜି ଲଗାଇ ଦେବୁ ପଛେ ଦେଶକୁ ନଇଁବାକୁ ଦେବୁନି। ସତ୍ୟର ହିଁ ବିଜୟ ହେବ। ଏହ ଲଢେଇ ପାଇଁ ମୁଁ ପ୍ରଥମ ଆହୂତି ଦେଉଛି। ଅନ୍ୟପକ୍ଷରେ ପୁରନ ମୃତ୍ୟୁ ପୂର୍ବରୁ ଅନେକ ଆଇଏଏସ, ଆଇପିଏସ ଅଧଇକାରୀଙ୍କ ସମେତ ଓକିଲଙ୍କ ସହ କଥା ହୋଇଥିଲେ ବୋଲି ଜଣାପଡ଼ିଛି।

### ସରକାର ତାମସା ବନ୍ଦ କରନ୍ତୁ: ରାହୁଲ

ହରିୟାଣାର ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୁରନଙ୍କ ଆତ୍ମହତ୍ୟାକୁ ୭ ଦିନ ବିତିଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ମୃତଦେହର ବ୍ୟବଚ୍ଛେଦ ହୋଇପାରି ନାହିଁ। ଏହି ଘଟଣାକୁ ନେଇ ଅଡୁଆ ବଢୁଥିବାବେଳେ ଛିଡ଼ିବାର ନା ଧରୁନି। ମଙ୍ଗଳବାର ସକାଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୀଡ଼ିତଙ୍କ ପରିବାରକୁ ସାକ୍ଷାତ କରିଛନ୍ତି। ଏହି ସମୟରେ ରାହୁଲ କହିଥିଲେ ଯେ ସରକାର ତାମସା ବନ୍ଦ କରନ୍ତୁ। ଆଇପିଏସଙ୍କ ପରିବାର ଉପରେ ଚାପ ପକାଯାଉଛି। ଏପରି ନ ହେବା ଉଚିତ। ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଉ ଏବଂ ଦିବଂଗତକୁ ଅପମାନିତ କରା ନ ଯାଉ।

## ୧୦% କମିଶନ ଲାଗି ଗଲା ୨୫ ଶିଶୁଙ୍କ ଜୀବନ

# ୨.୫୬ ଟଙ୍କା ପାଇଁ ଡାକ୍ତର ଲେଖୁଥିଲେ କୋଲ୍‌ଡ୍ରିଫ

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଲୋକଙ୍କ ବିଶ୍ୱାସରେ ବିଷ ଦେଇ ଚାଲିଥିବା କମିଶନ ଖେଳର ପର୍ଦ୍ଦାଫାସ ହୋଇଛି। କୋଲ୍‌ଡ୍ରିଫ କଫ ସିରପକୁ ନେଇ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଏଥିରେ ଦେଶରେ ମେଡିସିନ୍ ଲେଖିବା ପାଇଁ ଚାଲିଥିବା କମିଶନ ଖେଳର ପର୍ଦ୍ଦାଫାସ ହୋଇଛି। ସାମାନ୍ୟ କିଛି ଟଙ୍କାର ଲୋଭ ପାଇଁ ଡାକ୍ତର ରୋଗୀଙ୍କ ଜୀବନ ସହ ଖେଳିଥିଲେ। ମାତ୍ର ୧୦ ପ୍ରତିଶତ କମିଶନ ପାଇଁ ଡାକ୍ତର ଶିଶୁଙ୍କୁ ଏହି ବିଷାକ୍ତ କୋଲ୍‌ଡ୍ରିଫ ସିରପ ଲେଖୁଥିବା ଜଣାପଡ଼ିଛି। ଯେତିକି ଟଙ୍କା ଏହି କଫ ସିରପ ଲେଖିବା ପାଇଁ ଡାକ୍ତର ନେଉଥିଲେ ତାହାକୁ କେହି ସହଜରେ ବି ବିଶ୍ୱାସ କରିପାରିବେ ନାହିଁ। କେତେ ଟଙ୍କାରେ ଶିଶୁଙ୍କ ଜୀବନକୁ ବିକ୍ରି କରିଦିଆଗଲା ତାହା ବି କେହି କଳନା କରିପାରିବେନି। ଡାକ୍ତର ଲେଖିଥିବା କଫ ସରିପ ପିଇ ମଧ୍ୟପ୍ରଦେଶରେ ୨୩ ଶିଶୁ ପ୍ରାଣ ହରାଇ ଥିଲେ। ଗୋଟିଏ କଫ ସିରପ ପାଇଁ ଡାକ୍ତରଙ୍କୁ ୧୦ ପ୍ରତିଶତ ତଥା ମାତ୍ର ୨ଟଙ୍କା ୫୪ ପଇସା କମିଶନ ମିଳୁଥିଲା। ଏହି କଫ ସିରପ ବୋତଲ ମାତ୍ର ୨୪.୫୪ ଟଙ୍କାରେ ବିକ୍ରି ହେଉଥିଲା। ଏହାକୁ ଲେଖୁଥଇବାରୁ ପ୍ରତ୍ୟେକ ବୋଟଲ ପିଛା ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଡାକ୍ତରଙ୍କୁ ୨ଟଙ୍କା ୫୪ ପଇସା କମିଶନ ପ୍ରଦାନ କରୁଥିଲା।

ପୁଲିସ ଅଭିଯୋଗ କରିଛି ଯେ ପରାସିଆର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁତୟନ ଶିଶୁରୋଗ ଡାକ୍ତର ପ୍ରବୀଣ ସୋନି କ୍ରମାଗତ ଭାବେ କୋଲ୍ଡରିଫ ଲେଖିବା ଜାରି ରଖିଥିଲେ। କେନ୍ଦ୍ର ପକ୍ଷରୁ ଫିକ୍ସଡ-ଡୋଜ କମ୍ବିନେସନ (ଏଫଡିସି) ନିଷିଦ୍ଧ କରାଯାଇଥିବାବେଳେ ସେ ଘରୋଇ ଭାବେ ରୋଗୀ ଦେଖୁଥିବାବେଳେ ଏହାକୁ ଲେଖୁଥିଲେ। ଏହା ପିଇ ଶିଶୁଙ୍କ ଜୀବନ ଯାଉଥିବା ଜାଣି ବି ସୋନି ଏପରି କରୁଥିଲେ। ତାମିଲନାଡୁର ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଦ୍ୱାରା ପ୍ରସ୍ତୁତ କୋଲଡ୍ରିଫରେ ଡାଇଏଥିଲିନ ଗ୍ଲାଇକଲ (ଡିଇଜି) ମାତ୍ରା ଧାର୍ଯ୍ୟ ସୀମାଠାରୁ ୫୦୦ ଗୁଣ ଅଧିକ ଥିଲା। ଏହା ଶିଶୁଙ୍କ କିଡ୍‌ନୀ (ବୃକକ) ଉପରେ ପ୍ରଭାବ ପକାଉ ଥିଲା। ଫଳରେ ଶିଶୁଙ୍କ ଜୀବନ ଯାଇଥିଲା।

### ଭାରତର ତିନି କଫ ସିରପ ବିରୋଧରେ 'ହୁ'ରେ ଚେତାବନୀ

### କୋଲଡ୍ରିଫ, ରେସ୍ପିଫ୍ରେସ ଟିଆର, ରିଲାଇଫ ସାମିଲ



ଏବେ ଡ. ସୋନି ଏବଂ ଶ୍ରୀସେନର ମାଲିକ ରଙ୍ଗନାଥନ ପୁଲିସ ହେପାଜତରେ ଅଛନ୍ତି। ତାମିଲନାଡୁ ସରକାର ଏହି କମ୍ପାନୀକୁ ବନ୍ଦ କରିଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କମ୍ପାନୀର ବିଭିନ୍ନ ଠିକଣାରେ ଚଢ଼ଉ କରିଛି। ଅନ୍ୟପକ୍ଷରେ ଭାରତର ତିନି ଅପମିଶ୍ରିତ କଫ ସିରପକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସୋମବାର ଚେତାବନୀ ଜାରି କରିଛି। ଏଥିରେ ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସର କୋଲଡ୍ରିଫ, ରେଡନେକ୍ସ ଫାର୍ମାସ୍ୟୁଟିକାଲ୍ସର ରେସ୍ପିଫ୍ରେଶ ଟିଆର ଏବଂ ସେପ ଫାର୍ମାର ରିଲାଇଫ ସାମିଲ ରହିଛି। 'ହୁ' ପକ୍ଷରୁ କୁହାଯାଇଛି ଯେ ଏହି ତିନୋଟି କଫ ସିରପ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ଏହା ଜୀବନ ପାଇଁ ବିପଦ ସୃଷ୍ଟି କରୁଥିବା ରୋଗର କାରଣ ପାଲଟି ପାରେ। ଯଦି ଏହି ଔଷଧ ମିଳୁଛି ତେବେ ଏହାର ସୂଚନା ଦେବା ପାଇଁ 'ହୁ' ସବୁ ଦେଶଙ୍କୁ କହିଛି।

ଅକ୍ଟୋବର ୯ରେ ଏହି ସିରପକୁ ନେଇ 'ହୁ' ଭାରତକୁ ଜବାବ ମାଗିଥିଲା। କୌଣସି ଦେଶକୁ ଏହା ପଠା ଯାଇଛି କି ନାହିଁ ତାହାର ଉତ୍ତର ମାଗିଥିଲା। ଭାରତରେ ଔଷଧ ଉପରେ ନଜର ରଖୁଥିବା ସିଡିଏସସିଓ ପକ୍ଷରୁ ଏ ନେଇ କୁହାଯାଇଥିଲା ଯେ କୌଣସି ଅପମିଶ୍ରିତ ଔଷଧ ବାହାରକୁ ପଠାଯାଇ ନାହିଁ।

## ବାଂଲାଦେଶ, ନେପାଳ ପରେ ମାଡାଗାସ୍କର

# କ୍ଷମତା ବଦଳାଇଦେଲେ ଜେନ୍-ଜେଡ୍

ଅଣ୍ଟାନାନରିଭୋ, ୧୪।୧୦ (ଏଜେନ୍ସି): ପୁଣି ଜେନ୍-ଜେଡ୍ ଗୋଷ୍ଠୀ ଏକ ଦେଶରେ ରାଜନୈତିକ ପରିବର୍ତ୍ତନ ଆଣିଛନ୍ତି। ଚଳିତ ଥର ଏହି ଆନ୍ଦୋଳନ ଏସିଆରୁ ଆଫ୍ରିକାକୁ ବ୍ୟାପି ଯାଇଛି। ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ମାଡାଗାସ୍କରରେ ଜେନ୍-ଜେଡ୍ ଏକତା ପ୍ରଦର୍ଶନ କରି ସରକାରଙ୍କୁ ଗାଦିଚ୍ୟୁତ କରିଛନ୍ତି। ଜଳାଭାବରୁ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ପ୍ରଦର୍ଶନ ରାଷ୍ଟ୍ରପତି ଏଣ୍ଡ୍ରି ରାଜୋଏଲିନା ଦେଶା ଛାଡ଼ି ଫେରାର ହେବା ପରେ ଶାନ୍ତ ହୋଇଛି। ବିକ୍ଷୋଭକାରୀଙ୍କୁ ସେନାର ସମର୍ଥନ ମିଳିବା ପରେ ରାଷ୍ଟ୍ରପତି ଦେଶ ଛାଡ଼ି ପଳାଇଥିବା ବିରୋଧୀ ଦଳ ନେତା ସିଟେନି ରନ୍ଦ୍ରିୟାନା ସୋଲୋନିକୋ କହିଛନ୍ତି। ରାଷ୍ଟ୍ରପତି ସେନା ବିମାନରେ ଫ୍ରାନ୍ସ ପଳାଇ ଯାଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ସୋମବାର ରାତିରେ ରାଷ୍ଟ୍ରପତି ସମ୍ବୋଧନ କରିବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା।

### ଜଳାଭାବରୁ ଆରମ୍ଭ ହୋଇଥିଲା ବିକ୍ଷୋଭ

### ସେନା ବିମାନରେ ଫ୍ରାନ୍ସ ପଳାଇଲେ ରାଷ୍ଟ୍ରପତି

ରିପୋର୍ଟ ଅନୁଯାୟୀ, ରବିବାର ଫ୍ରାନ୍ସ ସେନା ବିମାନରେ ଏଣ୍ଡ୍ରି ଦେଶ ଛାଡ଼ି ପଳାଇଛନ୍ତି। ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ଏକ ଚୁକ୍ତି କରିଥିଲେ ବୋଲି କୁହାଯାଉଛି। ସେନାର ସବୁଠାରୁ ଶକ୍ତିଶାଳୀ ସ୍ପେସିଆଲ ୟୁନିଟ (କ୍ୟାପସାଟ) ସମର୍ଥନ ଦେବାକୁ ମନା କରିବାରୁ ଏଣ୍ଡ୍ରିଙ୍କ ସ୍ଥିତି ଦୁର୍ବଳ ହୋଇ ଯାଇଥିଲା। ଏହି ୟୁନିଟ ୨୦୦୯ ର ପଟ ପରିବର୍ତ୍ତନ ପରେ କ୍ଷମତା ହାସଲ କରିବାରେ ତାଙ୍କୁ ସହାୟତା କରିଥିଲା। ଏବେ ସେହି କ୍ୟାପସାଟ ବିକ୍ଷୋଭକାରୀଙ୍କୁ ସୁରକ୍ଷା ଦେଇଥିଲା। କ୍ଷମତା ଅକ୍ତିଆର କରି ଗୁଳି ନ ଚଳାଇବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲା। ଏହା ଫଳରେ ଅନେକ ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଇଥିଲେ।

## ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୭ ୱିକେଟ୍‌ରେ ପରାସ୍ତ

# ଭାରତର କ୍ରମାଗତ ୧୦ମ ଟେଷ୍ଟ ସିରିଜ୍ ବିଜୟ




ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି । ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୧୪୦ ରନରେ ଜିତିଥିବା ଘରୋଇ ଭାରତ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି । ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ଏହା କ୍ରମାଗତ ୧୦ମ ଟେଷ୍ଟ ସିରିଜ ବିଜୟ ହୋଇଛି । ୨୦୦୨ରୁ ଏହି ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ସମସ୍ତ ଟେଷ୍ଟ ସିରିଜକୁ ଭାରତ ଜିତିଛି । ଏଥିସହ ଗୋଟିଏ ଦେଶ ବିପକ୍ଷରେ କ୍ରମାଗତ ଭାବେ ସର୍ବାଧିକ ଟେଷ୍ଟ ସିରିଜ ଜିତିବାରେ ଦକ୍ଷିଣ ଆଫ୍ରିକା ସହ ଭାରତ ସମକକ୍ଷ ହୋଇଛି । ଦକ୍ଷିଣ ଆଫ୍ରିକା ଦଳ ୧୯୯୮ରୁ ୨୦୨୪ ମଧ୍ୟରେ ୱେଷ୍ଟଇଣ୍ଡିଜ ସହ ଖେଳାଯାଇଥିବା ସମସ୍ତ ୧୦ଟି ସିରିଜ ଜିତିଥିଲା ।

ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୧୨୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ସୋମବାର ଚତୁର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୬୩ ରନ ସଂଗ୍ରହ କରିଥିଲା । ମଙ୍ଗଳବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସରେ ଭାରତ ବିଜୟ ଲାଗି ଆବଶ୍ୟକ ଥିବା ୫୮ ରନ ଲାଗି ଆଉ ୨ଟି ୱିକେଟ ହରାଇଥିଲା । ଲୋକେଶ ରାହୁଲ ୫୮ ଓ ଧ୍ରୁବ ଜୁରେଲ ୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ । ପୂର୍ବରାତିରୁ ଅପରାଜିତ ରହିଥିବା ସାଇ ସୁଦର୍ଶନ ୩୯ ରନରେ ଆଉଟ୍ ହୋଇଥିଲେ । ସେହିଭଳି ଅଧିନାୟକ ଶୁବମନ ଗିଲ୍ ମଧ୍ୟ ୧୩ ରନ କରି ପ୍ରତିପକ୍ଷ ଅଧିନାୟକ ରୋଷ୍ଟନ ଚେଜଙ୍କ ଶିକାର ହୋଇଥିଲେ । ୱେଷ୍ଟଇଣ୍ଡିଜ ପାଇଁ ଚେଜ୍ ୨ଟି ଓ ଜାମେଲ ୱାରିକାନ ଗୋଟିଏ ୱିକେଟ୍ ପାଇଥିଲେ । ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଯଶସ୍ୱୀ ଜୟସ୍ୱାଲ (୧୭୫) ଓ ଶୁବମନ (୧୨୯)ଙ୍କ ଶତକ ବଳରେ ୫ ୱିକେଟରେ ୫୧୮ ରନ କରି ପ୍ରଥମ ଇନିଂସ ଘୋଷଣା କରିଥିଲା । ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୪୮ ରନରେ ସୀମିତ ରହି ଫଲୋଅନ ହୋଇଥିଲା । ଫଲୋଅନ ପରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ପାଳିରେ ଜନ୍ କ୍ୟାମ୍ପବେଲ୍ (୧୧୫) ଓ ସାଇ ହୋପ୍ (୧୦୩)ଙ୍କ ଶତକ ସହାୟତାରେ ୩୯୦ ରନର ସମ୍ମାନଜନକ ସ୍କୋର କରିଥିଲା । ଏଠାରେ ମୋଟ୍ ୮ଟି ୱିକେଟ୍ ନେଇଥିବା କୁଳଦୀପ୍ ଯାଦବ ମ୍ୟାଚର ଏବଂ ୮ ୱିକେଟ୍ ସହ ୧୦୪ ରନ କରିଥିବା ରବୀନ୍ଦ୍ର ଜାଡେଜା ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଜାଡେଜା ତାଙ୍କ ଟେଷ୍ଟ କ୍ୟାରିୟରରେ ୩ୟଥର ଲାଗି ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି । ଏଥିପୂର୍ବରୁ ସେ ୨୦୧୭ ଓ ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

### ୧୯ରୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଆରମ୍ଭ

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିବା ପରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆ ଗସ୍ତ କରିବ । ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଆସନ୍ତା ସପ୍ତାହରୁ ସୀମିତ ଓଭର ସିରିଜ ଖେଳିବ । ଅକ୍ଟୋବର ୧୯ରୁ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ । ଏହାପରେ ପାଞ୍ଚମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ କାନବେରାରୁ ଆରମ୍ଭ ହେବ ।

### ଗୋଟିଏ ଦଳ ବିପକ୍ଷରେ କ୍ରମାଗତ ଟେଷ୍ଟ ସିରିଜ ବିଜୟ

| ଦଳ | ସିରିଜ | ପ୍ରତିପକ୍ଷ | ସମୟ |
|---|---|---|---|
| ଭାରତ | ୧୦ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଦ.ଆଫ୍ରିକା | ୧୦ | ୱେଷ୍ଟଇଣ୍ଡିଜ | ୧୯୯୮-୨୪ |
| ଅଷ୍ଟ୍ରେଲିଆ | ୯ | ୱେଷ୍ଟଇଣ୍ଡିଜ | ୨୦୦୦-୨୨ |
| ଅଷ୍ଟ୍ରେଲିଆ | ୮ | ଇଂଲଣ୍ଡ | ୧୯୮୯-୨୦୦୩ |
| ଶ୍ରୀଲଙ୍କା | ୮ | ଜିମ୍ବାୱେ | ୧୯୯୬-୨୦ |

### ଭାରତ ମାଟିରେ କ୍ରମାଗତ ଟେଷ୍ଟ ମ୍ୟାଚ୍ ପରାଜୟ

| ମ୍ୟାଚ୍ | ଦଳ | ସମୟ |
|---|---|---|
| ୭ | ଅଷ୍ଟ୍ରେଲିଆ | ୨୦୦୮-୧୩ |
| ୬ | ଶ୍ରୀଲଙ୍କା | ୧୯୮୬-୯୪ |
| ୬ | ନ୍ୟୁଜିଲାଣ୍ଡ | ୨୦୧୦-୧୬ |
| ୬ | ୱେଷ୍ଟଇଣ୍ଡିଜ | ୨୦୧୩-୨୫ |

### ଟେଷ୍ଟରେ ଗୋଟିଏ ଦଳ ବିପକ୍ଷରେ ସର୍ବାଧିକ ଅପରାଜେୟ ଧାରା

| ଦଳ | ମ୍ୟାଚ୍ | ପ୍ରତିପକ୍ଷ | ସମୟ |
|---|---|---|---|
| ଇଂଲଣ୍ଡ | ୪୭ | ନ୍ୟୁଜିଲାଣ୍ଡ | ୧୯୩୦-୭୫ |
| ଇଂଲଣ୍ଡ | ୩୦ | ପାକିସ୍ତାନ | ୧୯୬୧-୮୨ |
| ୱେଷ୍ଟଇଣ୍ଡିଜ | ୨୯ | ଇଂଲଣ୍ଡ | ୧୯୭୬-୮୮ |
| ଭାରତ | ୨୭ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଅଷ୍ଟ୍ରେଲିଆ | ୨୪ | ଦ.ଆଫ୍ରିକା | ୧୯୧୧-୫୨ |
| ୱେଷ୍ଟଇଣ୍ଡିଜ | ୨୪ | ଭାରତ | ୧୯୪୮-୭୧ |

## ଜାତୀୟସ୍ତରରେ ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରୀ ଜିତିଲେ ୩ ପଦକ



ଭୁବନେଶ୍ୱର, ୧୪ ।୧୦ (ସମିସ): ଦୁଇ ଦୁଇଟି ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରୀମାନେ ୩ଟି ପଦକ ବିଜୟୀ ହୋଇଛନ୍ତି । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ୧୮ତମ ସିନିଅର ଜାତୀୟ ଗେଟବଲ୍ ଚାମ୍ପିଅନସିପ୍‌ରେ ମହାବିଦ୍ୟାଳୟର ଛାତ୍ରୀ ନମ୍ରତା କର୍ଣ୍ଣାଲ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ମହିଳା ଦଳର ସଦସ୍ୟା ରହିଥିଲେ । ସେହିଭଳି ନମ୍ରତା ବ୍ୟକ୍ତିଗତ ଭାବେ ମଧ୍ୟ ରୌପ୍ୟ ପଦକ ସଫଳତା ପାଇଥିଲେ । ସେହିଭଳି ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ୩୪ତମ ସର୍ବଭାରତୀୟ ଜିଭି ମାଭାଲାଙ୍କର ସୁଟିଂ ଚାମ୍ପିଅନସିପ୍‌ରେ ରଶ୍ମୀ ବାଗ ରୌପ୍ୟ ପଦକ ଜିତିଛନ୍ତି । ସେ କନିଷ୍ଠ ମହିଳା ୫୦ ମିଟର ସୁଟିଂ ଇଭେଣ୍ଟରେ ଦ୍ୱିତୀୟ ହୋଇଥିଲେ । ଉଭୟ ନମ୍ରତା ଓ ରଶ୍ମୀ ବର୍ତ୍ତମାନ ଅଞ୍ଚଳ ମହାବିଦ୍ୟାଳୟରେ ଯଥାକ୍ରମେ ସ୍ନାତକ ଶିକ୍ଷା ବିଭାଗର ପ୍ରଥମ ବର୍ଷ ଓ ସ୍ନାତକ ଇତିହାସ ବିଭାଗର ଅନ୍ତିମ ବର୍ଷର ଛାତ୍ରୀ । ଏହି ସଫଳତା ଲାଗି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶ, କ୍ରୀଡ଼ା ସଂସଦର ଉପ-ସଭାପତି ଅଧ୍ୟାପକ ଷଡ଼ାନନ ଭୋଇ, ଖେଳ ଶିକ୍ଷକ ସଦାନନ୍ଦ ସାହୁ ଓ ସମସ୍ତ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା ଦୁଇ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଆଇସିସି ମହିଳା ବିଶ୍ୱକପ୍‌ରେ ବର୍ଷା ବାଧକ ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡକୁ ୧-୧ ପଏଣ୍ଟ

କଲମ୍ବୋ, ୧୪ ।୧୦ (ଏଜେନ୍ସି): ମଙ୍ଗଳବାର ଘରୋଇ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚ ବର୍ଷା ଲାଗି ବାତିଲ ହୋଇଛି । ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏ ପାଇଛନ୍ତି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୬ ୱିକେଟ ହରାଇ ୨୫୮ ରନ ସଂଗ୍ରହ କରିଛି । ଦଳ ପକ୍ଷରୁ ଅଧିନାୟିକା ଚାମିରା ଆଟାପାଟ୍ଟୁ ୫୩ ଓ ନୀଳାକ୍ଷୀ ଡି ସିଲଭା ୨୮ ବଲରେ ଅପରାଜିତ ୫୫ ରନର ପାଳି ଖେଳିଥିଲେ । ନ୍ୟୁଜିଲାଣ୍ଡର ଅଧିନାୟିକା ସୋଫି ଡିଭାଇନଙ୍କୁ ୩ଟି ୱିକେଟ୍ ମିଳିଥିଲା । ଏହାପରେ ବର୍ଷା ଲାଗି ରହିବାରୁ ନ୍ୟୁଜିଲାଣ୍ଡ ଇନିଂସ ଆରମ୍ଭ ହୋଇପାରି ନ ଥିଲା । ବୁଧବାର ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ସୁଲତାନ ଜୋହର କପ୍‌ରେ ହାତ ମିଳାଇଲେ ଭାରତ-ପାକିସ୍ତାନ ଖେଳାଳି

ଜୋହର ବହରୁ, ୧୪ ।୧୦ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ବାଳକ ହକି ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଛି । ନିର୍ଦ୍ଧାରିତ ୬୦ ମିନିଟ୍ ସମୟ ମଧ୍ୟରେ ଦୁଇ ଦଳ ୩ଟି ଲେଖାଏ ଗୋଲ୍ ସ୍କୋର କରିଥିଲେ । ଫଳରେ ମ୍ୟାଚ୍ ୩-୩ରେ ସମାପ୍ତ ହୋଇଥିଲା । ଭାରତ ପକ୍ଷରୁ ଅରଜିତ୍ ସିଂ ହୁଣ୍ଡାଲ, ସୌରଭ ଆନନ୍ଦ ଓ ମନମିତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ଫଳରେ ଦୁଇ ଦଳ ଗୋଟିଏ ଲେଖାଏ ପଏଣ୍ଟ ଅର୍ଜନ କରିଛନ୍ତି । ଭାରତ ୩ଟି ମ୍ୟାଚରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ମ୍ୟାଚରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଳାଇବା ଘଟଣା ସବୁଠୁ ଚର୍ଚ୍ଚାର ବିଷୟ ରହିଥିଲା । ଅପରେସନ ସିନ୍ଦୁର ପରେ ଗତ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଶାଇ ନ ଥିଲେ । ଯାହାକୁ ନେଇ ବଡ଼ ବିବାଦ ଦେଖାଦେଇଥିଲା ।

## ବାରବାଟୀରେ ଓଡ଼ିଶାର 'ବରୋଦା' ପରୀକ୍ଷା



କଟକ,୧୪।୧୦(ସମିସ): ୫ଥର ରଣଜୀ ଟ୍ରଫି ବିଜେତା ବରୋଦା ବିପକ୍ଷ ମ୍ୟାଚ୍‌ରୁ ଚଳିତ ରଣଜୀ ଟ୍ରଫି ଅଭିଯାନ ଆରମ୍ଭ କରିବ ଓଡ଼ିଶା । ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବୁଧବାରଠାରୁ ମ୍ୟାଚ୍ ଖେଳାଯିବ । ବିଗତ ୧୩ ବର୍ଷରେ ଉଭୟ ଦଳ ୫ଥର ମୁହାଁମୁହିଁ ହୋଇଥିବାବେଳେ ବରୋଦା ଅପରାଜେୟ ରହିଛି । ପୁଣିଥରେ ରାଜ୍ୟ ଦଳର ମଙ୍ଗ ଧରିଥିବା ଶୁଭ୍ରାଂଶୁ ଶେଖର ସେନାପତି ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିଛନ୍ତି । ବାରବାଟୀର ନାଲିମାଟି ପିଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବାକୁ କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି । ଅନ୍ୟପକ୍ଷରେ ଦଳରେ ତିନି ନବାଗତ ସ୍ଥାନ ପାଇଥିବାବେଳେ ଗୌରବ ଚୌଧୁରୀ ବୁଧବାର ପଦାର୍ପଣ କରିବା ନେଇ ଆଶା ରହିଛି ।

ଭାରତୀୟ ଘରୋଇ କ୍ରିକେଟର ସିଜନ୍ ଚଳିତଥର ରଣଜୀ ଟ୍ରଫିରୁ ଆରମ୍ଭ ହେଉଛି । ବାରବାଟୀ ଷ୍ଟାଡିୟମରେ ଶକ୍ତିଶାଳୀ ବରୋଦାକୁ ପ୍ରଥମ ମୁକାବିଲାରେ ଓଡ଼ିଶା ଭେଟିବ । ୨୦୧୨ରୁ ଇତି ମଧ୍ୟରେ ଏହି ଦୁଇ ଦଳ ଭିତରେ ଖେଳାଯାଇଥିବା ୫ଟି ମ୍ୟାଚରୁ ୩ଟି ମ୍ୟାଚ୍‌ରେ ବରୋଦାକୁ ସହଜ ବିଜୟ ମିଳିଥିବା ବେଳେ ୨ଟି ମ୍ୟାଚ୍ ଡ୍ର ରହିଛି । ଏପରିକି ଗତ ସଂସ୍କରଣରେ ବରୋଦାକୁ ଇନିଂସ୍ ବିଜୟ ମିଳିଥିଲା । ୨୯ ବର୍ଷୀୟ ଅତିତ ସେଠ୍ ଚଳିତଥର ବରୋଦା ଦଳର ନେତୃତ୍ୱ ନେଉଛନ୍ତି । ଉପଅଧିନାୟକ ଭାର୍ଗବ ଭଟ୍ଟ, ଜ୍ୟୋତ୍ସ୍ନିଲ ସିଂହ,ମହେଶ ପିଠିଆ, ବିଷ୍ଣୁ ସୋଲାଙ୍କି, ଲୁକମାନ ମେରିୱାଲା ଭଳି ଚର୍ଚ୍ଚିତ ଖେଳାଳି ଦଳରେ ରହିଛନ୍ତି । ତେବେ ବାରାବାଟୀରେ ବରୋଦାକୁ ଚ୍ୟାଲେଞ୍ଜ ଦେବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ କହିଛନ୍ତି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଉପଅଧିନାୟକ ସ୍ୱସ୍ତିକ ସାମଲଙ୍କ ସହ ନବାଗତ ଗୌରବ ଚୌଧୁରୀ ଓପନିଂ ସମ୍ଭାଳିପାରନ୍ତି । ଏକଦିବଦସୀୟ ଏବଂ ଟି-୨୦ ଫର୍ମାଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଥିବା ଗୌରବ ରଣଜୀ ଟ୍ରଫିରେ ପଦାର୍ପଣ କରି ପାରନ୍ତି । ଏହାଛଡ଼ା ନବାଗତ ବାଦଲ ବିଶ୍ୱାଳଙ୍କୁ ମଧ୍ୟ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି ।

## ଏସୀୟ ଟିଟି: ଭାରତୀୟ ପୁରୁଷ ୬ଷ୍ଠ, ମହିଳା ୮ମ

ଭୁବନେଶ୍ୱର, ୧୪ ।୧୦ (ସମିସ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏସିଆନ୍ ଟେବଲ ଟେନିସ ଚାମ୍ପିଅନସିପ୍‌ରେ ପଦକ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଘରୋଇ ଭାରତୀୟ ପୁରୁଷ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି । ମଙ୍ଗଳବାର କ୍ଲାସିଫିକେଶନ ମ୍ୟାଚରେ ପୁରୁଷ ଦଳ ୩-୦ରେ ଦକ୍ଷିଣ କୋରିଆଠାରୁ ମହିଳା ଦଳ ୩-୨ରେ ହଂକଂ ନିକଟରୁ ହାରିଥିଲା । ଅପରପକ୍ଷରେ ବୁଧବାର ଉଦ୍‌ଯାପନୀ ଦିବସରେ ଚୀନ ଓ ଜାପାନ ମଧ୍ୟରେ ମହିଳା ବିଭାଗ ଫାଇନାଲ ଖେଳାଯିବ । ପୁରୁଷ ବିଭାଗର ପ୍ରଥମ ସେମିରେ ହଂକଂ ୩-୨ରେ ଚାଇନିଜ ତାଇପେଇକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛି । ଚୀନ ଓ ଜାପାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ ।

## ଜାତୀୟ ଆଥ୍‌ଲେଟିକ୍ସରେ ତାମିଲନାଡୁର ବାଜିମାତ୍

ଭୁବନେଶ୍ୱର, ୧୪ ।୧୦ (ସମିସ): ଜାତୀୟ ଜୁନିଅର ଆଥ୍‌ଲେଟିକ୍ସର ୪୦ତମ ସଂସ୍କରଣ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି । ଏଥିରେ ଓଭରଅଲ୍ ତାମିଲନାଡୁ ୨୮୯ ପଏଣ୍ଟ ରଖି ଚାମ୍ପିଅନ ହୋଇଛି । ୨୮୭ ପଏଣ୍ଟ ସହ ହରିୟାଣା ରନର୍ସଅପ୍ ହୋଇଛି । ଅନ୍ତିମ ଦିବସରେ ଓଡ଼ିଶାର ଆନି ସାଲବାମ ୧୬ ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋ'ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ । ଓଡ଼ିଶା ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତିଛି ।




# ଆଜିଠୁ ରଣଜୀ ଟ୍ରଫିର ୯୧ତମ ସଂସ୍କରଣ



ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି । ଆସନ୍ତା ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଚଳିତ ରଣଜୀ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ । ଅକ୍ଟୋବର ୧୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହେବ । ଏହାପରେ ଜାନୁଆରୀ ୨୨ରୁ ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଅନ୍ତିମ ତଥା ଦ୍ୱିତୀୟ ପର୍ଯ୍ୟାୟ ଖେଳ ଅନୁଷ୍ଠିତ ହେବ । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ରହିଥିବା ସମୟରେ ସୟଦ ମୁସ୍ତାକ ଅଲି ଟ୍ରଫି (ଟି-୨୦) ଓ ବିଜୟ ହଜାରେ ଟ୍ରଫି (ଦିନିକିଆ) ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

ଏଥର ରଣଜୀ ଟ୍ରଫିରେ ମୋଟ୍ ୩୮ ଗୋଟି ଦଳ ଅଂଶଗ୍ରହଣ କରିବେ । ସେମାନଙ୍କ ମଧ୍ୟରୁ ୩୨ଟି ଦଳ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି । ସେହିଭଳି ଅନ୍ୟ ୬ଟି ଦଳ ପ୍ଲେଟ୍ ଡିଭିଜନରେ ଖେଳିବେ । ଏଲିଟ୍ ପର୍ଯ୍ୟାୟରେ ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଅନୁଷ୍ଠିତ ହେବ । ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ପ୍ରଥମ ରାଉଣ୍ଡରେ ୧୯ଟି ମ୍ୟାଚ୍ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯିବ । ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବେଙ୍ଗାଲୁରୁରେ ନାଗାଲାଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ସେହିଭଳି ରେକର୍ଡ ୪୨ଥରର ବିଜେତା ମୁମ୍ବାଇ ପ୍ରଥମ ମ୍ୟାଚରେ ଘରୋଇ ଜମ୍ମୁ କାଶ୍ମୀରକୁ ଶ୍ରୀନଗରରେ ଭେଟିବ । ଗତ ସଂସ୍କରଣର ଉପବିଜେତା କେରଳା ପ୍ରଥମ ମ୍ୟାଚରେ ମହାରାଷ୍ଟ୍ର ସହ ଖେଳିବ ।

### ଏଲିଟ୍ ଗ୍ରୁପ୍ ତାଲିକା

**ଗ୍ରୁପ୍-ଏ**: ଓଡ଼ିଶା, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ, ବରୋଦା, ନାଗାଲାଣ୍ଡ, ବିଦର୍ଭ
**ଗ୍ରୁପ୍-ବି**: ସୌରାଷ୍ଟ୍ର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଗୋଆ, ଚଣ୍ଡିଗଡ଼, ମଧ୍ୟପ୍ରଦେଶ ଓ ପଞ୍ଜାବ
**ଗ୍ରୁପ୍-ସି**: ରେଳବାଇ, ହରିୟାଣା, ବେଙ୍ଗଲ, ଉତ୍ତରାଖଣ୍ଡ, ଗୁଜରାଟ, ଆସାମ, ସର୍ଭିସେସ, ତ୍ରିପୁରା
**ଗ୍ରୁପ୍-ଡି**: ହାଇଦରାବାଦ୍, ଦିଲ୍ଲୀ, ରାଜସ୍ଥାନ, ଛତିଶଗଡ଼, ଜମ୍ମୁ କାଶ୍ମୀର, ମୁମ୍ବାଇ, ପୁଡୁଚେରୀ, ହିମାଚଳ ପ୍ରଦେଶ
**ପ୍ଲେଟ ଗ୍ରୁପ୍**: ବିହାର, ଅରୁଣାଚଳ ପ୍ରଦେଶ, ସିକ୍କିମ, ମଣିପୁର, ମେଘାଳୟ, ମିଜୋରାମ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS